# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଜୁନ୍ ୨୮/୨୦୧୯ (୧୬ ପୃଷ୍ଠା) Dhenkanal, Friday, June 28 / 2019 ★★★★★

୧୫ଶ ଭାଗ ୧୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ**

ରାଜକୋଟଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି ଓଡ଼ିଶାର ପ୍ରତ୍ୟାଶା ରୟ। **୧୫**

୧୨


**ମାଲୟାଲମ୍ ଫିଲ୍ମରେ ଗୀତ ଗାଇଲେ ପ୍ରିୟା**

ଯାହାଙ୍କ ଆଖିମରା ଦୃଶ୍ୟ ଲକ୍ଷଲକ୍ଷ ଦର୍ଶକଙ୍କ ହୃଦୟକୁ ଜିଣିଥିଲା, ସେଇ ଚର୍ଚ୍ଚିତ ଅଭିନେତ୍ରୀ ପ୍ରିୟା ପ୍ରକାଶ ମାଲୟାଲମ୍ ଫିଲ୍ମ 'ଫାଇନାଲ୍ସ'ରେ ଗୀତ ଗାଇଛନ୍ତି।



# ତ୍ୱରାନ୍ୱିତ ହେଉଛି ଅଭିବୃଦ୍ଧି




**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

## ଅର୍ଥନୈତିକ ସର୍ଭେ ରିପୋର୍ଟ

ରାଜ୍ୟର ବିକାଶ ଦ୍ରୁତ ଗତିରେ ମାଡି ଚାଲିଛି। ହରିୟାଣା, ପଞ୍ଜାବ, କେରଳ, ଚଣ୍ଡିଗଡ, ମଧ୍ୟପ୍ରଦେଶ, ଛତିଶଗଡ , ମହାରାଷ୍ଟ୍ର ଏବଂ ଝାଡଖଣ୍ଡ ଭଳି ରାଜ୍ୟକୁ ଓଡ଼ିଶାର ବିକାଶ ହାର ଟପି ଯାଇଛି। ୨୦୧୮-୧୯ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ୮.୪ ପ୍ରତିଶତ ହୋଇଛି। ୨୦୧୭-୧୮ରେ ଏହି ଅଭିବୃଦ୍ଧି ହାର ଥିଲା ୭.୪ ପ୍ରତିଶତ। ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏକଥା କହିଛନ୍ତି ରାଜ୍ୟ ସରକାର। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ରାଜ୍ୟ ସରକାର ଗତ ୫ ବର୍ଷ ଧରି ବିକାଶ ଧାରାକୁ ଆଗେଇ ନେଉଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୧୨-୧୩ରେ କୃଷକମାନଙ୍କର ମାସିକ ଆୟ ୪ ହଜାର ୯୭୬ ଥିବା ବେଳେ ୨୦୧୬-୧୭ରେ ୭ ହଜାର ୭୩୧ ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ରେ ମୁଦ୍ରାସ୍ଫୀତି ହାର ୨.୯ ପ୍ରତିଶତ ରହିଛି, ଯାହାକି ସର୍ବଭାରତୀୟ ସ୍ତରରେ ସର୍ବନିମ୍ନ। ଏହା ଦ୍ୱାରା ରାଜ୍ୟବାସୀଙ୍କ କ୍ରୟ କ୍ଷମତା ବଢ଼ିଛି ବୋଲି ଏଥିରେ ଦର୍ଶାଯାଇଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୧୭-୧୮ରେ ରାଜ୍ୟର ମୂଲ୍ୟଭିତ୍ତିକ ଅଭିବୃଦ୍ଧି (ଜିଏସ୍‌ଭିଏ) ହାର ୭.୩ ପ୍ରତିଶତ ଥିବା ବେଳେ ୨୦୧୮-୧୯ରେ ଏହା ୭.୯ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୬-୧୭ରେ ବିନିର୍ମାଣ କ୍ଷେତ୍ର, ପାରିଶ୍ରମିକ ଓ ଦରମା ଜିଏସଭିଏର ୪୦ ପ୍ରତିଶତ ରହିଛି, ଯାହାକି ୨୦୦୬-୦୭ରେ ୨୪.୭ ପ୍ରତିଶତ ଥିଲା। ୨୦୦୭ରୁ ୨୦୧୮ ମଧ୍ୟରେ କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ଅଭିବୃଦ୍ଧି ହାର ୮.୨ ପ୍ରତିଶତ ରହିଥିବା ବେଳେ ଗତ ଆର୍ଥିକ ବର୍ଷରେ ୮.୩ ପ୍ରତିଶତ ବଢ଼ିଛି। ୨୦୧୮-୧୯ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ କୃଷି କ୍ଷେତ୍ରର ଯୋଗଦାନ ଜିଏସ୍‌ଭିଏର ୧୮.୯ ପ୍ରତିଶତ ରହିଛି। ଗତ ଆର୍ଥିକ ବର୍ଷର ଆଗୁଆ ଆକଳନ ଅନୁଯାୟୀ ଉଦ୍ୟୋଗ କ୍ଷେତ୍ରର ଯୋଗଦାନ ଜିଏସ୍‌ଭିଏର ୩୯.୫ ପ୍ରତିଶତ ରହିଛି। ରାଜ୍ୟରେ ଖଣି କ୍ଷେତ୍ରର ଉତ୍ପାଦନ ବୃଦ୍ଧି ଯୋଗୁ ଉଦ୍ୟୋଗ କ୍ଷେତ୍ରର ଅଭିବୃଦ୍ଧି ୯.୩ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ଜିଡିଏରେ ବିନିର୍ମାଣ କ୍ଷେତ୍ରର ଯୋଗଦାନ ୧୮ ପ୍ରତିଶତ ରହିଥିବା ବେଳେ ଏହା ୧୫.୮ ପ୍ରତିଶତ ହାରରେ ଆଗକୁ ବଢ଼ୁଛି। ରାଜ୍ୟ ଅର୍ଥନୀତିରେ ସେବା କ୍ଷେତ୍ର ଅବଦାନ ୪୧.୬ ପ୍ରତିଶତ ରହିଛି। ୨୦୧୮-୧୯ରେ ଏହି କ୍ଷେତ୍ର ୬.୨ ପ୍ରତିଶତ ହାରରେ ବଢ଼ିଥିବା ରିପୋର୍ଟରେ କୁହାଯାଇଛି। ତେବେ ଟେଲିକମ ଓ ମୋବାଇଲ ଫୋନ ସଂଯୋଗ କ୍ଷେତ୍ରରେ ଜାତୀୟ ସ୍ତର ଠାରୁ ରାଜ୍ୟ ଅନେକ ପଛରେ ପଡିଛି। ୨୦୧୮ ମାର୍ଚ୍ଚ ସୁଦ୍ଧା ଟେଲି ଘନତାର ଜାତୀୟ ହାର ୯୧.୦୯ ପ୍ରତିଶତ ରହିଥିବା ବେଳେ ରାଜ୍ୟରେ ଏହା ୭୯.୫୮ ହାର ରହିଛି। ୨୦୧୬-୧୭ ସୁଦ୍ଧା ରାଜ୍ୟର ୫୧,୩୧୧ରୁ ୧୧ ହଜାର ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ହେଉ ନାହିଁ। ରାଜ୍ୟରେ ରେଳ ଘନତ୍ୱ ୧୬ କି.ମି. ରହିଥିବା ବେଳେ ଅନ୍ୟ ରାଜ୍ୟରେ ୨୦ କି.ମି ହାର ରହିଛି। ରାଜ୍ୟରେ ଲୋକମାନଙ୍କର ଆୟ ବୃଦ୍ଧି ପାଉଥିବା ସରକାର କହିଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ ମୁଣ୍ଡପିଛା ଆୟ ୨୦୧୭-୧୮ରେ ୭୦,୭୯୯ ଟଙ୍କା ରହିଥିବା ବେଳେ ୨୦୧୮-୧୯ରେ ୭୫,୭୯୬ ଟଙ୍କାକୁ ବୃଦ୍ଧି ପାଇଛି। ମୁଣ୍ଡପିଛା ଆୟ ଗତ ୭ ବର୍ଷରେ ୨୮ ହଜାର ଟଙ୍କା ବଢ଼ିଥିବା ରିପୋର୍ଟରେ କୁହାଯାଇଛି। ୨୦୧୭-୧୮ରେ ରାଜ୍ୟର ବେକାରଙ୍କ ସଂଖ୍ୟା ୭.୧ ପ୍ରତିଶତ ରହିଥିବା ବେଳେ ଜାତୀୟ ସ୍ତରରେ ଏହା ୬.୧ ପ୍ରତିଶତ ରହିଛି। ସହରାଞ୍ଚଳରେ ଏହା ୮.୪ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୬.୯ ପ୍ରତିଶତ ରହିଛି।

# ଭାରତର ବୃହତ୍ ବିଜୟ



**ସଚିନ୍ ତେନ୍ଦୁଲକର ଓ ରାହୁଲ ଦ୍ରାବିଡଙ୍କ ପରେ ୩ୟ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କଲେ ବିରାଟ କୋହଲି।**

**ମାଞ୍ଚେଷ୍ଟର,୨୭।୬:** ଆଇସିସି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ବୃହତ୍ ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ଦଳ ୧୨୫ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇ ସେମିଫାଇନାଲର ନିକଟତର ହୋଇଛି। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଆଉ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଛନ୍ତି। ସେ ବିଶ୍ୱର ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିଛନ୍ତି। ୨୦ ହଜାର ରନ୍ ସଂଗ୍ରହ କରିବାକୁ କୋହଲି ୪୧୭ ଇନିଂସର ସହାୟତା ନେଇଥିଲେ। ଏହିକ୍ରମରେ ସେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ୱେଷ୍ଟଇଣ୍ଡିଜର ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି। ଉଭୟ ସଚିନ ଓ ଲାରା ୨୦ ହଜାର ଅନ୍ତର୍ଜାତୀୟ ରନ୍ ସଂଗ୍ରହ ପାଇଁ ୪୫୩ ଇନିଂସ ଖେଳିଥିଲେ। କୋହଲି ଏପର୍ଯ୍ୟନ୍ତ ୧୩୧ ଟେଷ୍ଟ, ୨୨୪ ଦିନିକିଆ ଓ ୬୨ ଟି୨୦ ମ୍ୟାଚ୍‌କୁ ମିଶାଇ ମୋଟ ୪୧୭ଟି ଇନିଂସ୍ ଖେଳିଛନ୍ତି। ଏହି କୀର୍ତ୍ତିମାନ ସ୍ପର୍ଶ କରିବା ଲାଗି କୋହଲିଙ୍କୁ ଆଉ ୩୭ ରନ୍ ଆବଶ୍ୟକ ହେଉଥିଲା। ଏହି ମ୍ୟାଚ୍ ପୂର୍ବରୁ ସେ କ୍ରିକେଟ୍‌ର ୩ଟି ଯାକ ଫର୍ମାଟରେ ମୋଟ ୧୯,୯୬୩ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ସଚିନ (୩୪,୩୫୭) ଓ ରାହୁଲ ଦ୍ରାବିଡ (୨୪,୨୦୮)ଙ୍କ ପରେ ତୃତୀୟ ଭାରତୀୟ ଭାବେ ବିରାଟ ଅନ୍ତର୍ଜାତୀୟ କ୍ରିକେଟରେ ୨୦ ହଜାର ରନ୍ ପୂରଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

**କୋହଲିଙ୍କ ଦ୍ରୁତତମ ୨୦ ହଜାର ରନ୍**

| ବ୍ୟାଟ୍ସମ୍ୟାନ | ଦେଶ | ଇନିଂସ |
|---|---|---|
| ବିରାଟ କୋହଲି | ଭାରତ | ୪୧୭ |
| ସଚିନ ତେନ୍ଦୁଲକର | ଭାରତ | ୪୫୩ |
| ବ୍ରାଏନ ଲାରା | ୱେଷ୍ଟଇଣ୍ଡିଜ | ୪୫୩ |
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୪୬୪ |
| ଏବି ଡି ଭିଲର୍ସ | ଦକ୍ଷିଣ ଆଫ୍ରିକା | ୪୮୩ |
| ଜ୍ୟାକ୍ କାଲିସ | ଦକ୍ଷିଣ ଆଫ୍ରିକା | ୪୯୧ |
| ରାହୁଲ ଦ୍ରାବିଡ୍ | ଭାରତ | ୪୯୨ |

# ଆଜି ରାଜ୍ୟ ବଜେଟ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜେଡି ସରକାରର ପଞ୍ଚମ ପାଳିର ପ୍ରଥମ ବଜେଟ ଗୃହରେ ଆଗତ କରିବେ। ଚଳିତ ଆର୍ଥିକ ବର୍ଷ ଲାଗି ରାଜ୍ୟ ସରକାର ୧ ଲକ୍ଷ ୩୮ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ବିଧାନସଭାରେ ଆଗତ ହେବା ପୂର୍ବରୁ ଚିଠା ବଜେଟକୁ ଗତ ୨୦ ତାରିଖରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳି ସାରିଛି। ଏହି ବଜେଟରେ ଜଳସେଚନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କାଳିଆ ଆଦି ଯୋଜନା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ ଭିତ୍ତିଭୂମି ପାଇଁ ବଜେଟରେ ସ୍ୱତନ୍ତ୍ର ବ୍ୟୟବରାଦ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରିବାକୁ ଧାନକିଣା କାର୍ଯ୍ୟରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଗୋଷ୍ଠୀଗୁଡ଼ିକ ସକାଶେ ଧାନ କ୍ରୟ ପାଇଁ ୧ ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ। ଏଥିପାଇଁ ମଧ ବଜେଟରେ ବ୍ୟୟବରାଦ କରାଯାଇଛି।

# ଆଖି ବୁଜିଲେ ଶତାୟୁ ସଂଗ୍ରାମୀ

**ନବରଙ୍ଗପୁର,୨୭।୬(ବି.ପ୍ର.)**

**ନବରଙ୍ଗପୁର ଜିଲାରେ ଗାନ୍ଧୀବାଦର ଶେଷ ସନ୍ତକ ଥିଲେ ମହମ୍ମଦ ବାଜୀ**

ଅବିଭକ୍ତ କୋରାପୁଟ ଜିଲାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଶତାୟୁ ସଂଗ୍ରାମୀ ମହମ୍ମଦ ବାଜୀଙ୍କ ଗୁରୁବାର ପରଲୋକ ଘଟିଛି। ନବରଙ୍ଗପୁର ଜିଲାରେ ଗାନ୍ଧୀବାଦର ଶେଷ ସନ୍ତକ କୁହାଯାଉଥିବା ବାଜୀ ସାହେବ ୧୦୨ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ପରଲୋକ ଖବର ପାଇ ସ୍ଥାନୀୟ ସୁନାରୀ ସାହିସ୍ଥିତ ବାସଭବନରେ ତାଙ୍କ ଶେଷଦର୍ଶନ ପାଇଁ ଅଞ୍ଚଳର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିଛନ୍ତି।

ବାଜୀ ୧୯୧୭ ମସିହା ଜାନୁୟାରୀ ମାସରେ ଜନ୍ମ ଗ୍ରହଣ କରିଥିଲେ। ବାପା ମହମ୍ମଦ କାଶିମ ସାହେବ, ମାଆ ଚାନ୍ଦ ବିବିଙ୍କ ବଂଶ ସନ୍ତାନ ହେଉଛନ୍ତି ମହମ୍ମଦ ବାଜୀ। ସେ ପିଲାଟି ଦିନରୁ ଥିଲେ ନିରାମିଷାଶୀ। ନବରଙ୍ଗପୁରରେ ୧୯୨୨ରେ ପାଠପଢା ଆରମ୍ଭ କରିଥିଲେ। ଏହାପରେ ଜୟପୁର ହାଇସ୍କୁଲରେ ପାଠ ପଢିଥିଲେ। ସେତେବେଳେ ଶିକ୍ଷାବିତ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ଥିଲେ ବାଜୀ ସାହେବଙ୍କ ଶିକ୍ଷକ। ସଦାଶିବ ତ୍ରିପାଠୀ, ରାଧାମୋହନ ସାହୁ, ରାଧାକୃଷ୍ଣ ବିଶ୍ୱାସରାୟଙ୍କ ସହ ଦେଖା ହେବା ପରେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପଢା ବନ୍ଦ କରି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ବର୍ତ୍ତମାନର ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନ ବୁଲି ଗାନ୍ଧୀ ବାର୍ତ୍ତା ପ୍ରଚାର କରିଥିଲେ। କୋରାପୁଟ ଜିଲା ବୈପାରିଗୁଡା ନୂଆଖୁଟ ଠାରେ କଂଗ୍ରେସର ତାଲିମ କେନ୍ଦ୍ରରେ ୧୯୩୮ରେ ତାଲିମ ନେଇଥିଲେ। ୧୯୩୯ରେ ନବରଙ୍ଗପୁର ଜିଲାରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ୧୯୪୧ରେ ସାବରମତି ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ୧୯୪୨ରେ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ନବରଙ୍ଗପୁର ଓ କୋରାପୁଟ ଜେଲରେ ବନ୍ଦୀ ହୋଇ ରହିଥିଲେ। ତାଙ୍କ ଆଦିବାସୀ ସହକର୍ମୀ ସନୁ ମାଝୀ ଓ ରାଇଧର ଜାନୀ ପ୍ରମୁଖଙ୍କ ସହ ସତ୍ୟାଗ୍ରହ କରିଥିଲେ। ୧୯୪୨ ଆନ୍ଦୋଳନ ପାଇଁ ଜେଲଦଣ୍ଡ ଭୋଗ କରିଥିଲେ। ଶୁକ୍ରବାର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯିବ।


ମହମ୍ମଦ ବାଜୀ

## ଖାତରେ ଖସିପଡ଼ିଲା ମିନିବସ୍
# ୧୧ ଛାତ୍ରୀଛାତ୍ର ମୃତ, ୭ ଆହତ



**ଶ୍ରୀନଗର,୨୭।୬**

ଜମ୍ମୁ-କଶ୍ମୀରର ସୋପିଆନ୍ ଜିଲାରେ ଏକ ମିନିବସ୍ ଗଭୀର ଖାତରେ ଖସିପଡ଼ିବାରୁ ସେଥିରେ ଥିବା ୧୧ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିସହିତ ୭ଜଣ ଆହତ ମଧ ହୋଇଛନ୍ତି। ପୁଞ୍ଚସ୍ଥିତ ଏକ କମ୍ପ୍ୟୁଟର କୋଚିଂ ସେଣ୍ଟର୍‌ରୁ ମିନିବସ୍‌ରେ ଏହି ଛାତ୍ରୀଛାତ୍ରମାନେ ଆସୁଥିବାବେଳେ ମୋଗଲ ରୋଡ୍‌ର ପୀର୍ କୀ ଗଲି ନିକଟରେ ଏକ ଖାତ ଭିତରେ ମିନିବସ୍‌ଟି ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୭ ଜଣ ଛାତ୍ରୀ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଆହତମାନଙ୍କୁ ଚିକିତ୍ସା ଲାଗି ସୋପିଆନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜ୍ୟପାଳ ସତ୍ୟପାଲ ମଲିକ ଏହି ଦୁର୍ଘଟଣାରେ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ମଧ ରାଜ୍ୟପାଳ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ପୃଥ୍ୱୀ-୨ର ବ୍ୟବହାରିକ ପରୀକ୍ଷା

**ବାଲେଶ୍ୱର ଅଫିସ, ୨୭।୬**

ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ରର ୩ ନମ୍ବର ଉତ୍‌କ୍ଷେପଣ କେନ୍ଦ୍ରରୁ ଗୁରୁବାର ରାତି ୮ଟା ୩୦ ମିନିଟ୍‌ରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷା କରାଯାଇଛି। ରାତ୍ରକାଳୀନ ଏହି ପରୀକ୍ଷା ସଫଳ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ଉତ୍‌କ୍ଷେପଣ କରାଯାଇପାରୁଥିବା ଏହି କ୍ଷେପଣାସ୍ତ୍ର ୩୫୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହ ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଚତୁର୍ଥଥର ପାଇଁ ଏହାର ରାତ୍ରିକାଳୀନ ପରୀକ୍ଷା କରାଯାଇଛି।

ଡିଆରଡିଓର ରାଡ଼ାର, ଇଲେକ୍‌ଟ୍ରୋ ଅପ୍‌ଟିକାଲ ଟ୍ରାକିଂ ସିଷ୍ଟମ ଦ୍ୱାରା ଓଡ଼ିଶା ଉପକୂଳରେ ରହିଥିବା ଟେଲିମେଟ୍ରି ଷ୍ଟେଶନ ସହାୟତାରେ ଏହି କ୍ଷେପଣାସ୍ତ୍ରର ଗତିପଥ ଉପରେ ନଜର ରଖାଯାଇଥିଲା। ୨୦୦୩ ମସିହାରୁ ଭାରତୀୟ ସେନାରେ ନିୟୋଜିତ ହୋଇ ସାରିଥିବା ପୃଥ୍ୱୀ-୨ର ଲମ୍ବ ୯ ମିଟର।



# ରଜନୀକାନ୍ତ ସିଂ ଉପବାଚସ୍ପତି

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ଅନୁଗୋଳ ବିଜେଡି ବିଧାୟକ ରଜନୀକାନ୍ତ ସିଂ ଷୋଡ଼ଶ ବିଧାନସଭାର ଉପବାଚସ୍ପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୂନ୍ୟକାଳକୁ ସ୍ଥଗିତ ରଖି ଉପବାଚସ୍ପତି ନିର୍ବାଚନ ନେଇ ଘୋଷଣା କରିଥିଲେ। ରଜନୀକାନ୍ତ ଏକମାତ୍ର ପ୍ରାର୍ଥୀ ଭାବେ ଉପବାଚସ୍ପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ଗୃହରେ ଏ ନେଇ ଏକ ପ୍ରସ୍ତାବ ଆଣିବାକୁ ବାଚସ୍ପତି ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମର୍ଥନ କରିଥିଲେ। ବାଚନିକ ମତଦାନରେ ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରଜନୀକାନ୍ତ ସିଂଙ୍କ ବିଷୟରେ ସଂକ୍ଷିପ୍ତ ସୂଚନା ଦେବା ସହ ତାଙ୍କୁ ସ୍ୱାଗତ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପବାଚସ୍ପତି ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଥିଲେ। ବିରୋଧୀ ଦଳ ନେତା କହିଥିଲେ ଯେ, ରଜନୀକାନ୍ତ ବିଧାନସଭାକୁ ବହୁବାର ନିର୍ବାଚିତ ହେବା ସହିତ ରାଷ୍ଟ୍ରମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ନିଜର ଅନୁଭବକୁ ପାଥେୟକରି ଗୃହକୁ ଗଣତାନ୍ତ୍ରିକ ଢଙ୍ଗରେ ଚଳାଇବେ ବୋଲି ଆଶା କରୁଛୁ। ଶେଷରେ ବାଚସ୍ପତି ରଜନୀକାନ୍ତ ସିଂ ଉପବାଚସ୍ପତି ଭାବେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ। ନିର୍ବାଚିତ ହେବା ପରେ ଗୃହ ନେତା, ବିରୋଧୀ ଦଳ ନେତା, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସିପିଆଇ(ଏମ୍) ସଦସ୍ୟ ଉପବାଚସ୍ପତିଙ୍କୁ ପାଛୋଟି ନେଇ 'ଏ' ବ୍ଲକର ଆଗଧାଡ଼ିରେ ବସାଇଥିଲେ। ଉପବାଚସ୍ପତି ନିର୍ବାଚିତ ହୋଇଥିବାରୁ ରଜନୀକାନ୍ତ ସମସ୍ତ ଦଳର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।


ରଜନୀକାନ୍ତ ସିଂ

**ଆଜିର ସମ୍ପାଦକୀୟ**

ବାହାପିଆ କଥା

**ଆଜିର ମନ୍ତବ୍ୟ**

"ସପ୍ତଦଶ ଶତାବ୍ଦୀରେ ବାପୁଙ୍କ ତିନି ମାଙ୍କଡ଼ ଜାପାନରେ ଜନ୍ମଗ୍ରହଣ କରିଥିଲେ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ୨୦୬.୪ ନିୟୁତ ଟନ୍ ଲୁହା ପଥର ଉତ୍ତୋଳନ ହୋଇଥିବା ବେଳେ ଏହା ୨୦୧୭-୧୮ରେ ୨୦୦.୯ ନିୟୁତ ଟନ୍ ଥିଲା।

– ଖଣି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 27.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 111 | 172 | 182 |
| BLS | 111 | 172 | 182 |
| ANG | 109 | 170 | 180 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers



ପୁଅ ନିର୍ବାଚନରେ ହାରିଯିବାରୁ କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ତାଙ୍କ ମାନସିକ ସ୍ଥିତି ହରାଇଛନ୍ତି।
-ପ୍ରହ୍ଲାଦ ଜୋଷୀ
ସଂସଦୀୟ ବ୍ୟପାର ମନ୍ତ୍ରୀ



# ଜୀବନ ଆଶାରେ ମରଣ ମୁହଁରେ

## ଆମେରିକା- ମେକ୍ସିକୋ ସୀମା ରିଓ ଗ୍ରାଣ୍ଡେ ନଦୀରେ ଭାସିଗଲେ ଶରଣାର୍ଥୀ ଓ ୨୩ ମାସର ଝିଅ

ସିଉଡାଡ୍ ଭିକ୍ଟୋରିଆ/ୱାଶିଂଟନ,୨୭।୬

ମେକ୍ସିକୋ ସୀମାରେ ଆମେରିକୀୟ ସେନା ମୁତୟନ ଓ ଶରଣାର୍ଥୀଙ୍କ ପ୍ରତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟକୁ ନେଇ ପୁଣିଥରେ ସୃଷ୍ଟି ହୋଇଛି ବିରାଟ ପ୍ରଶ୍ନବାଚୀ। ଏହାର କାରଣ ପାଲଟିଛି ଏହି ହୃଦୟ ବିଦାରକ ଚିତ୍ର। ଫଟୋଟି ଜଣେ ପିତା ଓ ତାଙ୍କ ଝିଅଙ୍କର, ଯାହାଙ୍କ ମୃତଦେହ ବୁଧବାର ଆମେରିକା-ମେକ୍ସିକୋ ସୀମାନ୍ତ ରିଓ ଗ୍ରାଣ୍ଡେ ନଦୀକୂଳରେ ମିଳିଛି। ଓସ୍କାର ଆଲବର୍ଟୋ ମାର୍ଟିନେଜ୍ ରେମିରେଜ୍ଙ୍କ କଳା ଟି-ଶାର୍ଟ ଉପରକୁ ଉଠିଯାଇଥିବାବେଳେ ଝିଅ ଭଲେରିଆ ତା' ଭିତରେ ଛନ୍ଦିହୋଇ ରହିଛନ୍ତି। ଭଲେରିଆଙ୍କ ହାତ ଓସ୍କାରଙ୍କ ବେକ ଉପରେ ରହିଛି। ସତେଯେମିତି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଶିଶୁକନ୍ୟା ନିଜ ବାପାଙ୍କ ସହିତ ରହିବାକୁ ଚାହିଁଥିଲେ। ଉତ୍ତମ ଜୀବନ ଜିଇଁବା ଆଶାରେ ମେକ୍ସିକୋରୁ ଆମେରିକାକୁ ଯାଉଥିବା ଶରଣାର୍ଥୀମାନେ କିପରି ମରଣ ମୁହଁରେ ପଡ଼ି ପ୍ରାଣ ହରାଉଛନ୍ତି, ତା'ର ଏକ ନିଷ୍ଠୁର ସତ୍ୟତା ବ୍ୟକ୍ତ କରୁଛି ଏହି ବହୁଚର୍ଚ୍ଚିତ ଛବି। ମେକ୍ସିକୋର ଏକ ଖବରକାଗଜରେ ଏହା ପ୍ରକାଶିତ ହେବା ପରେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଏହାକୁ ନେଇ ଟ୍ରମ୍ପଙ୍କ ଯୁକ୍ତି ବିବାଦ ସୃଷ୍ଟି କରିଛି।

ଏଲ୍-ସାଲ୍ଭାଡର ନିବାସୀ ୨୫ ବର୍ଷୀୟ ଓସ୍କାର ଓ ତାଙ୍କର ୨୧ ବର୍ଷୀୟା ସ୍ତ୍ରୀ ତାନିଆ ଭନେସା ଆଭାଲୋସ୍ ମେକ୍ସିକୋର ଡିଟେନ୍ଶନ୍ ସେଣ୍ଟର(ଶରଣାର୍ଥୀ ଶିବିର)ରେ ରହୁଥିଲେ। ସେମାନେ ସରକାରଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ନୂଆ ଜୀବନ ବିତାଇବା ଆଶାରେ ଆମେରିକା ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଦୁହେଁ ତାଙ୍କର ୨୩ ମାସର ଝିଅ ଭଲେରିଆଙ୍କୁ ନେଇ ରବିବାର ଅପରାହ୍ନରେ ମେକ୍ସିକୋରୁ ଆମେରିକା ଯାଉଥିଲେ। ମେକ୍ସିକୋର ମାଟାମୋରୋସ୍ ଏବଂ ଟେକ୍ସାସ୍‌ର ବ୍ରାଉନ୍ସଭିଲ୍ଲା ମଧ୍ୟଦେଇ ପ୍ରବାହିତ ରିଓ ଗ୍ରାଣ୍ଡେ ନଦୀର ପ୍ରବାହରେ ବାପଝିଅ ଭାସିଯାଇଥିବାବେଳେ ଓସ୍କାରଙ୍କ ସ୍ତ୍ରୀ ବର୍ତ୍ତିଯାଇଛନ୍ତି। ସେ ନଦୀକୂଳରେ ପହଞ୍ଚିଛନ୍ତି। ଦୁଇ ମୃତଦେହ ତାମାଉଲିପସ୍ ରାଜ୍ୟର ମାଟାମୋରୋସ୍‌ରେ ମିଳିଥିଲା। ବାପଝିଅଙ୍କ ଫଟୋ ସାମ୍ନାକୁ ଆସିବା ପରେ ଏଲ୍-ସାଲ୍ଭାଡର ଏବଂ ମେକ୍ସିକୋରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ମେକ୍ସିକୋର ବାମପନ୍ଥୀ ନେତା ଆନ୍ଦ୍ରେସ ମାନୁଏଲ୍ ଲୋପେଜ୍ ଓବ୍ରାଡର ଶରଣାର୍ଥୀଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଶପଥ ନେଇ ୨୦୧୮ ଡିସେମ୍ବରରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ହେଲେ ଶରଣାର୍ଥୀଙ୍କ ପ୍ରତି ତାଙ୍କର ବ୍ୟବହାର ଓ ଆଭିମୁଖ୍ୟକୁ ନେଇ ଏବେ କଡ଼ା ସମାଲୋଚନା କରାଯାଉଛି। ଆମେରିକା ସୀମାରେ ମେକ୍ସିକୋର ୧୫,୦୦୦ ସୈନ୍ୟ ମୁତୟନ ହୋଇଛନ୍ତି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପ ଯୋଗୁ ଓବ୍ରାଡର ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଥିବା କୁହାଯାଉଛି।

ରିଓ ଗ୍ରାଣ୍ଡେ ନଦୀକୂଳରେ ବାପଝିଅଙ୍କ ମୃତଦେହ ଭାସୁଥିବା ଫଟୋ ୩ ବର୍ଷୀୟ ଆୟଲାନ୍ କୁର୍ଦ୍ଦିଙ୍କ ସ୍ମୃତିକୁ ଉଜ୍ଜୀବିତ କରିଛି, ଯାହାଙ୍କ ମୃତଦେହ ୨୦୧୫ରେ ତୁର୍କୀର ସମୁଦ୍ରକୂଳରେ ମିଳିଥିଲା। ସେତେବେଳେ ଶରଣାର୍ଥୀଙ୍କ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରିବାକୁ ବିଶ୍ୱ ସମୁଦାୟକୁ ଅନୁରୋଧ କରାଯାଇଥିଲା। ଏପରି କି ଜାତିସଂଘରେ ମଧ୍ୟ ଏହାର ସ୍ୱର ଗୁଞ୍ଜରିତ ହୋଇଥିଲା। ତିନିବର୍ଷ ପରେ ପୁଣିଥରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଆମେରିକା ଓ ମେକ୍ସିକୋ ମଧ୍ୟରେ ରହିଥିବା ୩,୧୪୫ କି.ମି. ବିସ୍ତୃତ ସୀମା ହେଉଛି ବିଶ୍ୱର ସର୍ବାଧିକ ଅତିକ୍ରମ କରାଯାଉଥିବା ସରହଦ। ବାର୍ଷିକ ୩୫୦ ନିୟୁତ ଲୋକ ଏହି ସୀମା ଅତିକ୍ରମ କରନ୍ତି। ଗତବର୍ଷ ଏହି ସୀମା ଡେଇଁବା ବେଳେ ୨୮୦ ଜଣଙ୍କ ମୃତ୍ୟୁ ଘଟିଥିଲା।



ସାଲ୍ଭାଡରର ଜଣେ ଶରଣାର୍ଥୀ ଓ ତାଙ୍କ ୨୩ ମାସର ଝିଅ ଆମେରିକାକୁ ଅନୁପ୍ରବେଶ ବେଳେ ନଦୀରେ ଭାସିଯାଇ ପ୍ରାଣ ହରାଇଛନ୍ତି। ମୁହଁମାଡ଼ି ଭାସୁଥିବା ଓସ୍କାର ଆଲବର୍ଟୋ ମାର୍ଟିନେଜ୍ ରେମିରେଜ୍ ଏବଂ ଭଲେରିଆଙ୍କ ଏହି ହୃଦୟ ବିଦାରକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦେଶାନ୍ତରୀଙ୍କ ଦୁର୍ଦ୍ଦଶାକୁ ନେଇ ପୁଣିଥରେ ବିତର୍କ ମୁଣ୍ଡ ଟେକିଛି।

### ଝିଅକୁ ଶେଷ ଯାଏ ସୁରକ୍ଷା ଦେଇଥିଲେ ବାପା

ଏଲ୍ ସଲଭାଡୋରସ୍ଥିତ ସାନ୍ ମାର୍ଟିନ୍ ବାସଭବନରେ ରୋସା ରମିରେଜ୍ ତାଙ୍କ ନାତୁଣୀ ଭଲେରିଆଙ୍କ କଣ୍ଢେଇ ଦେଖାଇ କାନ୍ଦି ପକାଉଛନ୍ତି। ଓସ୍କାରଙ୍କ ମା' ରୋସା କହିଛନ୍ତି, ଫଟୋକୁ ଦେଖିବା ପରେ ସେ ଦୁଃଖରେ ଭାଙ୍ଗିପଡ଼ିଥିଲେ। ହେଲେ ବାପଝିଅ ଦୁହେଁ ପରସ୍ପରର ବାହୁରେ ଆବଦ୍ଧ ହୋଇ ମୃତ୍ୟୁକୁ ଆଦରିନେଇଛନ୍ତି ଜାଣି ସେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଓସ୍କାର କେମିତି ନିଜ ଝିଅଙ୍କୁ ଶେଷ ଯାଏ ସୁରକ୍ଷା ଦେଇଛନ୍ତି ତାହା ଫଟୋରୁ ବୁଝି ହେଉଛି।



### ଫଟୋ ଦେଖିବାକୁ ଘୃଣା କରନ୍ତି ଟ୍ରମ୍ପ

ବାପଝିଅଙ୍କ ଫଟୋକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସୀମାରେ ନିରାପତ୍ତା କଡ଼ାକଡ଼ି କରିବା ପାଇଁ ଆଇନ ପ୍ରଣୟନ ପାଇଁ ଉଦ୍ୟମ କରୁଥିବାବେଳେ ଡେମୋକ୍ରାଟ୍‌ମାନେ ତାଙ୍କର ଗୋଡ଼ ଟାଣିଥିଲେ। ସେମାନେ ଏପରି କରି ନ ଥିଲେ ଏବେ ଏହି ମୃତ୍ୟୁ ଘଟି ନ ଥାନ୍ତା। ଡେମୋକ୍ରାଟ୍‌ମାନେ ଆଇନ ସଂଶୋଧନ କଲେ ଏଭଳି ଘଟଣାକୁ ତୁରନ୍ତ ରୋକାଯାଇ ପାରିବ ଏବଂ କୌଣସି ବାପା ଓ ଝିଅ ଏପରି ମୃତ୍ୟୁମୁଖରେ ପଡ଼ିବାକୁ ବାଧ ହେବେନାହିଁ। ଅତ୍ୟନ୍ତ ବିଚଳିତ କରିବା ଭଳି ଏହି ଫଟୋକୁ ଦେଖିବାକୁ ସେ ଘୃଣା କରନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଏହି ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମେକ୍ସିକୋରୁ ଆମେରିକା ଯାଉଥିବାବେଳେ ପ୍ରାଣ ହରାଇଥିବା ସମସ୍ତ ଶରଣାର୍ଥୀଙ୍କ ପାଇଁ ପ୍ରାର୍ଥନା କରିଛନ୍ତି।



# ମରାଠା ସଂରକ୍ଷଣ ବୈଧ

## ୧୩%ରେ ସୀମିତ ରଖାଯାଉ: ବମ୍ବେ ହାଇକୋର୍ଟ

ମୁମ୍ବାଇ,୨୭।୬(ପି.ଟି.)

ସରକାରୀ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ମରାଠା ସମ୍ପ୍ରଦାୟ ଲାଗି ସ୍ଥାନ ସଂରକ୍ଷଣ ଦାବିର ସାମ୍ବିଧାନିକ ବୈଧତା ରହିଛି ବୋଲି ଗୁରୁବାର ବମ୍ବେ ହାଇକୋର୍ଟ କହିଛନ୍ତି। ତେବେ ୧୬ ପ୍ରତିଶତ କୋଟା ଦାବି କରିବା ଠିକ୍ ନୁହେଁ। ଏହାକୁ ୧୨ରୁ ୧୩ ପ୍ରତିଶତ ମଧ୍ୟରେ ସୀମିତ ରଖିବା ଲାଗି ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ରାଜ୍ୟ ପଛୁଆବର୍ଗ ଆୟୋଗଙ୍କ ସୁପାରିସ୍ ଅନୁଯାୟୀ ସଂରକ୍ଷଣ ସୀମିତ ରହିବା ଉଚିତ ବୋଲି ଜଷ୍ଟିସ୍ ରଞ୍ଜିତ ମୋରେ ଏବଂ ଭାରତୀ ଡାଙ୍ଗ୍ରେଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଆୟୋଗ ଶିକ୍ଷାକ୍ଷେତ୍ରରେ ୧୨% ଓ ନିଯୁକ୍ତିରେ ୧୩ ପ୍ରତିଶତ ସଂରକ୍ଷଣ ଲାଗି ପୂର୍ବରୁ ସୁପାରିସ୍ କରିଥିଲେ। ରାଜ୍ୟ ସରକାର ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗ (ଏସ୍ଇବିସି)ଙ୍କ ଲାଗି ସ୍ୱତନ୍ତ୍ର ବର୍ଗ ସୃଷ୍ଟି କରି ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟ କହିଛନ୍ତି। ଅଦାଲତଙ୍କ ରାୟକୁ ମହାରାଷ୍ଟ୍ରର ଶାସକ ଭାଜପା-ଶିବସେନା ପକ୍ଷରୁ ସ୍ୱାଗତ କରାଯାଇଛି।

# କଂଗ୍ରେସ ନେତାଙ୍କୁ ଗୁଳିକରି ହତ୍ୟା

## ହରିୟାଣାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଲେ ରାହୁଲ

ଫରିଦାବାଦ/ନୂଆଦିଲ୍ଲୀ, ୨୭।୬ (ପି.ଟି.)

ହରିୟାଣାର କଂଗ୍ରେସ ନେତା ବିକାଶ ଚୌଧୁରୀଙ୍କୁ ଗୁରୁବାର ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଛି। ପ୍ରଦେଶ କଂଗ୍ରେସର ମୁଖପାତ୍ର ଥିବା ବିକାଶ ସେକ୍ଟର ୯ରେ ଥିବା ଏକ ଜିମ୍ ନିକଟରେ ନିଜ କାର୍‌କୁ ପାର୍କିଂ କରୁଥିବାବେଳେ ଦୁର୍ବୃତ୍ତମାନେ ଦୁଇପଟୁ ପ୍ରାୟ ୧୫ଟି ଗୁଳିମାଡ଼ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସର୍ବୋଦୟ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ବିକାଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା ବୋଲି ଏସିପି ଜୟବୀର ସିଂ ରାଠି ପ୍ରକାଶ କରିଛନ୍ତି। ଏଭଳି ଘଟଣାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତୀବ୍ର ନିନ୍ଦାକରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି।

ଏସିପି କହିଛନ୍ତି, ସମସ୍ତ ଘଟଣା ସିସିଟିଭି କ୍ୟାମେରାରେ କଏଦ୍ ହୋଇ ଅଛି ଓ ଘଟଣାସ୍ଥଳରୁ ୧୨ଟି କାର୍ତ୍ତୁଜ୍ ଜବତ ହୋଇଛି। ଏହି ହତ୍ୟାକାଣ୍ଡ ଯୋଜନାବଦ୍ଧ ଥିଲା ଓ ଦୁର୍ବୃତ୍ତମାନେ ବିକାଶ କାର୍‌ରେ ଏକୁଟିଆ ଜିମ୍ ଯାଉଥିଲେ ବୋଲି ଜାଣିଥିଲେ। ବିକାଶଙ୍କ ବେକ, ଛାତିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ ବୋଲି ଏସିପି ପ୍ରକାଶ କରିଛନ୍ତି। ପୋଲିସ ଏନେଇ ଏକ ହତ୍ୟା ମାମଲା ରୁଜୁକରି ସିସିଟିଭି କ୍ୟାମେରା ଯାଞ୍ଚ କରୁଥିବା ସେ କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ଲାଗି ଏକାଧିକ ପୋଲିସ ଟିମ୍ ଗଠନ କରାଯାଇଥିବା ପ୍ରକାଶ।



ବିକାଶ ଚୌଧୁରୀ

■ ଶର୍ଟସର୍କିଟ୍‌ରୁ ଫ୍ରିଜ୍ ଫାଟିଲା

# ଖବରଦାତାଙ୍କ ସହ ସ୍ତ୍ରୀ, ମା'ଙ୍କ ମୃତ୍ୟୁ

ଚେନ୍ନାଇ,୨୭।୬

ଏକ ରେଫ୍ରିଜରେଟରରେ ବିସ୍ଫୋରଣ ହେବାରୁ ତାମିଲ ଟିଭି ଚ୍ୟାନେଲ୍‌ର ଖବରଦାତା, ତାଙ୍କ ସ୍ତ୍ରୀ ଓ ମାଆଙ୍କର ମୃତ୍ୟୁ ଘଟିଛି। ବିଦ୍ୟୁତ ଶର୍ଟ ସର୍କିଟରୁ ଏଭଳି ବିସ୍ଫୋରଣ ହୋଇଥିବା ପୋଲିସ କହିଛି। ବିସ୍ଫୋରଣ ପରେ ଘରେ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଯାହା ଫଳରେ ଶ୍ୱାସରୁଦ୍ଧ ହୋଇ ତିନି ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତକମାନେ ହେଲେ ନ୍ୟୁଜ୍ ଜି ଚ୍ୟାନେଲର ଖବରଦାତା ପ୍ରସନ୍ନ (୩୬), ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ଅର୍ଚ୍ଚନା(୩୨) ଓ ମାଆ ରେବତୀ (୫୯)। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ବୁଧବାର ରାତି ୨ଟାରେ ସେମାନେ ଶୋଇଥିବାବେଳେ ଫ୍ରିଜ୍‌ରେ ବିସ୍ଫୋରଣ ହୋଇଥିଲା। ଏହାପରେ ବିଦ୍ୟୁତ କଟିଯିବାରୁ ସେମାନେ ଉଦ୍ୟମ କରି ମଧ୍ୟ ବାହାରକୁ ବାହାରିପାରି ନ ଥିଲେ।

# ଜାଗୁଆରରେ ପକ୍ଷୀ ମାଡ଼

ଅମ୍ବାଲା,୨୭।୬

ଗୁରୁବାର ସକାଳେ ମଝି ଆକାଶରେ ଭାରତୀୟ ବାୟୁସେନାର ଜାଗୁଆର ଜେଟ୍‌ରେ ଏକ ପକ୍ଷୀ ମାଡ଼ହେବାରୁ ଏହାର ଗୋଟିଏ ଇଞ୍ଜିନ୍ ଅଚଳ ହୋଇଯାଇଥିଲା। ଫଳରେ ଏଥିରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ପାଇଲଟ ଇନ୍ଧନ ଟ୍ୟାଙ୍କରୁ ତେଲ ନିଷ୍କାସନ କରି ବିମାନଟିକୁ ନିରାପଦରେ ଅମ୍ବାଲା ବାୟୁସେନା ଷ୍ଟେସନରେ ଅବତରଣ କରାଇବାରେ ସକ୍ଷମ ହୋଇଥିଲେ। ବିମାନରେ ଅଭ୍ୟାସ ପାଇଁ ରଖାଯାଇଥିବା ଛୋଟ ବୋମାଗୁଡିକୁ ମଧ୍ୟ ଫିଙ୍ଗିଦିଆଯାଇଥିଲା। ପରେ ସେଗୁଡିକୁ ଉଦ୍ଧାର କରାଯାଇଛି। ଚଳିତ ମାସ ଆରମ୍ଭରେ ବାୟୁସେନାର ଆଉ ଏକ ଜାଗୁଆର ବିମାନ ଗୁଜରାଟର କଚ୍ଛଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ପାଇଲଟ ତଥା ଏୟାର କମୋଡର ସଞ୍ଜୟ ଚୌହାନ ପ୍ରାଣ ହରାଇଥିଲେ।

# ବଜେଟ ପୂର୍ବରୁ ମନମୋହନଙ୍କୁ ଭେଟିଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୨୭।୬(ପି.ଟି.)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜୁଲାଇ ୫ରେ ତାଙ୍କର ପ୍ରଥମ ବଜେଟ ଉପସ୍ଥାପନ କରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ମନମୋହନ ସିଂଙ୍କୁ ଗୁରୁବାର ତାଙ୍କ ବାସଭବନରେ ଭେଟିଛନ୍ତି। ପି.ଭି. ନରସିଂହ ରାଓଙ୍କ ସରକାରରେ ମନମୋହନ ଅର୍ଥମନ୍ତ୍ରୀ ଥିବାବେଳେ ୧୯୯୧ରେ ଅନେକ ଆର୍ଥିକ ସଂସ୍କାର ଘୋଷଣା କରିଥିଲେ, ଯାହା ଭାରତର ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଆଣିଥିଲା। ତେବେ ମନମୋହନଙ୍କୁ ସୀତାରାମନ୍ ଭେଟିବା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଅର୍ଥମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। ପାଖାପାଖି ୩ ଦଶନ୍ଧି ଧରି ରାଜ୍ୟ ସଭା ସଦସ୍ୟ ଥିବା ମନମୋହନଙ୍କ କାର୍ଯ୍ୟକାଳ ନିକଟରେ ଶେଷ ହୋଇଛି। କେନ୍ଦ୍ରରେ ପୂର୍ଣ୍ଣକାଳୀନ ଅର୍ଥମନ୍ତ୍ରୀ ହେବାରେ ସୀତାରାମନ୍ ପ୍ରଥମ ମହିଳା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱରେ ଥିଲେ।



# ବୋମା ଆତଙ୍କ: ଲଣ୍ଡନରେ ଓହ୍ଲାଇଲା ନେୱାର୍କ ବିମାନ

ମୁମ୍ବାଇ,୨୭।୬

ମୁମ୍ବାଇରୁ ଆମେରିକା ନ୍ୟୁଜର୍ସିର ନେୱାର୍କ ସହରକୁ ଯାଉଥିବା ଏୟାର ଇଣ୍ଡିଆର ଏକ ନନ୍‌ଷ୍ଟପ୍ ବିମାନରେ ବୋମା ଥିବା ଖବର ପହଞ୍ଚିବାରୁ ଏହାକୁ ଲଣ୍ଡନର ଷ୍ଟାନଷ୍ଟେଡ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ବୋଇଂ ୭୭୭ ବିମାନଟି ଭୋର ୪ଟା ୫୦ରେ ମୁମ୍ବାଇ ଛାଡିଥିଲା। ଏହା ବ୍ରିଟେନ ଆକାଶରେ ଉଡୁଥିବାବେଳେ ସେଥିରେ ବୋମା ଥିବା ପାଇଲଟଙ୍କୁ ସୂଚନା ଦିଆଯାଇଥିଲା। ଫଳରେ ପାଇଲଟ ବିମାନର ଦିଗ ବଦଳାଇ ଅପରାହ୍ନ ୩ଟାରେ ଷ୍ଟାନ୍‌ଷ୍ଟେଡ ବିମାନ ବନ୍ଦରରେ ଅବତରଣ କରାଇଥିଲେ। ବିମାନକୁ ସୁରକ୍ଷା କର୍ମୀଙ୍କ ତଦାରଖରେ ରଖାଯାଇଛି।

## [ଇତିହାସର ଆଇନାରେ]
## ଜୁନ୍ ୨୮ର ପ୍ରମୁଖ ଘଟଣା

୨୦୦୪ ଜୁନ୍ ୨୮ରେ ଇରାକ୍‌ର ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ ସାର୍ବଭୌମ କ୍ଷମତା ହସ୍ତାନ୍ତର କରାଯାଇଥିଲା। ଏହାଦ୍ୱାରା ଆମେରିକା ନେତୃତ୍ୱାଧୀନ ଶାସନର ପରିସମାପ୍ତି ଘଟିଥିଲା। ଇରାକରେ ମଧ୍ୟବର୍ତ୍ତିକାଳୀନ ସରକାର ଆମେରିକା ଓ ଏହାର ମିତ୍ରଶକ୍ତି ଦ୍ୱାରା ଗଠିତ ହୋଇଥିଲା। ଇରାକରେ ନୂଆ ସମ୍ବିଧାନର ଚିଠା ପ୍ରସ୍ତୁତି ପର୍ଯ୍ୟନ୍ତ କାମଚଳା ସରକାର ଦ୍ୱାରା ଶାସନ ପରିଚାଳିତ ହେଉଥିଲା।

୨୦୦୯ ଜୁନ ୨୮ରେ ହଣ୍ଡୁରାସ୍ ରାଷ୍ଟ୍ରପତି ମାନୁଏଲ୍ ଜେଲାୟାଙ୍କୁ ତାଙ୍କ ପଦବୀରୁ ହଟାଯାଇଥିଲା। କାରଣ ହଣ୍ଡୁରାସ୍ ସମ୍ବିଧାନର ପୁନର୍ଲିଖନ ପାଇଁ ଜନମତ ସଂଗ୍ରହ କରିବାରେ ସେ ବିଫଳ ହୋଇଥିଲେ। ଏହାପରେ ହଣ୍ଡୁରାସ୍‌ରେ ସାମ୍ବିଧାନିକ ସଂକଟ ଆରମ୍ଭ ହୋଇଥିଲା। ହଣ୍ଡୁରାସ୍‌ର ୨୦୦୬ ଜାନୁୟାରୀ ୨୭ରୁ ରାଷ୍ଟ୍ରପତି ଥିଲେ।

# ଦଳାଚକଟାରେ ୧୬ ମୃତ

ଆନ୍‌ଟାନାନାରିଭୋ, ୨୭।୬(ଆଇଏଏନ୍ଏସ୍)

ମାଡାଗାସ୍କାର ସ୍ୱାଧୀନତା ଦିବସ ପାଳନ ଅବସରରେ ଦଳାଚକଟାରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୨ ଆହତ ହୋଇଛନ୍ତି। ରାଜଧାନୀ ଆନ୍‌ଟାନାନାରିଭୋର ମ୍ୟୁନିସିପାଲ ଷ୍ଟାଡିୟମ୍‌ରେ ବୁଧବାର ସାମରିକ ପରେଡ ଅନୁଷ୍ଠିତ ହେଉଥିଲା। ରାଷ୍ଟ୍ରପତି ଆଣ୍ଡ୍ରି ରାଜୋଇଲିନାଙ୍କ ସହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ରୁଆଣ୍ଡା ରାଷ୍ଟ୍ରପତି ପଲ୍ କାଗାମେ। ପରେଡ ଦେଖିସାରିବା ପରେ ହଜାର ହଜାର ଲୋକ ଷ୍ଟାଡିୟମ୍‌ରୁ ବାହାରକୁ ଆସୁଥିଲେ। ଗେଟ୍ ଖୋଲିଯାଇଥିବା ଶୁଣି ଲୋକମାନେ ବାହାରକୁ ଆସିବାକୁ ଉଦ୍ୟମ କଲାବେଳେ ଷ୍ଟାଡିୟମ୍‌ର ପ୍ରସ୍ଥାନ ଦ୍ୱାର ବନ୍ଦ ଥିଲା। ଫଳରେ କ୍ଷୁବ୍ଧ ଜନତାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଆହତଙ୍କ ମଧ୍ୟରୁ ଅଧିକାଂଶ ଗୁରୁତର ଥିବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରଯାଇଛି। ଉଭୟ ରାଷ୍ଟ୍ରପତି ଏବଂ ସମ୍ମାନିତ ଅତିଥି ଏଥିପାଇଁ ଦୁଃଖ ପ୍ରକାଶ କରିଛନ୍ତି।



# ଆବେଙ୍କୁ ଭେଟିଲେ ମୋଦି

ଓସାକା,୨୭।୬ (ପି.ଟି.)

ଜି-୨୦ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶ୍ୱ ଅର୍ଥନୀତି, ଫେରାର ଆର୍ଥିକ ଅପରାଧୀଙ୍କୁ ଧରିବା ଓ ବିପର୍ଯ୍ୟୟ ପରିଚାଳନା ପ୍ରସଙ୍ଗ ଆଦି ଆଲୋଚନାରେ ସ୍ଥାନ ପାଇଥିଲା। ଜି-୨୦ରେ ଜାପାନର ନେତୃତ୍ୱକୁ ମୋଦି ପ୍ରଶଂସା କରିଥିଲେ। ଅକ୍ଟୋବରରେ ହେବାକୁ ଥିବା ନାରୁହିଟୋଙ୍କ ରାଜ୍ୟାଭିଷେକ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବେ ବୋଲି ମୋଦି ଏହି ଅବସରରେ କହିଥିଲେ। ବର୍ଷ ଶେଷରେ ହେବାକୁ ଥିବା ବାର୍ଷିକ ସମ୍ମିଳନୀରେ ଯୋଗଦେବାକୁ ମୋଦି ଭାରତ ଆସିବା ଲାଗି ଆବେଙ୍କୁ ଆମନ୍ତ୍ରଣ କରିଛନ୍ତି।

ଦୁଇ ବନ୍ଧୁରାଷ୍ଟ୍ର ମୁଖ୍ୟଙ୍କ ମଧ୍ୟରେ ଆଲୋଚନା ଗଠନମୂଳକ ଓ ସଫଳ ହୋଇଛି। ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଫେରାର ଆର୍ଥିକ ଅପରାଧୀଙ୍କୁ ଧରିବା ଲାଗି ସଦସ୍ୟ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିବେ। ଦୁର୍ନୀତି ବିରୋଧୀ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ଲାଗି ଏହାର ଯଥେଷ୍ଟ ଆବଶ୍ୟକତା ରହିଥିବା ସେ କହିଛନ୍ତି। ଏଥିସହ ବିଶ୍ୱ ବାଣିଜ୍ୟ ସମସ୍ୟା, ପାଣିପାଗ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା ପ୍ରସଙ୍ଗ ଆଦି ସ୍ଥାନ ପାଇବ। ମୋଦି- ଆବେଙ୍କ ମଧ୍ୟରେ ମୁମ୍ବାଇ-ଅହମଦାବାଦ୍ ହାଇସ୍ପିଡ୍ ରେଲୱେ କରିଡର୍ ଓ ବାରାଣସୀରେ ଏକ ସମ୍ମିଳନୀ କେନ୍ଦ୍ର ଖୋଲିବା ନେଇ ଆଲୋଚନା ହୋଇଛି। ପୂର୍ବୋତ୍ତର ଭାରତରେ ଜାପାନର କାର୍ଯ୍ୟକୁ ମୋଦି ପ୍ରଶଂସା କରିଥିଲେ। ପୁନଃ ଥଇଥାନ ଓ ପୁନଃନିର୍ମାଣ ଲାଗି ଦୁଇଦେଶ ଏକହୋଇ କାର୍ଯ୍ୟକରିବା ଉପରେ ମୋଦି ଗୁରୁତ୍ୱ ଦେଇଛନ୍ତି।

ଜାପାନ୍‌ରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ନୂଆ ଭାରତ ଗଠନରେ ଜାପାନ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି କହିଛନ୍ତି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ପ୍ରତି ଆସ୍ଥାଭାଜନ ହୋଇଥିବାରୁ ପ୍ରବାସୀ ଭାରତୀୟଙ୍କୁ ମୋଦି ଧନ୍ୟବାଦ ଜଣାଇଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ମଧ୍ୟ ସେ ସେଠାରେ ପ୍ରଶଂସା କରିବାକୁ ଭୁଲି ନ ଥିଲେ। ପ୍ରକାଶଥାଉ କି, ପ୍ରଧାନମନ୍ତ୍ରୀ ମୋଦି ଜି-୨୦ ଶିଖର ସମ୍ମିଳନୀ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆ ରାଷ୍ଟ୍ରପତି ପୁଟିନ୍ ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଓ ଅନ୍ୟ ନେତାମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।



■ ଫେରାର ଆର୍ଥିକ ଅପରାଧୀ ପ୍ରସଙ୍ଗ ନେଇ ଆଲୋଚନା

■ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ସହଯୋଗ ଲୋଡ଼ିଲେ




# ବିଲ୍‌ଡରଙ୍କ କାମ କରୁଛନ୍ତି ଆର୍‌ଆଇ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

- ରାଜ୍ୟରେ ୫୦୩ ଆର୍‌ଆଇ ପଦବୀ ଖାଲି
- ହଇରାଣ ହେଉଛନ୍ତି ଗରିବ ଲୋକ
- ଖୁବ୍‌ଶୀଘ୍ର ଖାଲି ପଦବୀ ପୂରଣ କରାଯିବ: ମନ୍ତ୍ରୀ
- ବଲାଙ୍ଗୀର ଜିଲାରେ ଆର୍‌ଆଇ, ଅମିନ ପଦବୀ ପୂରଣ ଦୁର୍ନୀତି କଥା ଉଠାଇଲେ ନରସିଂହ
- ଭୁବନେଶ୍ୱର ଉପକଣ୍ଠରେ ଆର୍‌ଆଇ ସେବା ପାଉନାହାନ୍ତି ଲୋକେ: ସୁର ରାଉତରାୟ

ରାଜ୍ୟରେ ଅମିନ ଓ ଆର୍‌ଆଇ ମରୁଡ଼ି ପଡ଼ିଛି। ଆର୍‌ଆଇ ସର୍କଲରେ ଅମିନ ନାହାନ୍ତି। ଜମିବାଡ଼ି ମପାଚୁପା କାର୍ଯ୍ୟ ହୋଇପାରୁ ନାହିଁ। ଭୁବନେଶ୍ୱରରେ ଆର୍‌ଆଇ ଏବଂ ଅମିନ ବଡ଼ ବଡ଼ ବିଲ୍‌ଡରଙ୍କ ପାଇଁ କାମ କରୁଛନ୍ତି। ସହର ତଳି ଗ୍ରାମାଞ୍ଚଳ ବାତ୍ୟା ଫନୀରେ ଧ୍ୱଂସ ହୋଇଯାଇଛି। ଆଜିଯାଏ ଘରଭଙ୍ଗା ସର୍ଭେ କରାଯାଇ ପାରୁନାହିଁ। ଆର୍‌ଆଇ ନ ଥିବାରୁ ସର୍ଭେ କାମ ହୋଇପାରୁନି। ସରକାରଙ୍କ ପାଖରେ ରିପୋର୍ଟ ପହଞ୍ଚି ପାରୁନାହିଁ। ସେମାନେ ଘରଭଙ୍ଗା ଟଙ୍କା ପାଇପାରୁ ନାହାନ୍ତି।

ବିଭିନ୍ନ ଜିଲାରେ ଆର୍‌ଆଇ ସର୍କଲର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଲୋକମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟରେ ଆର୍‌ଆଇ ଏବଂ ଅମିନ ପଦବୀ ଖାଲିପଡ଼ିଥିବା ନେଇ ବିଧାନସଭାରେ ଉଭୟ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖାଲି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ପଚାରିଥିବା ୩୧ ନମ୍ବର ପ୍ରଶ୍ନରୁ ଆରମ୍ଭ ହୋଇଥିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ରାଜସ୍ୱ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଏକ ଆର୍‌ଆଇ ସର୍କଲ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନ ହେବାର କାରଣ କ'ଣ। ଭଦ୍ରକ ଜିଲାରେ ୭ଟି ତହସିଲରେ କେତୋଟି ଆର୍‌ଆଇ ଓ ଅମିନ ପଦବୀ ଖାଲିପଡ଼ିଛି, ତାହା କେବେ ସୁଦ୍ଧା ପୂରଣ ହେବ ବୋଲି ସେ ମୂଳ ପ୍ରଶ୍ନରେ ପଚାରିଥିଲେ। ରାଜସ୍ୱମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାର ଜବାବରେ କହିଥିଲେ ଯେ, ପ୍ରତ୍ୟେକ ପଞ୍ଚାୟତକୁ ଆର୍‌ଆଇ ସର୍କଲ କରିବା ପାଇଁ କୌଣସି ବିଧିବଦ୍ଧ ନିଷ୍ପତ୍ତି ନିଆଯାଇ ନାହିଁ। ତେବେ ଜନସଂଖ୍ୟା, ଭୌଗୋଳିକ ଅବସ୍ଥିତି ଏବଂ କାର୍ଯ୍ୟର ଗୁରୁତ୍ୱକୁ ବିଚାରକୁ ନେଇ ଆବଶ୍ୟକ ସ୍ଥଳେ ଆର୍‌ଆଇ ସର୍କଲ ଗଠନ କରାଯାଉଛି। ଭଦ୍ରକ ଜିଲାର ୭ଟି ତହସିଲରେ ୮୨ଟି ଆର୍‌ଆଇ ପଦବୀ ମଧ୍ୟରୁ ୩୧ଟି ପଦବୀ ଖାଲି ରହିଛି। ମୋଟ ୫୧ ଅମିନ ପଦବୀରୁ ୨୫ଟି ଖାଲିପଡ଼ିଛି। ଏହା ଶୀଘ୍ର ପୂରଣ କରିବା ପାଇଁ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀର ଜିଲାରେ ଆର୍‌ଆଇ ପଦବୀ ଖାଲିପଡ଼ିଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ଏହି ଜିଲାରେ ଆର୍‌ଆଇ ଏବଂ ଅମିନ ପଦବୀ ପୂରଣ ନେଇ ଦୁର୍ନୀତି ହୋଇଥିଲା। ଏହି କଥା ଜଣାପଡିବା ପରେ ନିଯୁକ୍ତିକୁ ସରକାର ରଦ୍ଦ କରିଛନ୍ତି। ନିଯୁକ୍ତି ପାଇଥିବା ପ୍ରାର୍ଥୀମାନେ ସୁପ୍ରିମ କୋର୍ଟରେ କେସ କରିଥିଲେ। ସେଠାରେ ସେମାନେ ହାରିଛନ୍ତି। ଖାଲି ପଦବୀଗୁଡ଼ିକ କେବେସୁଦ୍ଧା ପୂରଣ ହେବ, ଜିଲାରେ କେତେ ପଦବୀ ଖାଲି ଅଛି ସେ ସମ୍ପର୍କରେ ମନ୍ତ୍ରୀ ଗୃହରେ ସୂଚନା ଦିଅନ୍ତୁ ବୋଲି ନରସିଂହ କହିଥିଲେ। ନୂତନ ନିଯୁକ୍ତି ହେବା ଯାଏ ଅବସରପ୍ରାପ୍ତ ଅମିନଙ୍କୁ କାମରେ ନିୟୋଜିତ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ, ବଲାଙ୍ଗୀର ଜିଲାରେ ମୋଟ ମଞ୍ଜୁରୀ ପଦବୀ ୯୪। ସେଥିରୁ ୭୫ଟି ଖାଲି ରହିଛି। ଏହି ଜିଲାରେ ୮୬ଟି ଆର୍‌ଆଇ ପଦବୀ ଥିବାବେଳେ ଖାଲି ରହିଛି ୮୧। ନିର୍ବାଚନ ଯୋଗୁ ନୂତନ ନିଯୁକ୍ତି ହୋଇପାରି ନାହିଁ। ଷ୍ଟାଫ୍ ସିଲେକ୍ସନ୍ କମିଶନଙ୍କ ଜରିଆରେ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ନୃସିଂହ ସାହୁ, ଅମର ଶତପଥୀ, ସୁବ୍ରତ ତରାଇ, ଭାଜପା ସଭ୍ୟ କେ. ନାରାୟଣ ରାଓଙ୍କ ଅତିରିକ୍ତ ପ୍ରଶ୍ନରେ ଆର୍‌ଆଇ ଓ ଅମିନ ପଦବୀ କେବେ ସୁଦ୍ଧା ପୂରଣ କରାଯିବ ବୋଲି ପ୍ରଶ୍ନ କରିଥିଲେ। ସେହିପରି ଢେଙ୍କାନାଳ ଜିଲାରେ କେତୋଟି ଆର୍‌ଆଇ ଓ ଅମିନ ପଦବୀ ଖାଲି ରହିଛି। ଓଡ଼ିଶାରେ କେତେ ଖାଲିପଡ଼ିଛି। ଯାଜପୁର ଜିଲାରେ ଏହି ପଦବୀଗୁଡିକ କେତେ ଖାଲି ରହିଛି। ଯେଉଁ ପଞ୍ଚାୟତ ଅନ୍ୟ ଆର୍‌ଆଇ ସର୍କଲରେ ରହିଛି ସେଗୁଡିକୁ ନିକଟସ୍ଥ ସର୍କଲରେ ସାମିଲ କରାଯାଉ। ସୁନ୍ଦରଗଡ଼ ଜିଲାରେ କେତେ ପଦବୀ ଖାଲି ରହିଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ଉପକଣ୍ଠ ଗ୍ରାମାଞ୍ଚଳରେ ଲୋକମାନେ ଆର୍‌ଆଇ ସେବା ପାଉ ନ ଥିବା ନେଇ ପ୍ରଶ୍ନକାଳରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଭୁବନେଶ୍ୱର ଜମି ରେଟ୍ ବଢ଼ିଛି। ଗ୍ରାମାଞ୍ଚଳ ଲୋକଙ୍କ କଥା ଆର୍‌ଆଇ ଶୁଣୁନାହାନ୍ତି। ବଡ଼ ବଡ଼ ବିଲ୍‌ଡରଙ୍କ ପାଖରେ କାମ କରୁଛନ୍ତି। ଆର୍‌ଆଇ ସର୍ଭେ ହୋଇପାରୁ ନ ଥିବାରୁ ଫନୀ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ମିଳିପାରୁ ନାହିଁ। ତୁରନ୍ତ ଆରଆଇ ଏବଂ ଅମିନ ପଦବୀ ପୂରଣ କରି ସେବା ଯୋଗାଇ ଦିଆଯାଉ। ଉତ୍ତରରେ ମନ୍ତ୍ରୀ ମାର୍ଣ୍ଡି କହିଥିଲେ ଯେ, ଓଡ଼ିଶାରେ ୨୪୫୩ ମଞ୍ଜୁରୀପ୍ରାପ୍ତ ଆର୍‌ଆଇ ପଦବୀ ରହିଛି। ସେଥିରୁ ୫୦୩ ଖାଲିପଡ଼ିଛି। ଢେଙ୍କାନାଳ ଜିଲାରେ ୫୫ଟି ପଦବୀରୁ ୧୦ଟି ଖାଲି ପଡ଼ିଥିବା ବେଳେ ଯାଜପୁର ଜିଲାରେ ୮୬ଟି ପଦବୀରୁ ୧୧ଟି ଖାଲି ପଡ଼ିଛି। ସୁନ୍ଦରଗଡ଼ ଜିଲାରେ ୧୧୬ଟି ପଦବୀରୁ ୧୭ଟି ଖାଲି ରହିଥିବା ବେଳେ କେବଳ ଅମିନ ପଦବୀ ୧୧୩ରୁ ୧୬ଟି ଖାଲି ରହିଛି। ପର୍ଯ୍ୟାୟକ୍ରମେ ସେଗୁଡ଼ିକ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

**ତରୁଣ ଆଚାର୍ଯ୍ୟ ହତ୍ୟା ମାମଲା**

# ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଖଲ୍ଲିକୋଟ,୨୭।୬(ଡି.ଏନ.ଏ.)

ବହୁଚର୍ଚ୍ଚିତ ଖବରଦାତା ତରୁଣ ଆଚାର୍ଯ୍ୟ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଖଲ୍ଲିକୋଟ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଇପିସି ଦଫା ୩୦୨/୧୨୦ବି ସମେତ ଅନ୍ୟାନ୍ୟ ଦଫାରେ ବିଚାରପତି ଶ୍ରୀନିବାସ ପ୍ରତିହାରୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପି. ଶ୍ୟାମ ସୁନ୍ଦର ପୃଷ୍ଟି, ସନ୍ତୋଷ ମହାରଣା, ଆର. ରମେଶ ରେଡ୍ଡୀ, ଶିବରାମ ନାଏକ ଓ ସୁରେଶ ସାହୁ। ରାୟ ପ୍ରକାଶ ପାଇବା ପରେ ତରୁଣଙ୍କ ଭାଇ ତଥା ଆଇନଜୀବୀ ତାପସ କୁମାର ଆଚାର୍ଯ୍ୟ ଏହା ଧର୍ମର ଜୟ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ଏହା ସମ୍ଭବ ହେଲା ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବିକ୍ରମପୁର ଗ୍ରାମର ତରୁଣ ୨୦୧୪ ମେ ୨୭ ତାରିଖ ରାତିରେ ଖଲ୍ଲିକୋଟରୁ ଫେରୁଥିବା ବେଳେ ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟ ନିକଟରେ ତାଙ୍କ ଗଳାକାଟି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ମାଷ୍ଟର ମାଇଣ୍ଡ ଥିଲେ କାଜୁ ଫ୍ୟାକ୍ଟ୍ରି ମାଲିକ ପି. ଶ୍ୟାମ ସୁନ୍ଦର ପୃଷ୍ଟି। କାଜୁ ଫ୍ୟାକ୍ଟ୍ରିରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଖବର ପରିବେଷଣ କରିଥିବାରୁ ତରୁଣଙ୍କ ଉପରେ ରାଗ ଶୁଝାଇବାକୁ ପି. ଶ୍ୟାମସୁନ୍ଦର ହତ୍ୟା ଯୋଜନା କରିଥିଲେ। ବ୍ରହ୍ମପୁରରୁ ୩ ଜଣ ସୁପାରିକିଲରଙ୍କୁ ଲଗାଇ ତରୁଣଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡ ପୂର୍ବରୁ ଓ ପରେ ଅନ୍ୟ ୨ ଜଣ ସହଯୋଗ କରିଥିବା ତଦନ୍ତରୁ ଜଣାପଡିଥିଲା। ଏହି ମାମଲାରେ ପୋଲିସ ପର୍ଯ୍ୟାୟକ୍ରମେ ମାଷ୍ଟରମାଇଣ୍ଡଙ୍କ ସମେତ ଉପରୋକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟଜଣେ ଅଭିଯୁକ୍ତ ନୃସିଂହ ଚରଣ ପଣ୍ଡା ଓରଫ ଗୁଲ୍ଲୁ ଏବେ ବି ଫେରାର ଅଛନ୍ତି। ମାମଲାର ତଦନ୍ତରେ ଶିଥିଳତା ଦେଖାଦେବାରୁ ତରୁଣଙ୍କ ଭାଇ ତାପସ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ୨୦୧୫ରେ ହାଇକୋର୍ଟ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଛତ୍ରପୁର ଏଡିଜେ କୋର୍ଟରେ ଏହି ମାମଲାର ଶୁଣାଣି ହୋଇ ଆସୁଥିଲା। ଖଲ୍ଲିକୋଟରେ ଏଡିଜେ କୋର୍ଟ ଖୋଲିବା ପରେ ଛତ୍ରପୁର କୋର୍ଟରୁ ଏଠାକୁ ମାମଲା ସ୍ଥାନାନ୍ତର ହୋଇଥିଲା। ମାମଲାରେ ମୋଟ ୪୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଦୀର୍ଘ ୫ ବର୍ଷ ୧ ମାସ ପରେ ଗୁରୁବାର ଖଲ୍ଲିକୋଟ ଏଡିଜେ ୫ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହି ରାୟ ବିରୋଧରେ ଅଭିଯୁକ୍ତମାନେ ଉପରକୋର୍ଟର ଆଶ୍ରୟ ନେବେ ବୋଲି କହିଛନ୍ତି। କିଶୋର ବିଶୋଇ, ଅଜୁ ପଟ୍ଟନାୟକ, ରାମ କୁମାର, କେକେ ବେହେରା ପ୍ରମୁଖ ଅଭିଯୁକ୍ତଙ୍କ ପକ୍ଷରୁ ଓ ଜୁନିୟର କାଉନସେଲ ସ୍ପେଶାଲ ପ୍ରୋସିକ୍ୟୁଟର କ୍ରାଇମବ୍ରାଞ୍ଚ ଯୁଗଳ ପଣ୍ଡା ତରୁଣଙ୍କ ପାଇଁ ମାମଲା ପରିଚାଳନା କରିଥିଲେ।

# ଆଜି ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ: ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ, ୨୭।୬

ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଏ ନେଇ ପ୍ରଶାସନ କେତେ ପ୍ରସ୍ତୁତ ତାହାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନୀଳାଦ୍ରି ଭକ୍ତ ନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକ। ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିବେ। ପୂର୍ବରୁ ୩ଟି ସମନ୍ୱୟ ବୈଠକ ସରିଛି। ରଥଯାତ୍ରା ପାଇଁ ବାତ୍ୟା କ୍ଷତିଗ୍ରସ୍ତ ପୁରୀ ସହର କେତେଦୂର ପ୍ରସ୍ତୁତ ହୋଇସାରିଛି, ବିଭିନ୍ନ ବିଭାଗର ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମତ ରଖିବେ। ତେବେ ବିଭିନ୍ନ ପ୍ରସଙ୍ଗ ଦୃଷ୍ଟିରୁ ରଥଯାତ୍ରା ଶେଷ ସମନ୍ୱୟ ବୈଠକ ପ୍ରଶାସନିକ ଅଧିକାରୀଙ୍କ ଉପରେ ଭାରି ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବୁଧବାର ରଥଯାତ୍ରା ପାଇଁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆର୍‌ଡିସି ଅନିଲ ସାମଲ, ଜିଲାପାଳ ବଲୱନ୍ତ ସିଂ ପ୍ରମୁଖ ବୈଠକସ୍ଥଳ ପରିଦର୍ଶନ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୌମ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟରେ ଅଛନ୍ତି ୩୨% ଗରିବ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

- ୨୦୧୧ ପରଠାରୁ ଗରିବ ଆକଳନ ହୋଇନାହିଁ: ରାଜସ୍ୱ ମନ୍ତ୍ରୀ
- ଗାଁ ଲୋକଙ୍କ ମାସକୁ ଖର୍ଚ୍ଚ ୬୯୫ ଟଙ୍କା
- ସହରୀ ଲୋକଙ୍କ ଖର୍ଚ୍ଚ ୮୬୧ ଟଙ୍କା



ରାଜ୍ୟରେ ଗରିବ ବଢ଼ିଛି ନା କମିଛି। ଗରିବ ମାପିବାର ମାନଦଣ୍ଡ କ'ଣ। ଏହାକୁ କେନ୍ଦ୍ର ସରକାର ନା ରାଜ୍ୟ ସରକାର ସ୍ଥିର କରନ୍ତି। ଏବେ ରାଜ୍ୟରେ କେତେ ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଦାରିଦ୍ର୍ୟ ଦୂର କରିବାକୁ ରାଜ୍ୟରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି । ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଏଭଳି ଅନେକ ପ୍ରଶ୍ନ ଗୁଡାଇ ତୁଡାଇ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ପଚାରିଥିଲେ। ଖାଲି ପଦବୀଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରାଯିବ କହି ମନ୍ତ୍ରୀ ପ୍ରଶ୍ନକର୍ତ୍ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥିଲେ। ୨୦୧୧-୧୨ର ସର୍ଭେ ଅନୁଯାୟୀ ରାଜ୍ୟରେ ୩୨.୬୮% ଗରିବ ରହିଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

ପ୍ରଶ୍ନକର୍ତ୍ତା ଭାଜପା ସଦସ୍ୟ ମୋହନ ଚରଣ ମାଝି ପଚାରିଥିଲେ ଯେ, ରାଜ୍ୟରେ ଗରିବ କିଏ। ତା'ର ମାପକାଠି କ'ଣ। କେଉଁ ମାପଦଣ୍ଡ ଆଧାରରେ ଗରିବଙ୍କୁ ଚିହ୍ନଟ କରାଯାଇଛି। ଗରିବଙ୍କ ପାଇଁ ରାଜ୍ୟ ସରକାରଙ୍କର କେଉଁ ଯୋଜନା କେବେଠାରୁ ଚାଲିଛି। କେଉଁ ତଥ୍ୟ ଆଧାରରେ ଏହା କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ପ୍ରଚଳିତ ସର୍ବନିମ୍ନ ଆୟ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ଗତ ୧୦ ବର୍ଷ ମଧ୍ୟରେ କେତେ ବଢ଼ିଛି ଓ କମିଛି ବୋଲି ପଚାରିଥିଲେ। ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ, ନୀତି ଆୟୋଗଙ୍କ ତେନ୍ଦୁଲକର କମିଟି ରିପୋର୍ଟ ଅନୁଯାୟୀ ମାସିକ ମୁଣ୍ଡପିଛା ଖର୍ଚ୍ଚକୁ ଦାରିଦ୍ର୍ୟ ସୀମାରେଖା ମାପଦଣ୍ଡ ହିସାବରେ ନିଆଯାଇଥାଏ। ଏହି ଆଧାରରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କୁ ଗରିବ ଭାବେ ଚିହ୍ନଟ କରାଯାଇଥାଏ। ରାଜ୍ୟ ସରକାର ଗରିବଙ୍କ ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଯୋଜନାଗୁଡ଼ିକର ମାର୍ଗଦର୍ଶିକା ଅନୁଯାୟୀ ସମ୍ପୃକ୍ତ ବିଭାଗ ଗରିବ ହିତାଧିକାରୀଙ୍କୁ ଚିହ୍ନଟ କରିଥାନ୍ତି। ୨୦୦୪-୦୫ରେ ହୋଇଥିବା ସର୍ଭେ ଅନୁଯାୟୀ ରାଜ୍ୟରେ ୫୭.୨୦ ପ୍ରତିଶତ ଅର୍ଥାତ୍ ୨୨୧.୭୦ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। ୨୦୧୧-୧୨ରେ ହୋଇଥିବା ସର୍ଭେ ଅନୁଯାୟୀ, ଦାରିଦ୍ର୍ୟ ସୀମାରେଖା ତଳେ ୧୩୮.୫୩ ଲକ୍ଷ ତଥା ୩୨. ୬୮% ଲୋକ ଥିବା ଆକଳନ କରାଯାଇଥିଲା। ଉକ୍ତ ସର୍ଭେ ଅନୁଯାୟୀ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୨୬.୬୧ ପ୍ରତିଶତକୁ ହ୍ରାସ ପାଇଛି। ବିଜେଡି ସଭ୍ୟ ପ୍ରଶାନ୍ତ ମୁଦୁଲି, ପ୍ରତାପ ଦେବ, ଭାଜପା ସଭ୍ୟ ମୁକେଶ ମହାଲିଙ୍ଗମଙ୍କ ଅତିରିକ୍ତ ପ୍ରଶ୍ନରେ ଗରିବ ରାଜ୍ୟ ନା କେନ୍ଦ୍ର ସରକାର ନିର୍ଦ୍ଧାରଣ କରନ୍ତି। ଗରିବୀ ହଟାଇବା ପାଇଁ ଗତ ୫ ବର୍ଷରେ କେନ୍ଦ୍ର ସରକାର କି କି ଯୋଜନା କରିଛନ୍ତି। ରାଜ୍ୟରେ ସର୍ବନିମ୍ନ ଆୟ କେଉଁ ବର୍ଷ କମିଛି କିମ୍ବା ବଢ଼ିଛି। ବଲାଙ୍ଗୀର ଜିଲାରେ ଏହା କମିଛି ନା ବଢ଼ିଛି ବୋଲି ପଚାରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ତତ୍କାଳୀନ ଯୋଜନା କମିଶନ ଏବଂ ଏବେର ନୀତି ଆୟୋଗ ଦାରିଦ୍ର୍ୟ ନିର୍ଦ୍ଧାରଣ କରିଥାନ୍ତି। ୨୦୧୯-୨୦ ବଜେଟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ବ୍ୟୟବରାଦ କରାଯିବ। ଦାରିଦ୍ର୍ୟ ହ୍ରାସ କରିବାକୁ ୧୧ଟା ଯୋଜନା କାର୍ଯ୍ୟକାରୀ ହେଉଛି। ଗରିବଙ୍କ ମୁଣ୍ଡପିଛା ଖର୍ଚ୍ଚକୁ ଧରି ଦାରିଦ୍ର୍ୟ ନିର୍ଦ୍ଧାରଣ କରାଯାଉଛି। ୨୦୦୪-୦୫ରେ ଗ୍ରାମାଞ୍ଚଳରେ ମୁଣ୍ଡପିଛା ଖର୍ଚ୍ଚ ୪୦୭.୭୮ ଟଙ୍କା ଥିବା ବେଳେ ୨୦୧୧-୧୨ରେ ୬୯୫ ଟଙ୍କା ଥିଲା। ସେହିପରି ୨୦୦୪-୦୫ରେ ସହରାଞ୍ଚଳରେ ମୁଣ୍ଡପିଛା ଖର୍ଚ୍ଚ ୪୯୭.୩୧ ଥିବାବେଳେ ୨୦୧୧-୧୨ରେ ୮୬୧ ଟଙ୍କା ହୋଇଛି। ୨୦୧୧-୧୨ ପରେ ଆଉ ଗରିବ ଚିହ୍ନଟ ହୋଇନାହିଁ। ୨୦୧୧ ସୁଦ୍ଧା ରାଜ୍ୟରେ ୨୬.୬୧ ପ୍ରତିଶତ ଗରିବୀ କମିଛି। ଏହାପରେ କୌଣସି ଆକଳନ ହୋଇନାହିଁ ବୋଲି ମନ୍ତ୍ରୀ କହିଥିଲେ।

## ବିଜେଡି କାଉନ୍‌ସିଲର ହତ୍ୟା ମାମଲା

# ଭାଜପା ନେତା ଭୃଗୁ, ଗୋଲକଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

**କଟକ ଅଫିସ,୨୭।୬**

ଛତ୍ରପୁର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ଗୋଲକ ମହାପାତ୍ରଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ଗୁରୁବାର ହାଇକୋର୍ଟ ବୃଦ୍ଧି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଦୁଇ ସପ୍ତାହ ପରେ କରାଯିବ। ଏହି ସମୟ ମଧ୍ୟରେ ପୋଲିସ କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


ସୂଚନାଯୋଗ୍ୟ, ଗଞ୍ଜାମ ଜିଲା ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ହତ୍ୟା କରାଯାଇଥିଲା। ସଂଘବଦ୍ଧ ଭାବେ ଦୁର୍ବୃତ୍ତମାନେ ପ୍ରଧାନଙ୍କ ବାସଭବନ ଆଗରେ ତାଙ୍କୁ ଖଣ୍ଡା ଓ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏହି ମାମଲାରେ ପୂର୍ବରୁ ପୋଲିସ ଜିଲାର ଭାଜପା ନେତା କୃଷ୍ଣ ନାୟକ ଓ ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ଉତ୍ତରାଖଣ୍ଡର ଏକ ଗେଷ୍ଟ ହାଉସ୍‌ରୁ ଗିରଫ କରିଥିଲା। ତେବେ ଅଭିଯୁକ୍ତମାନଙ୍କୁ ଉକ୍ତ ଗେଷ୍ଟ ହାଉସ୍‌ରେ ଲୁଚାଇ ରଖିବା ପଛରେ ଭାଜପା ନେତା ଗୋଲକ ମହାପାତ୍ରଙ୍କ ଭୂମିକା ଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଉକ୍ତ ଘଟଣାରେ ପୂର୍ବରୁ ପୋଲିସ ଗୋଲକଙ୍କୁ ଡାକି ଥାନାରେ ପଚରାଉଚରା କରିଥିଲା। ତେବେ ଗତ ଜାନୁୟାରୀ ୨୯ରେ ଉକ୍ତ ମାମଲାରେ ପୋଲିସ ପକ୍ଷରୁ ଗୋଲକଙ୍କ ସମେତ ଭାଜପାର ଅନ୍ୟତମ ନେତା ଭୃଗୁ ବକ୍ସିପାତ୍ରଙ୍କୁ ମଧ୍ୟ ନୋଟିସ କରାଯାଇଥିଲା। ଉଭୟଙ୍କୁ ଦୁଇଟି ପୃଥକ୍ ତାରିଖ ଯଥା ଗତ ଫେବୃୟାରୀ ୭ ଓ ଫେବୃୟାରୀ ୯ରେ ପୋଲିସ ନିକଟରେ ଉପସ୍ଥିତ ହେବା ପାଇଁ ନୋଟିସ କରାଯାଇଥିଲା। ମାତ୍ର ଉଭୟ ଏହି ମାମଲାରେ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜନ୍ମେଜୟ କଟିକିଆ ଏହି ମାମଲା ପରିଚାଳନା କରୁଛନ୍ତି।

## ସହରରେ ବୋମାମାଡ଼

# ୯ ଅଫୁଟା ବୋମା ଜବତ, ଜଣେ ଅଟକ

**କେନ୍ଦ୍ରାପଡା ଅଫିସ, ୨୭।୬**


ଅଭିଯୁକ୍ତ ସେକ୍ ହୁସେନ


ଜବତ ବୋମା।

ଟାଉନ ଥାନା ଅଧୀନ ସହରର ଜଇପୁରାଠାରେ ବୁଧବାର ବିଳମ୍ବିତ ରାତିରେ ବୋମା ମାଡ଼ ହୋଇଛି। ପୂର୍ବ ଶତ୍ରୁତାରୁ ଜଇପୁରା ଗ୍ରାମର ସେକ୍ ନୁରୀଙ୍କ ଘର ଉପରକୁ ସେହି ଗ୍ରାମର ସେକ୍ ହୁସେନ ଗୋଟିଏ ବୋମାମାଡ଼ କରିଥିଲେ। ଫଳରେ ନୁରୀଙ୍କ ଘରର କିଛି ଅଂଶ ନଷ୍ଟ ହୋଇଛି। ଏ ନେଇ ନୁରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ହୁସେନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଛି। ତେବେ ପୋଲିସ ହୁସେନଙ୍କ ନିକଟରୁ ଆଉ ୯ଟି ଅଫୁଟା ବୋମା ଜବତ କରିଛି। ହୁସେନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଥିବା ଥାନା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ପାଠ୍ୟପୁସ୍ତକରେ କ୍ୟୁଆର୍ କୋଡ୍

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ବଦଳୁଛି ଶିକ୍ଷା ବ୍ୟବସ୍ଥା। ଦିନକୁ ଦିନ ସ୍ମାର୍ଟ ଫୋନ୍‌ର ବ୍ୟବହାର ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ର କିପରି ଏହି ସ୍ମାର୍ଟ ଫୋନ୍‌କୁ ନିଜ ଶିକ୍ଷା ଗ୍ରହଣରେ ବ୍ୟବହାର କରିପାରିବେ, ସେଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପ୍ରୟାସ ଆରମ୍ଭ କରିଛି। ସ୍ମାର୍ଟ ଫୋନ୍ ସାହାଯ୍ୟରେ ଛାତ୍ରୀଛାତ୍ରଙ୍କ ନିକଟରେ ପାଠ୍ୟ ବିଷୟବସ୍ତୁ ପହଞ୍ଚିବ। ନବମ ଓ ଦଶମ ଶ୍ରେଣୀ ବହିରେ ବିଭିନ୍ନ ସ୍ଥାନରେ କ୍ୟୁଆର୍ କୋଡ୍ ଛପାଯାଇଛି, ଯାହାକୁ ନିଜ ସ୍ମାର୍ଟ ଫୋନ୍‌ରେ ସ୍କାନ କଲେ ସେହି ବିଷୟବସ୍ତୁ ସମ୍ପର୍କରେ ବିସ୍ତୃତ ତଥ୍ୟ ସହ ଅଡିଓ ଭିଜୁଆଲ୍ କଣ୍ଟେଣ୍ଟ ମଧ୍ୟ ଛାତ୍ରୀଛାତ୍ର ଦେଖିପାରିବେ। ନବମ ଓ ଦଶମ ଶ୍ରେଣୀର ଅଧିକାଂଶ ବହିର ସୂଚୀରେ ଏବଂ ବିଷୟର ପ୍ରାରମ୍ଭରେ କୁଇକ୍ ରେସ୍‌ପନ୍ସ କୋଡ୍ ବା QR Code ଛପାଯାଇଛି। 'ଦୀକ୍ଷା' ମୋବାଇଲ୍ ଆପ୍‌ରେ ଏହାକୁ ସ୍କାନ କଲେ ବିଷୟବସ୍ତୁକୁ ବିସ୍ତୃତ ଭାବେ ଜାଣିବା ସହ ସେ ସମ୍ପର୍କିତ ଭିଡିଓ ମଧ୍ୟ ଦେଖିହେବ। ପୂର୍ବରୁ ସିବିଏସ୍‌ଇ ଓ ଆଇସିଏସ୍‌ଇ ଏହି ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରଥମ ଥର ପାଇଁ ଏଭଳି ଉପାୟ ଆପଣାଇଛି। ଦିନକୁ ଦିନ ସ୍ମାର୍ଟ ଫୋନ୍‌ର ବର୍ଦ୍ଧିତ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ସ୍ମାର୍ଟ ଉପାୟ ଛାତ୍ରୀଛାତ୍ରଙ୍କ ଜ୍ଞାନବୃଦ୍ଧି ତଥା ବିଷୟବସ୍ତୁ ପ୍ରତି ଆଗ୍ରହ ସୃଷ୍ଟିରେ ସହାୟକ ହେବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆଶା ରଖିଛି। ସ୍ମାର୍ଟ ଫୋନ୍‌ରେ ବିସ୍ତୃତ ପାଠ୍ୟ ବିଷୟବସ୍ତୁ କିପରି ପାଇବେ ଓ କ୍ୟୁଆର୍ କୋଡ୍‌କୁ କିପରି ସ୍କାନ କରିବେ, ସେ ସମ୍ପର୍କରେ ବହିର ପ୍ରଥମ ପୃଷ୍ଠାରେ ଚିତ୍ର ସହିତ ଦର୍ଶାଯାଇଛି। ପ୍ରଥମେ ନିଜ ମୋବାଇଲ୍ ଫୋନ୍‌ର 'ଦୀକ୍ଷା' ଆପ୍ଲିକେଶନ ଡାଉନଲୋଡ୍ କରି ଛାତ୍ରୀଛାତ୍ର ଷ୍ଟୁଡେଣ୍ଟ ବଟନ୍‌ରେ କ୍ଲିକ୍ କରିବେ। ଏହାପରେ କ୍ୟୁଆର୍ କୋଡ୍‌କୁ ସ୍କାନ କଲେ ସେହି ପାଠ୍ୟ ବିଷୟବସ୍ତୁ ନିଜ ଫୋନ୍‌ରେ ପାଇପାରିବେ। କେବଳ ମୋବାଇଲ୍ ଫୋନ୍ ନୁହେଁ, କମ୍ପ୍ୟୁଟରରେ ମଧ୍ୟ ଦୀକ୍ଷା ୱେବ୍‌ସାଇଟକୁ ଯାଇ ଡାଏଲ୍ କୋଡ୍ ଟାଇପ୍ କଲେ, ଏହି ଡିଜିଟାଲ୍ ବିଷୟବସ୍ତୁ ଉପଲବ୍ଧ ହେବ। ଏହି ଆପ୍ଲିକେଶନରେ ପାଠ୍ୟପୁସ୍ତକ ମଧ୍ୟ ମିଳିପାରିବ ବୋଲି ସୂଚନା ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କେନ୍ଦ୍ରସ୍ଥ ମଙ୍ଗଳ ଯୋଗୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣିବାକୁ ପାଇ ଉଲ୍ଲସିତ ହେବେ । ପ୍ରତ୍ୟେକ ଦିଗକୁ ଲକ୍ଷ୍ୟରଖି ଗୋପନୀୟ ଆଲୋଚନା ବ୍ୟତିରେକ ସମସ୍ୟାରେ ଛନ୍ଦି ହୋଇଯିବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇ ପାରନ୍ତି।

**ବୃଷ** ମଙ୍ଗଳଯୁକ୍ତ ବୁଧଙ୍କ ସୁପ୍ରଭାବରୁ ଏକାଧାରରେ ଅର୍ଥଲାଭ ସଙ୍ଗକୁ ସନ୍ତାନମାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ। କିନ୍ତୁ ଏହା ସଙ୍ଗକୁ କୌଣସି ପଡୋଶିନୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତରଜନିତ ସମସ୍ୟା ବୃଦ୍ଧିର ସମ୍ଭାବନା ରହିଛି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କିଛିଜିନିଷ ହଜାଇବା କାରଣରୁ ବିରସ ମନରେ ସମୟ କଟାଇବେ।

**ମିଥୁନ** ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ କାମଗୁଡିକୁ ସହଜ ଓ ସୁବିଧାରେ ସମ୍ପନ୍ନ କରିବାର ମାର୍ଗ ଉନ୍ମୁକ୍ତ କରିବ। ଆକସ୍ମିକ ଭାବରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ । ଶିଳ୍ପ, ବାଣିଜ୍ୟ, କଳ କାରଖାନା,ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ ।

**କର୍କଟ** କର୍ମସ୍ଥ ଚନ୍ଦ୍ର ଯୋଗୁ ନିଜର ଉଦାରତା ଓ ସହନଶୀଳତା ଗୁଣରୁ ସମସ୍ତଙ୍କର ଆଦରଣୀୟ ହୋଇ ପ୍ରଶଂସିତ ହେବେ। ତଥାପି ସାମୟିକ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆଣ୍ଠୁ ଗଣ୍ଠିରେ ଦରଜଜନିତ ପୀଡା ଅନୁଭବ କରିପାରନ୍ତି।

**ସିଂହ** ରାଶ୍ୟାଧିପତିଙ୍କ ସ୍ଥାନ ସ୍ଥିତିରୁ ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପାଦନ କରିବାରେ ପ୍ରେରଣା ଯୋଗାଇବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ଅଷ୍ଟମ ଚନ୍ଦ୍ରଙ୍କ କୁପ୍ରଭାବରୁ ମନ ଭିତରର ଅଶାନ୍ତିକୁ ପ୍ରକାଶ ନ କରି ଅନ୍ୟମାନଙ୍କ କାମରେ ନିଜକୁ ମଜାଇ ରଖି ପ୍ରଶଂସିତ ହେବେ। ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି କେବଳ ଅଶାନ୍ତି ସୃଷ୍ଟିର କାରଣ ହେବ। ଖୁସୀ ରହିବା ଓ ଅନ୍ୟମାନଙ୍କୁ ଖୁସୀରେ ରଖିବା ସକାଶେ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି।

**ତୁଳା** ଆଜି କାର୍ଯ୍ୟବ୍ୟସ୍ତତା ଓ ମାନସିକ ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନ ଅଶାନ୍ତ ରହିବ। ତଥାପି ସମୟାନ୍ତରେ ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସୁଯୋଗ ଆପଣା ଛାଏଁ ପାଖରେ ଆସି ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନିଜ ଲୋକମାନଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ ।

**ବିଛା** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେବା ସହଜସାଧ୍ୟ ନ ହୋଇପାରେ। ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା କାରଣରୁ ଅଫିସ୍‌ରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। କାମ ହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ଭରସା କରିପାରିବେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ।

**ମକର** ଚନ୍ଦ୍ରଙ୍କ ଚତୁର୍ଥସ୍ଥାନସ୍ଥିତିରୁ ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଙ୍ଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ** ରବି ଓ ରାହୁଙ୍କ ଦୋଷରୁ ମନ ଭିତରର ଅସନ୍ତୋଷକୁ ବନ୍ଧୁଙ୍କ ସମ୍ମୁଖରେ ବଖାଣିବା ଦ୍ୱାରା ଓଲଟା ଫଳ ଭୋଗିବାକୁ ପଡିବ। ପରିବାର ସଦସ୍ୟଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ । ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯିବା କାରଣରୁ ମାନସିକ ସ୍ତରରେ ଅଶାନ୍ତି ଅନୁଭବ କରିବେ।

**ମୀନ** ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅଣସରଦଶମୀ ଯୁକ୍ତ ଏକାଦଶୀ ଶୁକ୍ରବାର, ଜୁନ୍ ୨୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦।୨୪ମି. ପର୍ଯ୍ୟନ୍ତ ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ପାଇଁ ଶୁଭଦିନ। ଦିବା ଘ.୬।୪୯ମି. ମଧ୍ୟେ ଘ.୪।୩୪ମି. ଗତେ, ଘ.୪।୩୪ମି. ଗତେ, ଘ.୬।୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ଅମୃତବେଳା।


# classifieds Everyday
0674-2580101, 2549302

automobile

**SALE**

Truck 10 wheeler-2011 model, make- Ashok Leyland, full dalla in good running condition. 9437015191. D-66251

**HIRE**

Required SwiftDzire for monthly rented basis on Govt. duty. Contact: 9337819041. D-13155

real estate

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 6370292040. D-66395

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931. D-66705

**Gharabari plot having Boundary sale 2000sqft near Audi showroom service centre, Bhubaneswar (50'x40') , (North/ East facing). Contact: 8249853413.** D-13149

ମଙ୍ଗୁଳି ଫାର୍ମା କଲେଜ ରୋଡ଼ରେ 4.5K.m କମ୍ପ୍ଲେକ୍ସ ପାଖରେ ସ୍ଥିତିବାନ ଜାଗା ଡ଼ି. 90,000 ବିକ୍ରି। Contact: 8908492594. D-12707

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 7609987767. D-59931

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

Plot near Dhauli 1700 sqft infront of New bus stand sqft 900/-. 9938503178. D-13115

Bhubaneswar ସନ୍ନିକଟ Pitapalli ଛକଠାରେ 40', 30', 60' road, electric pole, possession plot ମାତ୍ର 6,60,000/- ମିଳୁଅଛି। 9439101373 / 7750068828. D-13131

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

ଭୁବନେଶ୍ୱର ଉତ୍ତରା/ Kru- pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

ପିତାପଲ୍ଲୀ ଛକ NH ପାଖରେ sqft- 399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ Grandbazar ସମ୍ମୁଖରେ ଘରବାରି plot କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438525948.** D-66717

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13165

**ହଂସପାଳ ବାଲିଅନ୍ତାରେ ଘରବାରି ପ୍ଲଟ କଟକୀଗୁଣ୍ଠ 9,00,000/- ରେ concrete road, electry ଥାଇ ବିକ୍ରିହେବ। 9777236619.** D-13156

to-let

1000 sqft House at HB Colony, Chandrasekharpur on mainroad side for commercial purpose. 9438283062. D-66154

Prime location 18'x60' garment furnished AC showroom, opposite Ekamra Talkies, Bomikhal, Bhubaneswar. Rent: 71,000/-, Contact: 9692796161. D-58095

healthcare

Summer special mesmerizing offer expert therapeutic refreshing massage appointment. 9668374480. D-66579

New new openly fullbody massage ladies, gents AC room- 7609923705. D-38557


**LOST**

I Sri Uttam Jena, S/o- Bibhutibhusan Jena, At- Barabatia, PS.- Bhograi, Dist- Balasore, here by declare that I lost 2 saledeed No- 10101200830 & 10101203230 along with a bag having some other documents. If any body found that kindly contact: 9937718762. D-38558

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜିଲ୍ଲା ଚିଠି ଗଜପତି



# ୩୦ ଆଦିବାସୀ ଗାଁର ଦୁଃଖ

ବଂଶଧାରା ଉପରେ ପୋଲଟିଏର ଅଭାବ ୩୦ ଖଣ୍ଡ ଆଦିବାସୀ ଗାଁର ଦୁଃଖ ହୋଇ ରହିଆସିଛି। ଗଜପତି ଜିଲା ମୋହନା ବ୍ଲକର କୋଷରୀଗୁଡ଼ା ପଞ୍ଚାୟତ ସମେତ ପ୍ରାୟ ୩୦ଟି ଗାଁର ବାସିନ୍ଦା ଏହି କାରଣରୁ ବିଭିନ୍ନ ମୌଳିକ ସମସ୍ୟା ଭିତରେ ଦିନ କାଟୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଥିବା ଏହି ଗ୍ରାମ ସବୁକୁ ସଂଯୋଗ କରିବା ପାଇଁ ବଂଶଧାରା ନଦୀ ଉପରେ ଗୋଟିଏ ପୋଲ ନିର୍ମାଣ ହୋଇପାରୁ ନାହିଁ। ଫଳରେ ଯାତାୟାତ ସମସ୍ୟା ଭୋଗୁଛନ୍ତି ଏଠାକାର ବାସିନ୍ଦା। କେନ୍ଦ୍ର ଏବଂ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନାରେ ଅର୍ଥ ବ୍ୟୟବରାଦ କରୁଛନ୍ତି ସତ ; କିନ୍ତୁ ଗଜପତି ଜିଲାର ଏହି ଆଦିବାସୀ ଅଧ୍ୟୁଷିତ ଗାଁଗୁଡ଼ିକରେ ବିକାଶ ତ ଦୂରର କଥା, ଏହାର ଛାଇ ବି ପହଞ୍ଚି ପାରୁ ନଥିବା ମନେ ହେଉଛି। କୋଷରୀଗୁଡା ପଞ୍ଚାୟତର ଶିଙ୍ଗୁଲିପଦର, ପଣସଖାଲ, ନରଙ୍ଗସାହି, ଦୁଡ଼ିଗୁଡ଼ା, କମଳାପଦର, ଗଡ଼ାପଦର, କଞ୍ଚାମେରା, ନୂଆସାହି, ଆଖୁବାଡ଼, ଢେଙ୍କାବନ୍ଧ, ବାଦୁଆ, ଏନ୍. ଝାଲାରସିଂ, ସମ୍ବଲପୁର ଭଳି ଗ୍ରାମର ବାସିନ୍ଦା ଢେଙ୍କାବନ୍ଧ ନିକଟସ୍ଥ ବଂଶଧାରା ନଦୀ ଅତିକ୍ରମ କରି ବିଭିନ୍ନ କାର୍ଯ୍ୟ ପାଇଁ ପ୍ରତ୍ୟହ ଯାତାୟାତ କରିଥାନ୍ତି। ଏହି ରାସ୍ତାଦେଇ ସେମାନେ ମୋହନା ବ୍ଲକ ଅଫିସ, ଚନ୍ଦ୍ରଗିରି ଡାକ୍ତରଖାନା, ସ୍କୁଲ, କଲେଜ ସହ ଅନ୍ୟାନ୍ୟ କାର୍ଯ୍ୟରେ ଆସିଥାନ୍ତି। ଏତେ ଖଣ୍ଡ ଗାଁର ଲୋକଙ୍କ ଆବଶ୍ୟକତାକୁ ଦେଖି ଏଠାରେ ପୋଲ ନିର୍ମାଣ ଜରୁରୀ ଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ପୋଲଟିଏର ଅଭାବ କେବଳ ଗମନାଗମନରେ ସମସ୍ୟା ସୃଷ୍ଟି କରୁନାହିଁ, ବରଂ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଭଳି ମୌଳିକ ସୁବିଧାରୁ ଏଠିକାର ଲୋକଙ୍କୁ ବଞ୍ଚିତ କରୁଛି। ସ୍ଥାନୀୟ ହିତାଧିକାରୀ ବିଭିନ୍ନ ଭତ୍ତା ଠିକ୍ ସମୟରେ ପାଇପାରୁ ନାହାନ୍ତି। ଗଜପତି ଜିଲାରେ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ରହିଛି। ମାତ୍ର ଏହି ସବୁ ଗ୍ରାମର ଜନଜାତି ସମ୍ପ୍ରଦାୟର ଲୋକଙ୍କ ଏହି ମୌଳିକ ଦାବି ପ୍ରତି ପରିଷଦ କାହିଁକି ଧ୍ୟାନ ଦେଉନାହିଁ ବୋଲି ସମସ୍ତଙ୍କ ଭିତରେ ପ୍ରଶ୍ନ। ବର୍ଷ ବର୍ଷ ଧରି ଏଠିକାର ଲୋକେ ଅବହେଳିତ ହୋଇ ଜୀବନ କାଟୁଛନ୍ତି। ପୋଲ ନିର୍ମାଣ ଲାଗି ସେମାନେ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏବେ ବର୍ଷାଦିନରେ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ସବୁଠୁ ବଡ଼ କଷ୍ଟକର କାମ ହେବ ବୋଲି ସେମାନେ କହିଛନ୍ତି।

– ରଶ୍ମିରଞ୍ଜନ ମିଶ୍ର

# ଆଜି ୮ ଜିଲାକୁ ବର୍ଷା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଓଡ଼ିଶାରେ ମୌସୁମୀ ଛୁଇଁଛି। କିନ୍ତୁ ଜୁନ୍ ମାସ ଶେଷ ହେବାକୁ ବସିଲାଣି, ରାଜ୍ୟରେ ବର୍ଷାର କୌଣସି ଦେଖାନାହିଁ। ଆସନ୍ତା ୩୦ତାରିଖରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶୁକ୍ରବାର ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ସହ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ। ତେବେ କୋରାପୁଟ, ଗଜପତି, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ବାଲେଶ୍ୱର ଆଦି ୮ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଅନୁମାନ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ କାଳବୈଶାଖୀ ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ୩୦ତାରିଖରେ ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, ନୟାଗଡ଼, କନ୍ଧମାଳ ଓ ଗଞ୍ଜାମ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ଅଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ଆସନ୍ତା ୩୦ ଓ ଜୁଲାଇ ୧ରେ ୩୫ରୁ ୪୫ କିଲୋମିଟର ବେଗରେ ପବନ ବହିପାରେ। ଏହି ଦୁଇଦିନ ସମୁଦ୍ର ଭିତରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ସମୁଦ୍ର ଭିତରକୁ ଯାଇଛନ୍ତି, ସେମାନେ ୨୯ତାରିଖ ରାତି ସୁଦ୍ଧା ଫେରିଆସିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

**ବିଧାନସଭା ପ୍ରଶ୍ନୋତ୍ତର**

# ‘ଧରିତ୍ରୀ’ ସର୍ବାଧିକ ପ୍ରସାରିତ ଖବରକାଗଜ

## ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଉତ୍ତର

ଭୁବନେଶ୍ୱର,୨୭।୬(ବ୍ୟୁରୋ)-

ରାଜ୍ୟରେ ପ୍ରସାରିତ ଖବରକାଗଜଗୁଡିକ ମଧ୍ୟରୁ ‘ଧରିତ୍ରୀ’ ପ୍ରସାରଣ ସର୍ବାଧିକ। ଚଳିତ ବର୍ଷ ଜାନୁୟାରୀ ୨୪ରେ ପ୍ରକାଶିତ ତଥ୍ୟକୁ ଆଧାର କରି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ପଚରା ଯାଇଥିବା ଅଣତାରକା ପ୍ରଶ୍ନ ନଂ-୯୮ର ଉତ୍ତର ଦେଇ ମନ୍ତ୍ରୀ ଦାସ ଉପରୋକ୍ତ ତଥ୍ୟ ରଖିଛନ୍ତି। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ପ୍ରଦତ୍ତ ଉତ୍ତର ଅନୁଯାୟୀ, ଅନୁମୋଦିତ ଦୈନିକ ଖବରକାଗଜ ସଂଖ୍ୟା ୮୨, ସାପ୍ତାହିକ ସଂଖ୍ୟା-୬୦, ପାକ୍ଷିକ ସଂଖ୍ୟା-୧୬, ମାସିକ ସଂଖ୍ୟା-୧୯, ତ୍ରୟମାସିକ ସଂଖ୍ୟା-୧ ଏବଂ ଇଂଲିଶ ଖବରକାଗଜ ସଂଖ୍ୟା-୧୭ ଅଟେ।

ସେହିଭଳି ଗ୍ରାମାଞ୍ଚଳ ଖବରଦାତାମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ନିମନ୍ତେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ମାତ୍ର କାର୍ଯ୍ୟରତ ଖବରଦାତାଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଖବରଦାତାମାନଙ୍କୁ ଯୋଗାଇ ଦିଆଯାଇଥାଏ। ସେହିପରି ଖବରଦାତାମାନଙ୍କୁ ପେନ୍‌ସନ ଦେବାର କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋଚ୍ଚ: ମୁଖ୍ୟମନ୍ତ୍ରୀ

- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ
- ମହିଳା ସଶକ୍ତୀକରଣ, କୃଷିକୁ ଗୁରୁତ୍ୱ
- ପ୍ରତି ବ୍ଲକରେ ହେବ ଆଦର୍ଶ ବିଦ୍ୟାଳୟ
- ବଳକା କଚ୍ଚାଘର ହେବ ପକ୍କା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛା ସର୍ବୋଚ୍ଚରେ ରହିଥାଏ। ରାଜ୍ୟକୁ ପୁଣିଥରେ ଶାସନ କରିବାକୁ ଓଡ଼ିଶାର ଜନସାଧାରଣ ସୁଯୋଗ ଦେଇଥିବାରୁ ସେମାନଙ୍କ ନିକଟରେ ନତମସ୍ତକ ହେଉଛି। ଜନସାଧାରଣଙ୍କ ବିଶ୍ୱାସ ଜନମତରେ ପ୍ରତିଫଳିତ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଧାନସଭାରେ ଗୁରୁବାର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲୋକଙ୍କ ଆଶୀର୍ବାଦକୁ ପାଥେୟ କରି ରାଜ୍ୟରେ ଏକ ସ୍ୱଚ୍ଛ, ପାରଦର୍ଶୀ ଏବଂ ଲୋକାଭିମୁଖୀ ଶାସନ ବ୍ୟବସ୍ଥା ଦେବାକୁ ଚେଷ୍ଟା କରାଯିବ। ଗତ ୧୯ ବର୍ଷରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ରକ୍ଷା କରାଯାଇଛି। ପ୍ରଶାସନର ସଫଳତାରେ ସରକାର ଗର୍ବିତ। ନିକଟରେ ରାଜ୍ୟ ଭୟାନକ ସାମୁଦ୍ରିକ ଝଡ଼ ଫନୀର ସଫଳ ମୁକାବିଲା କରିପାରିଛି। ଏଥିପାଇଁ ରାଜ୍ୟ ସରକାର ଜାତୀୟ ଏବଂ ଅନ୍ତର୍ଜାତିକସ୍ତରରେ ପ୍ରଶଂସିତ ହୋଇଛନ୍ତି। ଏହି ଦୁଃସ୍ଥିତି ସମୟରେ ଜନସାଧାରଣ ପ୍ରଦର୍ଶନ କରିଥିବା ସାହସକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଜଣାଇଛନ୍ତି। ପୁରୀ, ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଜିଲାରେ ଫନୀ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ସରକାର ଲୋକମାନଙ୍କ ପାଇଁ ବିଶେଷକରି ଦୁର୍ବଳ ଶ୍ରେଣୀଙ୍କ ଲାଗି ପ୍ରତିଶ୍ରୁତିବଦ୍ଧ। ଏହାକୁ ପ୍ରମାଣିତ କରିବା ପାଇଁ ରାଜ୍ୟ ସରକାର ଶପଥ ଗ୍ରହଣ ପରେ ଅନୁଷ୍ଠିତ ପ୍ରଥମ ମନ୍ତ୍ରି ପରିଷଦ ବୈଠକରେ ଦଳର ଇସ୍ତାହାରକୁ ପ୍ରାଥମିକତା ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଦିଆଯାଇଥିବା ପ୍ରତିଶ୍ରୁତି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। କୃଷି ଆମ ଅର୍ଥନୀତିର ମେରୁଦଣ୍ଡ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନା ଜାରି ରହିବ। ଜଳସେଚନ କ୍ଷେତ୍ରରେ ଉନ୍ନତୀକରଣ ପାଇଁ ଚେଷ୍ଟା କରାଯିବ। ମହିଳା ସଶକ୍ତୀକରଣ ଉତ୍ତମ ପ୍ରଶାସନର ଚାବିକାଠି। ନାରୀ ସଶକ୍ତୀକରଣକୁ ପରବର୍ତ୍ତୀ ସୋପାନକୁ ନେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରତି ମଞ୍ଚରେ ମହିଳା ସଂରକ୍ଷଣକୁ ବ୍ୟାପକ ଭାବେ ଉପସ୍ଥାପନ କରାଯିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ପ୍ରାଥମିକତା। ରାଜ୍ୟର ପ୍ରତି ବ୍ଲକରେ ଓଡ଼ିଶା ଆଦର୍ଶ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ କରାଯିବ। ଧୀଶକ୍ତିସମ୍ପନ୍ନ ଛାତ୍ରୀଛାତ୍ରଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଦେଖି ବୃତ୍ତି ପ୍ରଦାନ ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ରାଜ୍ୟରେ ଏକ ସ୍କଲାରଶିପ୍ କାଉନ୍‌ସିଲ(ବୃତ୍ତି ପରିଷଦ) ଗଠନ ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜ୍ୟରେ ବଳକା ଥିବା ସମସ୍ତ କଚ୍ଚାଘରକୁ ପକ୍କାଘର କରିବା ପାଇଁ ସରକାର ପଦକ୍ଷେପ ନେବେ। ଯୁବବର୍ଗ ପାଇଁ ରୋଜଗାର ସୃଷ୍ଟିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରରୁ ଆଗାମୀ ଦିନରେ ୧ ଲକ୍ଷ ୫୦ ହଜାର ପେସାଗତ ବ୍ୟକ୍ତିବିଶେଷ ବାହାରିବେ। ଓଡ଼ିଶାକୁ ଏକ ଅଗ୍ରଣୀ କ୍ରୀଡ଼ାସ୍ଥଳୀ କରିବା ପାଇଁ ଏହାର ଭିତ୍ତିଭୂମି ଉନ୍ନୟନ ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ରାଜ୍ୟର ସ୍ୱାର୍ଥ ତଥା ସାଢ଼େ ୪ କୋଟି ଓଡ଼ିଆଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାର କେନ୍ଦ୍ର ସହ ଉତ୍ତମ ସମ୍ପର୍କ ରକ୍ଷା କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ସଶକ୍ତ, ସମୃଦ୍ଧ ଓଡ଼ିଶା ସମସ୍ତଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ପାଇଁ ଜନସାଧାରଣ ଆଶୀର୍ବାଦ କରିଛନ୍ତି। ଏହାକୁ ପୂରଣ ନିମନ୍ତେ ସରକାର କୌଣସି ସୁଯୋଗ ହାତଛଡ଼ା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ସମସ୍ତ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ଗୃହର ସହଯୋଗ କାମନା କରିଥିଲେ।





GOA STATE LOTTERIES
Rajshree MONTHLY LOTTERY
SYMBOL OF TRUST
Ticket ₹100/-
1st Prize ₹ 1 CRORE Including Super Prize Amount
2nd Prize ₹ 10 LAKH Including Super Prize Amount
3rd Prize 5 ₹ 2 LAKH Each Including Super Prize Amount
DRAW 10.07.2019 4.30 PM ONWARDS
FREE POSTAGE Tickets worth Rs. 1400/- will be sent by Regd. Post. Send BANK DRAFT / MONEY ORDER in favour of ANAND AGENCIES payable at Asansol (W.B.) with full Address & Pin Code to the following address
We request all customers please mention your active mobile no. for easy delivery
ANAND AGENCIES 407, Lower Chelidanga, Mother Teresa Road, Asansol - 713304 Mob. No.: 7365895446 / 9021166358



**କାନାରା ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

ଅଞ୍ଚଳ କାର୍ଯ୍ୟାଳୟ, ପ୍ରଥମ ମହଲା, ରେଡକ୍ରସ ଭବନ, ୟୁନିଟ୍- ୯, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୨୨ ଫୋନ୍ ନଂ.: ୦୬୭୪-୨୩୯୧୫୦୫/୨୩୯୦୮୮୪

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ- ନିଲାମ ବିକ୍ରୟ ନୋଟିସ୍

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କୁ ଜଣାଇଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାର ମାନଙ୍କ ଠାରୁ କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାର ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତି ଗୁଡିକୁ “ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି ଭିତ୍ତିରେ” ତା ୩୦.୦୭.୨୦୧୯ ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ପୂର୍ବାହ୍ନ ୧୧.୩୦ ଘଟିକା ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି ତା. ୨୪.୦୭.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।

| କ୍ର. ନଂ. | ଶାଖା/ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି |
|---|---|---|---|---|
| ୧. | ସୋନପୁର ଶାଖା / ୭୭୦୫୦୦୯୨୧୭(ମୋ)/ ଋଣଗ୍ରହୀତା.: ମେସର୍ସ କ୍ଷେତ୍ରପାଳ ଗାର୍ମେଣ୍ଟସ୍, ସ୍ୱତ୍ୱାଧିକାରୀ: ଶ୍ରୀ ସମୀତ ନାୟକ, ପିତା.: ଅର୍ଜୁନ ନାୟକ/ ଜାମିନଦାର/ ବନ୍ଧକଦାତାମାନେ.: ୧) ଶ୍ରୀ ଅର୍ଜୁନ ନାୟକ, ପିତା.: ମାନଗୋବିନ୍ଦ ନାୟକ, ୨) ଶ୍ରୀ ସନ୍ତୋଷ ନାୟକ, ପିତା.: ମାନଗୋବିନ୍ଦ ନାୟକ, ସମସ୍ତଙ୍କ ଠିକଣା ସା.: ସହଜପିଟା, ପୋ.: ବୈଦ୍ୟନାଥ, ଜିଲ୍ଲା.: ସୋନପୁର, ଓଡ଼ିଶା - ୭୬୭୦୧୭ | ଶ୍ରୀ ଅର୍ଜୁନ ନାୟକ ଏବଂ ଶ୍ରୀ ସନ୍ତୋଷ ନାୟକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୪/୧୪, ପ୍ଲଟ୍ ନଂ.: ୨୦୬, ସା.: ସହଜପିଟା, ତହସିଲ: ସୋନପୁର, ଜିଲ୍ଲା.: ସୋନପୁର, ମୋଟ କ୍ଷେତ୍ର.: ଏକର ୦.୦୭ ଡ଼ିସିମିଲି, ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ମାଗୁ ମେହେର, ଦକ୍ଷିଣ: ଅର୍ଜୁନ ଭୋଇ, ପୂର୍ବ: ଧନ ପଟେଲ, ପଶ୍ଚିମ: ରାସ୍ତା। | ୨୦.୦୬.୨୦୧୯ ସୁଦ୍ଧା ଟ. ୬,୨୫,୭୩୨.୭୧ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭,୨୦,୦୦୦/- / ଟ. ୭୨,୦୦୦/- |
| ୨. | ନୂଆପଡ଼ା ଶାଖା / ୭୭୦୫୦୦୯୨୦୫(ମୋ)/ ଋଣଗ୍ରହୀତା/ବନ୍ଧକଦାତା.: ଶ୍ରୀ ପ୍ୟାରୀଲାଲ୍ ଜଗତ୍, ପିତା.: ସାଧବ ଜଗତ୍/ ଜାମିନଦାର.: ଶ୍ରୀ ଜନକ ରାମ ମହାନନ୍ଦ, ପିତା.: ହିରାରାମ ମହାନନ୍ଦ, ଉଭୟଙ୍କ ଠିକଣା ସା.: ଅଁଳାସୁବା, ପୋ.: ଦର୍ଲିମୁଣ୍ଡା, ଜିଲ୍ଲା.: ନୂଆପଡ଼ା, ଓଡ଼ିଶା - ୭୬୬୧୦୮ | ଶ୍ରୀ ପ୍ୟାରୀଲାଲ୍ ଜଗତ୍‌ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୩୩୧/୮୫, ପ୍ଲଟ୍ ନଂ.: ୧୯୭୨, କ୍ଷେତ୍ର.: ଏକର ୦.୦୨ ଡ଼ିସିମିଲି, ସା.: ଅଁଳାସୁବା, ପୋ.: ଦର୍ଲିମୁଣ୍ଡା, ଜିଲ୍ଲା.: ନୂଆପଡା, ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ରାଇଧର ମାଝି, ଦକ୍ଷିଣ: ଗୁରୁବାରୁ ଜଗତ, ପୂର୍ବ: ରାସ୍ତା, ପଶ୍ଚିମ: ଆର୍.ମାଝି | ୨୦.୦୬.୨୦୧୯ ସୁଦ୍ଧା ଟ. ୫,୬୧,୩୩୪.୫୦ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୭,୯୬,୦୦୦/- / ଟ.୭୯,୬୦୦/- |
| ୩. | ଘାଟିକିଆ ଶାଖା / ୭୭୦୫୦୦୯୦୫୭(ମୋ)/ ଋଣଗ୍ରହୀତା.: ଶ୍ରୀମତୀ ଦେବସ୍ମୀତା ସରଦାର, ସ୍ୱାମୀ.: ଅଶାନ୍ତ କୁମାର ସରଦାର / ଜାମିନଦାର.: ଅଶାନ୍ତ କୁମାର ସରଦାର, ପିତା.: ସତ୍ୟନାରାୟଣ ସରଦାର, ଉଭୟଙ୍କ ଠିକଣା: ସା.: ପ୍ଲଟ୍ ନଂ.: ୨୯୦/୧୩୩୯/୧୭୪୫, ସାମପୁର, ଘାଟିକିଆ, ଭୁବନେଶ୍ୱର- ୭୫୧୦୦୩ | ଶ୍ରୀମତୀ ଦେବସ୍ମୀତା ସରଦାର୍‌ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୫୭/୩୦୩, ପ୍ଲଟ୍ ନଂ.: ୩୦୨(ଅଂଶ), ଅନୁରୂପ ଖାତା ନଂ.: ୭୪(ସବ୍ ପ୍ଲଟ୍ ନଂ.: ୬ ଭାବେ ଚିହ୍ନିତ), ମୌଜା.: ଭଗବତୀ ପୁର, ତହସିଲ୍.: ଭୁବନେଶ୍ୱର, ଏସ୍ ଆର୍ ଓ.: ଖଣ୍ଡଗିରି, ଥାନା.: ଚନ୍ଦକା, ଥାନା ନଂ.: ୨୫, ଭୁବନେଶ୍ୱର, ସମୁଦାୟ କ୍ଷେତ୍ର.: ଏକର ୦.୦୩୪ ଡ଼ିସିମିଲ (୧୪୯୦ ବର୍ଗଫୁଟ), ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ସବ୍ ପ୍ଲଟ୍ ନଂ.: ୫, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୭, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୦୩ | ୧୧.୦୧.୨୦୧୯ ସୁଦ୍ଧା ଟ. ୨୯,୩୧,୬୧୯/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୪,୦୦,୦୦୦/- / ଟ.୨,୪୦,୦୦୦/- |
| ୪. | ଘାଟିକିଆ ଶାଖା / ୭୭୦୫୦୦୯୦୫୭(ମୋ)/ ଋଣଗ୍ରହୀତା.: ମେସର୍ସ ଜୟ ଜଗନ୍ନାଥ ହାର୍ଡୱେୟାର ଆଣ୍ଡ ଫିଟିଙ୍ଗ୍‌ସ, ସା.: ସପ୍ ନଂ.: ଜି ୧୦ କେ ୭, ବିଡିଏ ମାର୍କେଟ, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର- ୭୫୧୦୦୩ / ସ୍ୱତ୍ୱାଧିକାରୀ.: ଅଶାନ୍ତ କୁମାର ସରଦାର, ପିତା.: ସତ୍ୟନାରାୟଣ ସରଦାର/ଜାମିନଦାର.: ଶ୍ରୀମତୀ ଦେବସ୍ମୀତା ସରଦାର, ସ୍ୱାମୀ.: ଅଶାନ୍ତ କୁମାର ସରଦାର, ଉଭୟଙ୍କ ଠିକଣା: ସା.: ପ୍ଲଟ୍ ନଂ.: ୨୯୦/୧୩୩୯/୧୭୪୫, ସାମପୁର, ଘାଟିକିଆ, ଭୁବନେଶ୍ୱର- ୭୫୧୦୦୩ | | ୧୧.୦୧.୨୦୧୯ ସୁଦ୍ଧା ଟ. ୨୦,୦୪,୨୧୬.୨୭ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | |
| ୫. | ଏସ୍ଏମ୍ଇ ମଞ୍ଚେଶ୍ୱର ଶାଖା/୭୭୦୫୦୦୯୦୭୪(ମୋ)/ ଋଣଗ୍ରହୀତା.: ମେସର୍ସ ଅରବିନ୍ଦ ସାହୁ, ସ୍ୱତ୍ୱାଧିକାରୀ: ଶ୍ରୀ ଅରବିନ୍ଦ ସାହୁ, ପିତା.: ଲକ୍ଷ୍ମଣ ସାହୁ, ସା.: ପ୍ଲଟ୍ ନଂ.: ଏ/୨-୨୦୮, କଳିଙ୍ଗ ଷ୍ଟାଡିୟମ୍ ସ୍କୋୟାର ନିକଟ, ନିରୁପମା ଆପାର୍ଟମେଣ୍ଟ, ନୟାପଲ୍ଲୀ, ଭୁବନେଶ୍ୱର- ୭୫୧୦୧୨ | ଶ୍ରୀ ଅରବିନ୍ଦ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ସା.: ମଣେଇ ସାହି, ଝୁମୁକା ରୋଡ୍, ପୋ.: କଣ୍ଟାବାଡ଼, ହିଲ୍ ଭ୍ୟୁ ରିସର୍ଟ ନିକଟ, କଣ୍ଟାବାଡ଼, ଥାନା.: ଚନ୍ଦକା, ମୌଜା.: କଣ୍ଟାବାଡ଼, ମ୍ୟୁଟେସନ୍ ଖାତା ନଂ.: ୨୫୩/୬୮୫, ପ୍ଲଟ୍ ନଂ.: ୪୨୩/୧୮୭୯, କ୍ଷେତ୍ର.: ଏକର ୦.୫୦୩ ଡ଼ିସିମିଲି, ଜିଲ୍ଲା.: ଖୋର୍ଦ୍ଧା, ପିନ୍ - ୭୫୨୦୫୪, ଏହାର ଚତୁଃପାର୍ଶ୍ୱରେ -ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୪୨୨, ଦକ୍ଷିଣ: ପ୍ଲଟ୍ ନଂ.: ୪୨୦, ପୂର୍ବ: ପ୍ଲଟ୍ ନଂ.: ୪୨୧, ପଶ୍ଚିମ: ରାସ୍ତା ଏବଂ ସରକାରୀ ଜମି | ୩୧.୧୦.୨୦୧୮ ସୁଦ୍ଧା ଟ. ୩୦,୪୩,୩୦୯/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୫୦,୫୯,୦୦୦/- / ଟ.୫,୦୫,୯୦୦/- |
| ୬. | ଏସ୍ଏମ୍ଇ ମଞ୍ଚେଶ୍ୱର ଶାଖା/୭୭୦୫୦୦୯୦୭୪(ମୋ)/ ଋଣଗ୍ରହୀତା.: ମା ତାରିଣୀ ସପ୍ଲାୟର୍ସ, ସ୍ୱତ୍ୱାଧିକାରୀ.: ସତ୍ୟ ରଞ୍ଜନ ମହାନ୍ତି, ପିତା.: ରବିନ୍ଦ୍ର ମହାନ୍ତି, ସା.: ପ୍ଲଟ୍ ନଂ.: ୪୮୮/୫୪୭୧/୮୬୦୫, ସମେଇଗାଡିଆ, ମଞ୍ଚେଶ୍ୱର, ରସୁଲଗଡ, ଭୁବନେଶ୍ୱର- ୭୫୧୦୧୦ /ଜାମିନଦାର.: ଶ୍ରୀମତୀ ସ୍ୱପ୍ନା ଛାଟୋଇ, ସ୍ୱାମୀ.: ପବିତ୍ର ପ୍ରସାଦ ଛାଟୋଇ, ସା: କ୍ୱାଟର ନଂ.: ଇବି-୨୦୫, ଷ୍ଟେଜ-୨, ବ୍ରିଟ କଲୋନୀ, ଲକ୍ଷ୍ମୀ ସାଗର, ଭୁବନେଶ୍ୱର- ୭୫୧୦୦୬ | ଶ୍ରୀମତୀ ସ୍ୱପ୍ନା ଛାଟୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା.: କେଶୁରା, ପୋ.: ବାଙ୍କୁଆଳ, ଥାନା.:ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା.: ଖୋର୍ଦ୍ଧା, ମ୍ୟୁଟେସନ୍ ଖାତା ନଂ.: ୫୧୪/୬୫୩, ପ୍ଲଟ୍ ନଂ.: ୭୮୭/୧୮୯୬, କ୍ଷେତ୍ର.: ଏକର ୦.୦୫୧ ଡ଼ିସିମିଲ, ଏହାର ଚତୁଃପାର୍ଶ୍ୱରେ : ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୭୮୯, ପୂର୍ବ:ସବ୍ ପ୍ଲଟ୍ ନଂ.: ୪୦ ଏବଂ ୪୧, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୩୮ | ୩୧.୧୨.୨୦୧୮ ସୁଦ୍ଧା ଟ. ୩୯,୯୪,୦୭୩.୮୦ ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୫୦,୪୪,୦୦୦/- / ଟ.୫,୦୪,୪୦୦/- |
| ୭. | ବାଦାମବାଡି ଶାଖା/୭୭୦୫୦୦୯୦୭୨(ମୋ)/ ଋଣଗ୍ରହୀତା.: ମେସର୍ସ ସାଇ ଆସୋସିଏଟ୍ସ, ସା.ପୋ.: ଗୋପାଳପୁର, କଟକ- ୭୫୩୦୦୧, ସ୍ୱତ୍ୱାଧିକାରୀ.: ମାନସ ମହାରଥା, ପିତା.: ଯୋଗେଶ ମହାରଥା, ସା.ପୋ.: ପାରାଦୀପଗଡ, ଜଗତସିଂହପୁର- ୭୫୪୧୪୧ / ଜାମିନଦାର.: ଲୋକନାଥ ବେହେରା, ପିତା.: ସୁରେନ୍ଦ୍ର ବେହେରା, ସା.: ମେରିଆ ବଜାର, ପୋ.: ବକ୍ସିବଜାର, କଟକ- ୭୫୩୦୦୧ | ଶ୍ରୀ ମାନସ ମହାରଥାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଫ୍ଲାଟ ଯାହାକି ରାଜ୍ ହାଇୱେ ହୋମ୍ସରେ ଅବସ୍ଥିତ ଏହାର ଫ୍ଲାଟ୍ ନଂ.: ସି ୨୦୩, ପ୍ରଥମ ମହଲା, କ୍ଷେତ୍ର.: ୧୧୧୦ ବର୍ଗଫୁଟ, ସା.ପୋ.: ଭାଣପୁର, ବିଜୟ ଢାବା ର ପଛପଟ, ଥାନା.: କଟକ ସଦର, ଜିଲ୍ଲା.: କଟକ, ଏହାର ଚତୁଃପାର୍ଶ୍ୱରେ : ଉତ୍ତର: ସୌମେନ୍ଦ୍ର ରାଉତରାୟଙ୍କ ଫ୍ଲାଟ, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଲୋକନାଥ ବେହେରାଙ୍କ ଫ୍ଲାଟ | ୧୮.୦୩.୨୦୧୯ ସୁଦ୍ଧା ଟ. ୨୫,୩୩,୬୨୦/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୪,୨୧,୦୦୦/- / ଟ.୨,୪୨,୧୦୦/- |
| ୮. | ନିମାପଡା ଶାଖା/୭୭୦୫୦୦୯୧୭୮(ମୋ)/ ଋଣଗ୍ରହୀତା.: ହାପିଲି ଏଜେନ୍ସି, ସ୍ୱତ୍ୱାଧିକାରୀ.: ଶ୍ରୀ ତପନ କୁମାର ମଲ୍ଲିକ, ପିତା.: ଦେବେନ୍ଦ୍ର ମଲ୍ଲିକ / ଜାମିନଦାର /ବନ୍ଧକଦାତା.: ଶ୍ରୀ ଦେବେନ୍ଦ୍ର ମଲ୍ଲିକ, ପିତା.: ୰ ଧଡି ମଲ୍ଲିକ, ଉଭୟଙ୍କ ଠିକଣା: ସା.: ବିଷ୍ଣୁପୁର, ଜିଲ୍ଲା.: ପୁରୀ, ଓଡିଶା- ୭୫୨୧୦୬ | ଜମି ଏବଂ ଗୃହ ଯାହାର କ୍ଷେତ୍ର.: ଏକର୦.୧୩ ଡିସିମିଲି (୫୬୬୨ ବର୍ଗଫୁଟ), ଖାତା ନଂ.: ୧୩୩୨/୬୭୦, ସର୍ଭେ ପ୍ଲଟ୍ ନଂ.: ୭୭୫, ମୌଜା.: ବିଷ୍ଣୁପୁର, ନିମାପଡା ଟାଉନ, ଥାନା.: ନିମାପଡା, ଜିଲ୍ଲା.: ପୁରୀ, ରାଜ୍ୟ.: ଓଡିଶା, ଏହାର ଚତୁଃପାର୍ଶ୍ୱରେ : ପୂର୍ବ.: ସୂର୍ଯ୍ୟନାଥ ବେହେରା, ପଶ୍ଚିମ.: ସିନ୍ଧୁଆ ମଲ୍ଲିକ ଏବଂ ସୁବର୍ଣ୍ଣ ମଲ୍ଲିକ, ଉତ୍ତର.: ପୋଖରୀ, ଦକ୍ଷିଣ.: ରାସ୍ତା | ୨୦.୦୬.୨୦୧୯ ସୁଦ୍ଧା ଟ. ୧୯,୩୭,୦୫୯/- ଏବଂ ତତ୍ ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୨୯,୦୦,୦୦୦/- / ଟ.୨,୯୦,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କ ର ୱେବସାଇଟ (www.canarabank.com) ରେ ପ୍ରଦତ୍ତ ଲିଙ୍କ୍ “E-Auction” କିମ୍ବା ସମ୍ପୃକ୍ତ ଶାଖା ର ଭାରପ୍ରାପ୍ତ ଅଧିକାରୀଙ୍କୁ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୭.୦୬.୨୦୧୯

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ



CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

Life Care Emporium Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ଇ ଗ୍ରହଣ କର।

-ଶ୍ରୀଅରବିନ୍ଦ

# ବାହାପିଆ କଥା

ଚଳିତ ମାସରେ ଅନୁଷ୍ଠିତ ନୀତି ଆୟୋଗର ପଞ୍ଚମ ଗଭର୍ନିଂ କାଉନ୍‌ସିଲ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦରଦାସ ମୋଦି ଇଚ୍ଛା ପ୍ରକଟ କରିଛନ୍ତି କି ୨୦୨୪ ବା ତାଙ୍କ ବର୍ତ୍ତମାନ ସରକାରର ଅବଧି ଶେଷ ହେଉଥିବା ବର୍ଷ ସୁଦ୍ଧା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ଦେଶରେ ପରିଣତ ହେବ। ଏପରି ଇଚ୍ଛା କାନକୁ ତ ଭଲ ଶୁଣାଯାଉଛି କିନ୍ତୁ ଲକ୍ଷ୍ୟ ହାସଲ କରିବା ସହଜ ନୁହେଁ। ଏହି ଲକ୍ଷ୍ୟ ଅତ୍ୟନ୍ତ ମହତ୍ତ୍ୱାକାଂକ୍ଷୀ। ଖୁବ୍ ଉଚ୍ଚ ଅଭିଳାଷ ପୋଷଣ କରିବାରେ କିଛି କ୍ଷତି ନାହିଁ। କିନ୍ତୁ ପ୍ରକ୍ରିୟା ଏତେ ଲମ୍ବିବା ଉଚିତ ନୁହେଁ, ଯାହା ବିପରୀତ ଫଳ ପ୍ରଦାନ କରିବାର ସମ୍ଭାବନା ଥିବ। ଅତୀତରେ ଏଭଳି ଅନେକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇଗୁଣ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ, ଅଥଚ ତାହା ଫଳବତୀ ହେବାର କୌଣସି ସୂଚନା ଏଯାବତ୍ ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୁରି ଅନେକ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲର ସମୟସୀମା ଧାର୍ଯ୍ୟ କରାଯାଇଥିଲା। ସବୁ ଗାଁକୁ ବିଜୁଳି, ସମସ୍ତଙ୍କୁ ପକ୍କାଘର, ଶତ ପ୍ରତିଶତ ଲୋକଙ୍କ ପାଖରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା, ଦେଣନେଣର ସମ୍ପୂର୍ଣ୍ଣ ଡିଜିଟାଲୀକରଣ ପ୍ରଭୃତି ସେଗୁଡ଼ିକ ଭିତରୁ ଅନ୍ୟତମ। ମାତ୍ର ଅଧିକାଂଶ କ୍ଷେତ୍ରରେ ଲକ୍ଷ୍ୟ ହାସଲଠାରୁ ସରକାର ବହୁ ଦୂରରେ ଅଛନ୍ତି। ସରକାର ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧି ହାସଲ କରିବା କଥା କହିଆସୁଛନ୍ତି। କିନ୍ତୁ ଅଭିବୃଦ୍ଧି ବଢ଼ିବ କ'ଣ ଆମେ ତାହା କମିବା ହିଁ ଦେଖୁଛୁ। ତେଣୁ ଏପରି ଉଚ୍ଚାଭିଳାଷୀ ଲକ୍ଷ୍ୟ ପୋଷଣ କରିବା ନିରର୍ଥକ। ସାମ୍ପ୍ରତିକ ମାନ୍ଦାବସ୍ଥାରୁ ଅର୍ଥନୀତିକୁ କିପରି ମୁକୁଳାଇବାକୁ ହେବ ସେ ଦିଗରେ ଆମେ ତତ୍କାଳ ପଦକ୍ଷେପ ନେବା ଏବଂ ମଧ୍ୟବର୍ତ୍ତୀ ଅବଧିରେ ଏହାକୁ ବାର୍ଷିକ ୮ ପ୍ରତିଶତ ଉପରକୁ ନେବା ପାଇଁ ଗୁରୁତ୍ୱ ଦେବା ଆବଶ୍ୟକ। ଦୁଇ ଅଙ୍କବିଶିଷ୍ଟ ଅଭିବୃଦ୍ଧି କଥା ଆଗରୁ ମଧ୍ୟ କୁହାଯାଉଥିଲା, କିନ୍ତୁ ତାହା ସମ୍ଭବ ହୋଇ ନାହିଁ। ପର୍ଯ୍ୟାୟକ୍ରମେ ଅଭିବୃଦ୍ଧି ବଢ଼ିପାରିବ। ଭାରତର ଜିଡିପି ବର୍ତ୍ତମାନ ପ୍ରାୟ ୨.୮୦ ଟ୍ରିଲିୟନ ଡଲାର ଅଛି। ଭାରତର ଜିଡିପି ୫ ଟ୍ରିଲିୟନ ଡଲାର ଛୁଇଁବାକୁ ହେଲେ ଆସନ୍ତା ଛଅବର୍ଷ ଭିତରେ ଦେଶର ଉତ୍ପାଦନ ୮୫ ପ୍ରତିଶତ ବୃଦ୍ଧିପାଇବା ଦରକାର, ଯାହା ଗତ ଛଅବର୍ଷ ଭିତରେ ୪୭ ପ୍ରତିଶତ ବୃଦ୍ଧି ପାଇଛି। ଆସନ୍ତା ଛଅବର୍ଷ ଭିତରେ ଜିଡିପି ୫ ଟ୍ରିଲିୟନ ଡଲାର ହେବା ମାନେ ବାର୍ଷିକ ଅଭିବୃଦ୍ଧି ହାର ୧୧ ପ୍ରତିଶତକୁ ବୃଦ୍ଧି ପାଇବା। କିନ୍ତୁ ଆସନ୍ତା ଦୁଇବର୍ଷ ଭିତରେ ଏହା ୮ ପ୍ରତିଶତ ହେବା ମଧ୍ୟ ସହଜସାଧ୍ୟ ମନେହେଉ ନାହିଁ। ଚଳିତବର୍ଷର ପ୍ରଥମ ତ୍ରିମାସୀରେ ଅଭିବୃଦ୍ଧି ହାର ୬ ପ୍ରତିଶତ ତଳକୁ ଚାଲିଯାଇଛି।

## ଆଜିର ଅର୍ଥନୀତି

ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଅନେକ ପ୍ରସ୍ତୁତିର ଆବଶ୍ୟକତା ରହିଛି। ଅନେକ ସଂରଚନାତ୍ମକ ପ୍ରସଙ୍ଗ ଅଭିବୃଦ୍ଧିର ପଥରୋଧ କରୁଛି। ଉଦାହରଣସ୍ୱରୂପ ଆମ ଆର୍ଥିକ ବ୍ୟବସ୍ଥା ଦୁର୍ବଳ ରହିଆସିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମସ୍ୟା ଆର୍ଥିକ ସମସ୍ୟାକୁ ବହୁଗୁଣିତ କରୁଛି। ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ଆଇଏଲ୍ ଓ ଏଫ୍‌ଏସ୍ (ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଓ ଆର୍ଥିକ ସେବା) ପରି ଗୋଳମାଳିଆ ଅବସ୍ଥାରେ ଅଛନ୍ତି। ଘରୋଇ-ସରକାରୀ ସହଭାଗିତା (ପିପିପି) ମଡେଲଗୁଡ଼ିକର ନିଜର ସମସ୍ୟା ରହିଛି। କର୍ପୋରେଟ୍ ଆୟ ନିରୁତ୍ସାହଜନକ। ଘରୋଇ ଉଦ୍ୟୋଗଗୁଡ଼ିକ ଆବଶ୍ୟକତାଠାରୁ ଅଧିକ ଉତ୍ପାଦନ କ୍ଷମତାଜନିତ ସମସ୍ୟାରେ ପୀଡ଼ିତ। ଉଦାହରଣସ୍ୱରୂପ ଶକ୍ତି କ୍ଷେତ୍ର ଠିକ୍‌ଭାବରେ ଚାଲିପାରୁ ନାହିଁ। ଏହାର ଉତ୍ପାଦନ କ୍ଷମତା ଯେତିକି ତା'ର ପ୍ରାୟ ୫୦ ପ୍ରତିଶତ ମାତ୍ର ବିନିଯୋଗ ହୋଇପାରୁଛି, ଯେତେବେଳେ କି ଦେଶର ଅନେକ ଅଞ୍ଚଳ ବିଦ୍ୟୁତ୍ ଅଭାବରୁ ଅନ୍ଧାରରେ ରହୁଛି। ଯଦି ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ନ ପାଏ, ତେବେ ନିଯୁକ୍ତି ବଜାର ସଙ୍କୁଚିତ ହୋଇରହିବ। ଏଗୁଡ଼ିକର ପୂର୍ଣ୍ଣ କ୍ଷମତାର ଉପଯୋଗ ହୋଇ ନ ପାରିଲେ ଅଧିକ ପୁଞ୍ଜିଲଗାଣ ପାଇଁ ସୁଯୋଗ ମିଳିବ ନାହିଁ। ଅଭିବୃଦ୍ଧିକୁ ବଢ଼ାଇବାକୁ ହେଲେ ଚାହିଦା ବୃଦ୍ଧି ପାଇବା ଦରକାର, ଯାହା ଉଚ୍ଚତର ଉପଭୋଗ ଉପରେ ନିର୍ଭରଶୀଳ। ଯଦି ଲୋକଙ୍କ ପକେଟ୍‌ରେ ଖର୍ଚ୍ଚ କରିବା ପାଇଁ ଯଥେଷ୍ଟ ଟଙ୍କା ନ ରହେ ତେବେ ତାହା ସମ୍ଭବ ହେବ ନାହିଁ। ଭଲ ମୌସୁମୀ ବର୍ଷା ନ ହେଲେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଇବ ନାହିଁ। ଆହୁରି ମଧ୍ୟ ଆମର ଆର୍ଥିକ ସମୃଦ୍ଧି ପାଇଁ ରପ୍ତାନି ବୃଦ୍ଧି ସହ ସୁସ୍ଥ, ସୁଶିକ୍ଷିତ ଓ ଉତ୍ପାଦନଶୀଳ ଲୋକଶକ୍ତିର ଆବଶ୍ୟକତା ରହିଛି। ଏଥିସହ ଆମ ଦେଶରେ ଭୂମି ଓ ଶ୍ରମ ସଂସ୍କାର ଜରୁରୀ। କିନ୍ତୁ ଏଗୁଡ଼ିକୁ ଆମ ସରକାର ପ୍ରାଥମିକତା ଦେଉନାହାନ୍ତି। ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ସରକାର ସମସ୍ତ ଆର୍ଥିକ ଅଳିଆ ସଫା କରିବା ସହ ଗୁରୁତ୍ୱପୂର୍ଣ୍ଣ ସଂସ୍କାରଗୁଡ଼ିକ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ତା' ନ ହେଲେ ପାଞ୍ଚବର୍ଷରେ ଭାରତକୁ ୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ସରକାରଙ୍କ ଉଚ୍ଚାଭିଳାଷ କେବଳ ବାହାପିଆଙ୍କ ବାରବାଟି ଚାଷ ପରି ହେବ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୪

- ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ପାଇଁ ରାଜ୍ୟର କେତେକ ଥାନାରେ ପରୀକ୍ଷାମୂଳକଭାବେ ପୃଥକ୍ ପୃଥକ୍ ପୋଲିସ କର୍ମଚାରୀ ନିଯୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରକାଶ କରିଛନ୍ତି।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ପୁରୁଖା ବିଧାୟକ ଅରୁଣ ଦେଙ୍କୁ ଦଳରୁ ବହିଷ୍କାର କରାଯାଇଛି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 4 | | | | | B | A | | 1 | | | D | | 0 |
| 0 | 3 | | | | | D | | C | | | A | | | 2 |
| B | | 5 | | E | | | 7 | | | | | | | |
| 1 | D | | C | 5 | | | 4 | | | 2 | | B | 8 | |
| A | 9 | | 6 | | B | | | | | | | | | |
| 4 | | | | 1 | | | 3 | 5 | | | | | | |
| | A | | | | | 7 | C | | | | E | | | 5 |
| | | | | | E | | D | | | 5 | | 8 | 7 | |
| | 6 | | 2 | | | 8 | | E | | | | 0 | D | 4 |
| | 0 | | D | 9 | C | 6 | | | | | | E | | |
| | | | B | | | 4 | | 2 | | | | | 6 | |
| | | | | 6 | 2 | | E | 9 | | 8 | | C | 1 | |
| | | | A | | | 0 | B | | | | 9 | | | |
| 2 | | | 5 | D | | | | | | | | | B | A |
| | | 4 | | | 7 | C | | A | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 7 | 4 | 5 | 2 | 8 | 1 | 1 | 9 | C | 0 | D | 8 | A | E |
| 2 | 1 | 9 | 3 | 0 | C | 8 | 8 | A | 4 | B | E | D | 7 | 5 |
| B | A | D | 6 | 7 | E | 9 | C | 4 | 2 | 8 | 5 | 6 | 1 | 3 |
| E | 5 | 3 | 6 | D | 4 | B | 7 | 2 | 8 | 1 | A | C | 0 | 9 |
| C | 0 | 6 | 1 | 9 | A | E | D | 5 | 7 | 3 | 8 | B | 2 | 4 |
| 1 | 2 | 7 | 0 | B | D | 9 | 3 | E | 5 | 8 | C | A | 4 | 6 |
| 8 | 9 | C | E | 1 | 8 | 2 | 4 | 7 | D | A | 3 | 5 | B | 0 |
| 0 | D | A | 2 | 6 | 9 | 1 | 5 | 8 | B | 4 | 7 | 3 | E | C |
| 4 | B | 8 | A | 3 | 5 | C | 6 | D | E | 2 | 0 | 7 | 9 | 1 |
| 3 | E | 5 | 4 | C | 7 | A | B | 6 | 1 | 8 | 9 | 2 | D | 8 |
| 5 | 3 | 0 | B | A | 1 | 8 | 2 | C | 9 | 7 | 4 | E | 6 | D |
| D | 8 | 2 | C | 4 | 6 | 7 | 9 | B | 3 | E | 1 | 9 | 5 | A |
| 9 | 4 | E | 7 | 5 | 0 | D | A | 8 | 8 | C | B | 1 | 3 | 2 |
| 7 | C | 1 | D | E | 2 | 4 | 8 | 3 | A | 5 | 6 | 0 | 8 | B |
| A | 6 | B | 9 | 8 | 3 | 5 | E | 1 | B | D | 2 | 4 | C | 7 |

ଗତକାଲିର ଉତ୍ତର

# ମଣିଷର ବଡ଼ ଶତ୍ରୁ

ଉପେନ୍ଦ୍ର ବିଶ୍ୱାଳ

ସ୍ୱର୍ଗ ଓ ନର୍କର ପାର୍ଥକ୍ୟ ଜାଣିବାକୁ ଇଚ୍ଛା କରି ଜଣୈକ ଯୁବକ ଆସି ପହଞ୍ଚିଲେ ଜଣେ ସାଧୁଙ୍କ ଆଶ୍ରମରେ। ସାଧୁଙ୍କୁ ପ୍ରଣାମ କରି ଆସିବାର ଅଭିପ୍ରାୟ ଜଣାଇଲେ। ଆପାଦ-ମସ୍ତକ ନିରୀକ୍ଷଣ କରି ସାଧୁ ପଚାରିଲେ, ''ବତ୍ସ, ତୁମର ବୃତ୍ତି କ'ଣ?'' ସ୍ପର୍ଦ୍ଧିତ ଶବ୍ଦରେ ଉତ୍ତର ଦେଲେ ଯୁବକ ''ମୁଁ ଜଣେ ବୀର ଯୋଦ୍ଧା।'' କଟାକ୍ଷ କରି ସାଧୁ କହିଲେ- ଜଣେ ଭୀରୁ କ'ଣ କେବେ ଯୋଦ୍ଧା ହୋଇପାରେ? ତୁମପରି ବ୍ୟକ୍ତିଙ୍କୁ ଯେଉଁ ରାଜା ନିଜ ସେନାରେ ନିଯୁକ୍ତି ଦେଇଛନ୍ତି, ସେ ନିଶ୍ଚିତଭାବେ ଜଣେ ମୂର୍ଖ ହୋଇଥିବେ। କିଏ ସେ ରାଜା ଏବଂ କେଉଁ ରାଜ୍ୟର ସେ? ସେତେବେଳକୁ ଯୋଦ୍ଧାଙ୍କ ହାତ ଯାଇ ପହଞ୍ଚି ଯାଇଥାଏ, ତଲୱାର ପାଖରେ। ଏହାକୁ ଲକ୍ଷ୍ୟ କରି ସାଧୁ ପୁଣି କହିଲେ- ତୁମେ ତଲୱାର ବି ସାଥିରେ ରଖିଛ? ତାହା ଏକ ଖେଳନା ନା ଅସଲରେ ତା'ର କିଛି ତାକତ ଅଛି? ଏତିକିରେ ଯୋଦ୍ଧାଙ୍କୁ ଆଉ କିଏ ସମ୍ଭାଳେ! ତଲୱାରଟିକୁ ତୁରନ୍ତ ବାହାର କରି ସାଧୁଙ୍କ ଆଡ଼କୁ ଆଗେଇ ଯିବାବେଳକୁ ଖୁବ୍ ଜୋରରେ ହସି ଉଠିଲେ ସାଧୁ। କହିଲେ- ବାଃ, ବାଃ! ଏତେ ଶୀଘ୍ର ନରକରେ ଆସି ପହଞ୍ଚିଗଲ? ...ଉଠିଥିବା ହାତରୁ ସ୍ୱତଃ ଖସିପଡ଼ିଛି ତଲୱାରଟି। ସେତିକିରେ ସଂଜ୍ଞା ଫେରି ପାଇ, ସାଧୁଙ୍କ ଗୋଡ଼ତଳେ ପଡ଼ି ଯାଇଛନ୍ତି ଯୁବକ। ଶ୍ରଦ୍ଧାରେ ସୈନିକଙ୍କ ଶିର ସ୍ପର୍ଶ କରି ସାଧୁ କହିଲେ- ଏବେ ବୁଝିଲ ତ, ସ୍ୱର୍ଗ ଓ ନର୍କର ପାର୍ଥକ୍ୟ କ'ଣ? ଯେବେ ଭୟଙ୍କର କ୍ରୋଧରେ, ହାତରେ ଅସ୍ତ୍ର ଧରି ଆଗେଇ ଆସୁଥିଲ, ସେତେବେଳେ ତୁମେ ଥିଲ ନର୍କରେ। ଆଉ, ଚେତନାର ଉଚ୍ଚସ୍ତରକୁ ଯାଇ ଯେବେ ଶାନ୍ତ ହୋଇଗଲ, ସେତେବେଳେ ତୁମେ ସ୍ୱର୍ଗରେ ପହଞ୍ଚିଗଲ। ଅର୍ଥାତ୍ କ୍ରୋଧ ହେଉଛି ନରକର ଦ୍ୱାର ଓ ଶାନ୍ତ ଅବସ୍ଥା ହେଉଛି ସ୍ୱର୍ଗର ସୋପାନଟିଏ।

କ୍ରୋଧ ଏକ ଆସୁରିକ ଭାବ, ଯାହା ମଣିଷର ଚିନ୍ତା ଓ ଭାବନାକୁ ବିଷାକ୍ତ କରିଦିଏ। ମଣିଷକୁ ଅପରାଧୀ ବନାଇଥାଏ। ମଣିଷର ବିକୃତ ମାନସିକତାରୁ ଏହା ସୃଷ୍ଟ। କ୍ରୋଧ ଏପରି ଏକ ବିକାର ଯାହା ଅନେକ ପ୍ରକାର ବେମାରିକୁ ଜନ୍ମ ଦେଇଥାଏ। ଏହା ଏପରି ଏକ ଭୟଙ୍କର ଅନଳ ଯାହା ପ୍ରଥମେ ନିଜକୁ, ତା'ପରେ ଅପରକୁ ଜାଳିପୋଡ଼ି ନଷ୍ଟ କରିଦିଏ। ମନରେ କ୍ରୋଧ ଜାତ ହେଲେ ମଣିଷ ମୂଢ଼ମତି ହୋଇଯାଏ। ଠିକ୍ ନିଷ୍ପତ୍ତି ନେଇ ନ ପାରି ଭୁଲ କରିବସେ। ହିତାହିତ ଜ୍ଞାନ ଭୁଲି ସଇତାନ ପାଲଟିଯାଏ। ପାଣିକୁ ଗରମ କଲେ ଯେମିତି ଫୁଟିବାକୁ ଲାଗେ ଓ ସେଥିରୁ ବାମ୍ପ ବାହାରେ, ସେମିତି କ୍ରୋଧ ଜାତ ହେଲେ ଶରୀରର ଜ୍ୱଳନ ହୁଏ ଓ ତାପମାତ୍ରା ବୃଦ୍ଧି ଘଟିଥାଏ। କ୍ଷୀର ଉତୁରିଲେ ସର ବା ମଲେଇ ଯେମିତି ବାହାରେ ପଡ଼ି ନଷ୍ଟ ହୋଇଯାଏ, ସେମିତି କ୍ରୋଧ ସମୟରେ ଶରୀରର ଅନେକ ଊର୍ଜ୍ଜା ନଷ୍ଟ ହୋଇଥାଏ। ଚିକିତ୍ସା ବିଜ୍ଞାନାନୁଯାୟୀ କ୍ରୋଧ ଯୋଗୁ ଉଚ୍ଚ ରକ୍ତଚାପ, ଚର୍ମରୋଗ, ମୁଣ୍ଡବିନ୍ଧା, ମାନସିକ ଅବସାଦ, କର୍କଟ, ହୃଦ୍‌ଘାତ ଆଦି ଅନେକ ରୋଗ ଦେଖା ଦିଏ। କୁହାଯାଏ ଯେଉଁଠାରେ କ୍ରୋଧିତ ବ୍ୟକ୍ତିଟି ଥାଏ ସେଠାରେ ପାଣି ମାଠିଆ ବି ଶୁଖିଯାଏ। ଏହି କ୍ରୋଧ ବ୍ରହ୍ମର୍ଷି ହେବାରେ ପ୍ରତିବନ୍ଧକ ସାଜିଥିଲା ରାଜର୍ଷି ବିଶ୍ୱାମିତ୍ରଙ୍କର। ବ୍ରହ୍ମର୍ଷି ବଶିଷ୍ଠଙ୍କ ଶହେ ପୁତ୍ରଙ୍କୁ ହତ୍ୟା କରି ସାରିଲା ପରେ ମଧ୍ୟ କ୍ରୋଧ ପ୍ରଶମିତ ହେଉ ନ ଥାଏ ବିଶ୍ୱାମିତ୍ରଙ୍କର। ଶେଷରେ ବଶିଷ୍ଠଙ୍କୁ ମାରିବାକୁ ବଶିଷ୍ଠମାରଣ ଯଜ୍ଞ କଲେ ଏବଂ ପୁରୋହିତ ନ ମିଳିବାରୁ ସେହି ବଶିଷ୍ଠଙ୍କୁ ହିଁ ପୁରୋଧା ଭାବେ ନିମନ୍ତ୍ରଣ କଲେ। ଉଦାରଚେତା ବ୍ରହ୍ମର୍ଷି ନିଜ ମୃତ୍ୟୁ ପାଇଁ ହେଉଥିବା ଯଜ୍ଞରେ ବି ପୁରୋହିତ କାର୍ଯ୍ୟ କରିବାକୁ ସମ୍ମତ ହେଲେ। ପୂର୍ଣ୍ଣାହୁତିର ପୂର୍ବ ରାତ୍ରିରେ ଗଛ ଆଢୁଆଳରେ ଥାଇ ଶୁଣିବାକୁ ପାଇଛନ୍ତି ବଶିଷ୍ଠଙ୍କ ମୁଖରୁ ନିଜର ପ୍ରଶସ୍ତି। 'ମୁଁ ଯାହାର ଏତେ କ୍ଷତି କରିଛି, ଯାହାର ସମସ୍ତ ପୁତ୍ରଙ୍କୁ ମାରି ତାଙ୍କୁ ମଧ୍ୟ ମାରିବା ପାଇଁ ଏଠିକି ଆଣିଛି, ସେ ପୁଣି ମୋର ପ୍ରଶଂସା କରୁଛନ୍ତି! ମୋ ଭିତରେ ଥିବା ଖରାପ ଗୁଣ ତାଙ୍କୁ ଦେଖାଯାଉ ନାହିଁ, ମୋର କେବଳ ଭଲ ଗୁଣକୁ ହିଁ ଦେଖୁଛନ୍ତି!'- ଏହିପରି ଭାବନାରେ ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଆସିଲା। ଧାଇଁଯାଇ ଲୋଟିପଡ଼ିଲେ ବଶିଷ୍ଠଙ୍କ ପାଦତଳେ ଏବଂ କ୍ଷମା ପ୍ରାର୍ଥନା କଲେ। ତାଙ୍କୁ 'ଉଠନ୍ତୁ ବ୍ରହ୍ମର୍ଷି' କହି କୋଳେଇ ନେଇଛନ୍ତି ବଶିଷ୍ଠ ସେଇଠି। ଅନେକ ସାଧନା ସତ୍ତ୍ୱେ ବ୍ରହ୍ମର୍ଷି ହୋଇ ପାରୁ ନ ଥିବା ବିଶ୍ୱାମିତ୍ର, କ୍ରୋଧ ତ୍ୟାଗ କଲା ପରେ ବ୍ରହ୍ମର୍ଷି ବୋଲି ସ୍ୱୀକୃତ ହୋଇପାରିଲେ। ବ୍ରହ୍ମର୍ଷି ମାନେ ବ୍ରାହ୍ମଣ ଓ ଋଷି। ବିଶ୍ୱାମିତ୍ର ଆଗରୁ ରାଜା ବା କ୍ଷତ୍ରିୟ ଓ ଋଷି ଥିଲେ। ବହୁ ତପସ୍ୟା କରିବା ପରେ ବ୍ରହ୍ମା ତାଙ୍କୁ କହିଥିଲେ- ବଶିଷ୍ଠ ତୁମକୁ ବ୍ରାହ୍ମଣ ବୋଲି ମାନିଲେ ସମାଜ ତାକୁ ଗ୍ରହଣ କରିବ। କିନ୍ତୁ ଆଜିଯାଏ କ୍ରୋଧ, ହିଂସା, ଅହଂକାର ଆଦି ଦୁର୍ଗୁଣ ତ୍ୟାଗ କରିପାରି ନ ଥିବାରୁ ବଶିଷ୍ଠ ତାଙ୍କୁ ବ୍ରାହ୍ମଣ ବୋଲି ମାନି ନ ଥିଲେ।

କ୍ରୋଧ ଓ ଅହଂକାର ତ ମହାଭାରତ ଯୁଦ୍ଧର କାରଣ। ଯଦୁବଂଶ ଧ୍ୱଂସର କାରଣ ବି ଏହି କ୍ରୋଧ (ଋଷି ଦୁର୍ବାସାଙ୍କ ଅଭିଶାପ)। ଭଉଣୀର ଅପମାନ ପାଇଁ ପ୍ରତିଶୋଧର ଭାବନା ଯୋଗୁ ରାବଣର ସୀତାହରଣ ଓ ପରିଣତିରେ ସ୍ୱର୍ଣ୍ଣମୟୀ ଲଙ୍କାର ଧ୍ୱଂସ। ଏହି କ୍ରୋଧ ହିଁ ମଣିଷର ବଡ଼ ବଇରୀ। କ୍ରୋଧକୁ ଦମନ କରିବା ଅର୍ଥ ବିଶ୍ୱବିଜୟୀ ହେବା। ସେଇଥିପାଇଁ ତ ନଚିକେତା ତାଙ୍କର ପ୍ରଥମ ମାଗୁଣିରେ ଯମଙ୍କଠୁଁ ବର ମାଗିଥିଲେ ପିତାଙ୍କ କ୍ରୋଧ ଶାନ୍ତ ହେଉ ବୋଲି।

ଏଇମାତ୍ର ସରିଥିବା ନିର୍ବାଚନରେ ଦେଖିବାକୁ ମିଳିଛି ରେକର୍ଡ ସଂଖ୍ୟକ ନିର୍ବାଚନୀ ହିଂସା। ଯାହାକି କ୍ରୋଧର ବୀଭତ୍ସ ପରିଣତି। କ୍ରୋଧରେ ଜଳୁଥିବା ମମତା ଦିଦିଙ୍କ ବଙ୍ଗଭୂମି ତ ସମସ୍ତ ରେକର୍ଡକୁ ଭାଙ୍ଗି ଇତିହାସ ରଚିଛି। ଯେଉଁଥିପାଇଁ କି ଦିଦିଙ୍କ ଶରୀର ଓ ଦଳ କ୍ଷୀଣ ହୋଇ ଚାଲିଥିଲାବେଳେ ନବୀନବାବୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ଏହାର ବିପରୀତ। ସେ ନିଜର ଶରୀର ଓ ଦଳକୁ ସବଳ ରଖିପାରିଛନ୍ତି ନାନା ପ୍ରତିକୂଳତା ସତ୍ତ୍ୱେ। ଏହା କେବଳ ସମ୍ଭବ ହୋଇଛି ନବୀନବାବୁଙ୍କ କ୍ରୋଧଶୂନ୍ୟ ଓ ଶାନ୍ତ ସ୍ୱଭାବ ଯୋଗୁ। କ୍ରୋଧର ଆରମ୍ଭ ହୁଏ ଆତ୍ମବଡ଼ିମା, ଭୁଲ୍ ବୁଝାମଣା, ଅପମାନବୋଧ, ଇଚ୍ଛାପୂର୍ତ୍ତି ହୋଇ ନ ପାରିବା, ଈର୍ଷା, ଦ୍ୱେଷ, ଶତ୍ରୁତା ମନୋଭାବ ଆଦି ଯୋଗୁ ଏବଂ ସମାପ୍ତି ଘଟେ ଧ୍ୱଂସ ବା ପଶ୍ଚାତ୍ତାପରେ। ସେତେବେଳକୁ ଅନେକ କ୍ଷତ ଓ କ୍ଷତି ଘଟି ସାରିଥାଏ। ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥାଏ। କ୍ରୋଧ ଏପରି ଏକ ଆସୁରିକତା, ଥରେ ତାକୁ ପ୍ରଶ୍ରୟ ଦେଲେ କ୍ରମଶଃ କାୟା ବିସ୍ତାର କରିଚାଲେ। ଭାଙ୍ଗିଦିଏ ବନ୍ଧୁତ୍ୱକୁ। ସମାଧି ଦିଏ ସମ୍ପର୍କକୁ। ଚୂରମାର କରିଦିଏ ପରିବାରକୁ। ଧ୍ୱଂସ କରେ ଦାମ୍ପତ୍ୟ ଜୀବନକୁ। ଶରାଘାତର କ୍ଷତ ହୁଏତ ଶୁଖି ଯାଇପାରେ ମାତ୍ର କ୍ରୋଧଜନିତ ଶବ୍ଦାଘାତର କ୍ଷତ ସହଜେ ଶୁଖେ ନାହିଁ। ଏଣୁ କ୍ରୋଧିତ ଅବସ୍ଥାରେ ନୀରବ ରହିଯିବା ବୁଦ୍ଧିମତ୍ତାର ପରିଚୟ। କାରଣ ଧନୁରୁ ତୀର ଓ ପାଟିରୁ ଶବ୍ଦ ବାହାରିଗଲା ପରେ ଆଉ ଫେରାଇ ଆଣି ହୁଏନା।

ମନେପଡ଼େ ଆଉ ଏକ ପ୍ରେରଣାଦାୟୀ ପ୍ରସଙ୍ଗଟିଏ। ଏକ ବୃହତ୍ କାରଖାନାରେ ଅଜୟ ବେହେରା ନାମରେ ଜଣେ କିରାଣି ଥିଲେ। କଥାଛଳରେ ଦିନେ ସେ କହିଲେ- ଗତକାଲି ମୋ ସ୍ତ୍ରୀ ଭୀଷଣ ଗାଳି କଲେ ମୋ ଉପରେ। ଇଚ୍ଛା ହେଉଥିଲା ଭଲ କରି ଉତ୍ତମ-ମଧ୍ୟମ ଦୁଇଟା କଷିଦେବାକୁ। ଅଫିସ୍ କଥା ଚିନ୍ତାକରି ଚୁପ୍ ରହିଗଲି। ଭାବିଲି, ମୁଁ ତ ପ୍ରାୟ ପ୍ରତିଦିନ ବସ୍‌ଙ୍କଠାରୁ ନାନାଦି କଟୁକଥା ଶୁଣୁଛି। ଅଶ୍ରାବ୍ୟ ଭାଷା ବି ଶୁଣିବାକୁ ମିଳେ ବେଳେ ବେଳେ। ଯଦି ସେ ସବୁକୁ ହଜମ କରିଦେଉଛି ତେବେ ଯିଏ ମୋର ଅର୍ଦ୍ଧାଙ୍ଗିନୀ ତଥା ମୋ ପରିବାରର ଯାବତୀୟ ସେବା କରି ଚାଲିଛି ତା'ର ସାମାନ୍ୟ କେଇଟା ଶବ୍ଦ ପାଇଁ ମୁଁ କ'ଣ ଚାଣ୍ଡାଳ ସାଜିବି? ଏହା ଭାବି ଶାନ୍ତ ରହିଗଲି। ନ ହେଲେ ବଡ଼ ଅନର୍ଥଟିଏ ହୋଇଥାନ୍ତା।

ଏହିପରି ବୋଧଶକ୍ତି ଦ୍ୱାରା ହିଁ କ୍ରୋଧକୁ ବଧ କରାଯାଇଥାଏ। ଧୈର୍ଯ୍ୟ ଓ ସହନଶୀଳତା ରୂପକ ଥଣ୍ଡା ପାଣିରେ ହିଁ କ୍ରୋଧ ଓ ହିଂସା ରୂପକ ନିଆଁକୁ ଆୟତ୍ତ କରାଯାଇପାରେ। ମୌନ ଭାବ, ଏକାନ୍ତପଣିଆ, ସକାରାତ୍ମକ ଦୃଷ୍ଟିଭଙ୍ଗୀ, ଧ୍ୟାନ ଓ ଯୋଗ ଆଦି କ୍ରୋଧର ସଫଳ ଉପଚାର। ଅଯଥା ଯୁକ୍ତିତର୍କଠୁ ଦୂରେଇ ରହିଲେ କ୍ରୋଧ ଆପେ ଆପେ ଅପସରି ଯାଏ। କ୍ରୋଧ ବେଳେ ଥଣ୍ଡା ପାଣି ମୁନ୍ଦାଏ ମଧ୍ୟ କ୍ରୋଧକୁ ପ୍ରଶମିତ କରିଥାଏ। ମନୋବିଜ୍ଞାନୀଙ୍କ ମତରେ କ୍ରୋଧଭାବ ଆସିଲାକ୍ଷଣି ଆଖି ସାମ୍ନାରେ ଥିବା ସଜଫୁଟା ଫୁଲଟିକୁ ନିରୀକ୍ଷଣ କରି ତା'ର ସୌନ୍ଦର୍ଯ୍ୟ ଓ ସୁରଭିକୁ ଉପଭୋଗ କରନ୍ତୁ। ଅଥବା ମନପସନ୍ଦର ଯେ କୌଣସି ଗୀତକୁ ଗୁଣୁଗୁଣେଇ ହୁଅନ୍ତୁ। ଶୁଣିବାକୁ ଚେଷ୍ଟା କରନ୍ତୁ ମନ୍ଦିରରୁ ଆସୁଥିବା ପବିତ୍ର ଘଣ୍ଟଧ୍ୱନିକୁ, ନୀଡ଼ଫେରନ୍ତା କାକଳିର ମୁଗ୍ଧ କୋଳାହଳକୁ। ମନେ ପକାନ୍ତୁ ଉଦିତ ସୂର୍ଯ୍ୟର ସେହି ସୁନେଲି ଦୃଶ୍ୟକୁ। ଅନ୍ତରଙ୍ଗ ବନ୍ଧୁଙ୍କଠାରେ ମଧ୍ୟ କ୍ରୋଧର କାରଣ ଥିବା ପ୍ରସଙ୍ଗକୁ ପ୍ରକାଶ କରି ମନକୁ ହାଲୁକା କରିଦିଅନ୍ତୁ। ପ୍ରଗତିର ପ୍ରତିବନ୍ଧକ, ଉତ୍ତରଣର ବାଧକ, ଆମର ବଡ଼ ଶତ୍ରୁ ହେଉଛି କ୍ରୋଧ। ଅତଏବ କ୍ରୋଧଠୁଁ କୋଶେ ଦୂରରେ ରହିଲେ ହିଁ ଜୀବନ ଆନନ୍ଦମାର୍ଗୀ ହେବ। ଅନ୍ୟଥା ଜୀବନକୁ ଜାଳିପୋଡ଼ି ସେ ପାଉଁଶ କରିଦେବ।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର, ମୋ- ୯୪୩୭୪୩୬୦୭୩, ଇ-ମେଲ : unbiswal05@gmail.com

# ହସ୍ପିଟାଲରେ ସୌରଶକ୍ତିର ବ୍ୟବସ୍ଥା

ସଞ୍ଜୟ ସାନ୍ୟାଲ, ସଙ୍ଗୀତା ରାଣେ ଓ ଅରବିନ୍ଦ ଶାଶ୍ୱତ

ଏହା ଥିଲା ଏକ ବର୍ଷାମୁଖର ସଂଧ୍ୟା, ଯେତେବେଳେ ଡାକ୍ତର କାନିଲି ଜିମୋଙ୍କ ରୋଗିଣୀଙ୍କୁ ଜରୁରୀ ଅସ୍ତ୍ରୋପଚାର କରାଇବାର ଆବଶ୍ୟକତା ଥିଲା। ଏକ ସନ୍ତାନକୁ ଜନ୍ମ ଦେବା ପରେ ରୋଗିଣୀଙ୍କ ଦେହରୁ ପ୍ରବଳ ରକ୍ତସ୍ରାବ ହେଉଥିଲା। ତୁରନ୍ତ ଅପରେଶନ ନ କଲେ ତାଙ୍କର ମୃତ୍ୟୁ ହେବାର ଆଶଙ୍କା ଥିଲା। କିନ୍ତୁ ସମସ୍ୟା ହେଲା ଯେ ସେତେବେଳେ ହସ୍ପିଟାଲରେ ବିଦ୍ୟୁତ୍ ନ ଥିଲା। ସେତେବେଳେ ହସ୍ପିଟାଲର ଜେନେରେଟର ବି ଖରାପ ଥିଲା। ବାଧ୍ୟ ହୋଇ ଡା. ଜିମୋ ଏକ ମୋବାଇଲ ଫୋନ୍‌ର ଆଲୋକରେ ଅସ୍ତ୍ରୋପଚାର ଆରମ୍ଭ କଲେ। ଭାଗ୍ୟ ଭଲ ମା'ଟିର ଜୀବନରକ୍ଷା ହୋଇଗଲା। ଏହା ଜିମୋଙ୍କ ପାଇଁ କିଛି ନୂଆ କଥା ନ ଥିଲା କାରଣ ଉକ୍ତ ହସ୍ପିଟାଲଟି ଅବସ୍ଥିତ ଥିବା ଆସାମ ଓ ମଣିପୁରର ସୀମାନ୍ତବର୍ତ୍ତୀ ପାହାଡ଼ିଆ ଗାଁରେ ଅନେକ ସମୟରେ ବିଜୁଳି ରହେ ନାହିଁ।

ଆଜିକାଲି ଭାରତରେ ବିଦ୍ୟୁତୀକରଣ ବୃଦ୍ଧିପାଇଥିଲେ ବି ଅଧିକାଂଶ ସ୍ଥାନରେ ବିଜୁଳିକାଟ ଏକ ନିତିଦିନିଆ ଘଟଣା। ଏହି ସମସ୍ୟାର ଏକ ସମାଧାନ ହେଉଛି ସୌରଶକ୍ତିର ଉପଯୋଗ। ପୂର୍ବାଞ୍ଚଳ ରାଜ୍ୟ ଝାଡ଼ଖଣ୍ଡର ହଜାରିବାଗଠାରେ ଥିବା ସଦର ହସ୍ପିଟାଲରେ ୨୦୧୬ରେ ସୌରଶକ୍ତିର ବ୍ୟବସ୍ଥା କରାଯାଇଛି। ଛାତ ଉପରେ ଖଞ୍ଜାଯାଇଥିବା ସୋଲାର ପ୍ୟାନେଲ ଦ୍ୱାରା ବ୍ୟାଟେରି ଚାର୍ଜ ହୁଏ, ଯାହା ହସ୍ପିଟାଲକୁ ବିଜୁଳି ଯୋଗାଏ। ଆଗରୁ ଏହି ହସ୍ପିଟାଲର କର୍ମଚାରୀମାନେ ଅପରେଶନ ପାଇଁ ରୋଗୀମାନଙ୍କୁ ଅନ୍ୟ ହସ୍ପିଟାଲକୁ ପଠାଉଥିବାବେଳେ ଏବେ ଏଠାରେ ବୃହତ୍ ଅପରେଶନ ୨୫ ପ୍ରତିଶତ ବୃଦ୍ଧି ପାଇଛି। ବିଜୁଳି କାଟ ପାଇଁ ଏଠାରେ ଆଉ ଅପରେଶନ ବନ୍ଦ କରିବାକୁ ପଡୁନାହିଁ ବୋଲି ହସ୍ପିଟାଲର ମ୍ୟାନେଜର ସୁମିତ୍ ଶ୍ରୀବାସ୍ତବ କହିଛନ୍ତି।

ଡିଜେଲ ଜେନେରେଟରଗୁଡ଼ିକ ଅତ୍ୟନ୍ତ ବ୍ୟୟବହୁଳ ଏବଂ ତାକୁ ଚଳାଇବା ଓ ତା'ର ରକ୍ଷଣାବେକ୍ଷଣ ମଧ୍ୟ କଷ୍ଟସାଧ୍ୟ। ଡିଜେଲକୁ ଆଗରୁ ଆଣି ନିରାପଦରେ ଗଚ୍ଛିତ ରଖିବାକୁ ପଡ଼େ। ମଝିରେ ମଝିରେ ଜେନେରେଟର ଖରାପ ବି ହୋଇଯାଏ। ସଦର ହସ୍ପିଟାଲରେ ସୌରଶକ୍ତି ବ୍ୟବସ୍ଥା ହେବା ପରେ ଜେନେରେଟର ପାଇଁ ଡିଜେଲ କିଣିବା ଓ ଜେନେରେଟରର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦକୁ ମାସିକ ପ୍ରାୟ ୨ ଲକ୍ଷ ଟଙ୍କା ବଞ୍ଚୁଛି। ଡିଜେଲ ଜେନେରେଟରଗୁଡ଼ିକ ମଧ୍ୟ ଅପରିଚ୍ଛନ୍ନ ଏବଂ ସେଗୁଡ଼ିକ ବାୟୁମଣ୍ଡଳକୁ ନାଇଟ୍ରୋଜେନ୍ ଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍ ଓ କଠିନ କଣିକା ଆଦି ପ୍ରଦୂଷକ ଛାଡ଼ି ବାୟୁପ୍ରଦୂଷଣରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଖୁବ୍ ଜୋରରେ ଗର୍ଜନ କରି ସେଗୁଡ଼ିକ ଧ୍ୱନି ପ୍ରଦୂଷଣ ବି କରନ୍ତି।

ସୌରଶକ୍ତିଚାଳିତ ହେଲ୍‌ଥ କ୍ଲିନିକ୍‌ଗୁଡ଼ିକ ଏସିଆ ଓ ଆଫ୍ରିକାରେ କିଛି କିଛି ଦେଖିବାକୁ ମିଳିଲାଣି। ତଥାପି ସେଗୁଡ଼ିକର ସଂଖ୍ୟା ବହୁତ କମ୍ ରହିଛି। ଗୋଟିଏ ଡିଜେଲ ଜେନେରେଟର କିଣିବାକୁ ଯେତିକି ଖର୍ଚ୍ଚ ପଡ଼େ, ସେହି ତୁଳନାରେ ସୌରଶକ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ଯଥେଷ୍ଟ ଅଧିକ ପଡ଼େ। ଏକ ୧୦୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ ପାଇଁ ସୌରଶକ୍ତି ବ୍ୟବସ୍ଥା କରିବାକୁ ବ୍ୟାଟେରି ସହିତ ପ୍ରାୟ ୧୦ ନିୟୁତ ଟଙ୍କା ଦରକାର। ସେହି ତୁଳନାରେ ଡିଜେଲ ଜେନେରେଟର ପାଇଁ ପ୍ରାୟ ୧୦ଗୁଣ କମ୍ ଖର୍ଚ୍ଚ ପଡ଼େ। ଏହି କାରଣରୁ ଅଧିକାଂଶ ହସ୍ପିଟାଲ ସୌରଶକ୍ତି ପ୍ରତିଷ୍ଠା କରିପାରୁନାହାନ୍ତି। କିନ୍ତୁ ଥରେ ସୌରଶକ୍ତି ପ୍ରତିଷ୍ଠା ହୋଇଗଲେ କିଛି ବର୍ଷ ଭିତରେ ଖର୍ଚ୍ଚ ଉଠିଯାଏ। ସେଥିପାଇଁ ସୌରଶକ୍ତି ପ୍ରତିଷ୍ଠା ଲାଗି ଆର୍ଥିକ ସହାୟତାର ଆବଶ୍ୟକତା ରହିଛି।

ବର୍ତ୍ତମାନ ସୌରଶକ୍ତି ପ୍ରତିଷ୍ଠା ପାଇଁ ତିନୋଟି ସୂତ୍ରରୁ ଆର୍ଥିକ ସହାୟତା ମିଳୁଛି। ୧. ସରକାରୀ ବଜେଟ: କେତେକ ଦେଶରେ ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲ ପାଇଁ ତଥା ବିକାଶ ଲକ୍ଷ୍ୟ ପୂରଣ ପାଇଁ ସୌରଶକ୍ତି ଉପରେ ଗୁରୁତ୍ୱ ଦିଆଯାଉଛି। ସଦର ହସ୍ପିଟାଲରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପାଣ୍ଠି ଯୋଗାଇଥିଲେ। ୨. ବିଶ୍ୱବ୍ୟାଙ୍କ ପରି ଅନ୍ତର୍ଜାତୀୟ ବିକାଶ ସଂସ୍ଥାଗୁଡ଼ିକ ସ୍କୁଲ, କଲେଜ, ହସ୍ପିଟାଲ ପ୍ରଭୃତିରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ପାଣ୍ଠି ଯୋଗାଉଛନ୍ତି। ୩. କେତେକ ଘରୋଇ ପ୍ରତିଷ୍ଠାନ ମଧ୍ୟ ଏଥିପାଇଁ ପାଣ୍ଠି ଯୋଗାଉଛନ୍ତି। କେନିଆର ନାଜାଇଲ ହେଲ୍‌ଥ କ୍ଲିନିକ୍‌ରେ ସୌରଶକ୍ତି ପ୍ରତିଷ୍ଠା ପାଇଁ ୟୁରୋପୀୟ ସୌରଶକ୍ତି ଫାଉଣ୍ଡେଶନ ପାଣ୍ଠି ଯୋଗାଇଥିଲା।

ଭାରତରେ ପାଣ୍ଠି ଯୋଗାଣ ପାଇଁ ଆଉ ଗୋଟିଏ ଉତ୍ସ ରହିଛି। ଆମ ଦେଶର ଆଇନ ଅନୁଯାୟୀ ବୃହତ୍ ଭାରତୀୟ କର୍ପୋରେଶନଗୁଡ଼ିକ ସେମାନଙ୍କ ଆୟର ୨ ପ୍ରତିଶତ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରକଳ୍ପଗୁଡ଼ିକରେ ଖର୍ଚ୍ଚ କରିବାକୁ ବାଧ୍ୟ। ୨୦୧୫ ଓ ୨୦୧୬ରେ ଭାରତୀୟ କମ୍ପାନୀଗୁଡ଼ିକ ଏ ବାବଦରେ ୯୮.୨ ବିଲିୟନ ଟଙ୍କା ନିବେଶ କରିଛନ୍ତି। ସ୍ୱାସ୍ଥ୍ୟ ଓ ଗ୍ରାମୀଣ ବିକାଶ ହେଉଛି ସେମାନଙ୍କ ପୁଞ୍ଜିନିବେଶର ପ୍ରମୁଖ କ୍ଷେତ୍ର। ଭାରତରେ ସୌରଶିଳ୍ପର ବିକାଶ ଘଟିଚାଲିଛି। ବଡ଼ ବଡ଼ କମ୍ପାନୀ ଚାହୁଁଛନ୍ତି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ପ୍ରକଳ୍ପକୁ ପାଣ୍ଠି ଯୋଗାଇବା ପାଇଁ ଯେଉଁଥିରେ ସ୍ୱାସ୍ଥ୍ୟ କ୍ଲିନିକ୍ ଓ ହସ୍ପିଟାଲଗୁଡ଼ିକର ଛାତ ଉପରେ ସୌର ପ୍ୟାନେଲ ଲଗାଯାଇପାରିବ। ଡିଜେଲ ଜେନେରେଟର ଅପେକ୍ଷା ସୌରଶକ୍ତି ପ୍ରତିଷ୍ଠା କରିବା ସହଜ। କିନ୍ତୁ ପ୍ୟାନେଲଗୁଡ଼ିକୁ ପ୍ରତି ସପ୍ତାହରେ ସଫା କରିବା ଏବଂ ପ୍ରତି ପାଞ୍ଚବର୍ଷରେ ବ୍ୟାଟେରି ବଦଳାଇବା ଦରକାର। ସହାୟତା ଆକାରରେ ମିଳିଥିବା ପାଣ୍ଠି ସାହାଯ୍ୟରେ ସୌର କମ୍ପାନୀଗୁଡ଼ିକ ସହ ଚୁକ୍ତିବଦ୍ଧ ହେବାକୁ ପଡ଼ିବ ଏବଂ କମ୍ପାନୀଗୁଡ଼ିକ ସୌର ବ୍ୟବସ୍ଥା ପ୍ରତିଷ୍ଠା କରିବା ସହ ତା'ର ନିୟମିତ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରିବେ। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯେପରି ପ୍ରତିଦିନ ଆବଶ୍ୟକ ବିଦ୍ୟୁତ୍ ପାଇପାରିବେ ଏବଂ କିଛି ଦୋଷତ୍ରୁଟି ଦେଖାଗଲେ ତାହାକୁ ତୁରନ୍ତ ଠିକ୍ କରାଯାଇପାରିବ, ସେ ବିଷୟରେ ସୌର କମ୍ପାନୀଗୁଡ଼ିକ ଦୃଷ୍ଟି ଦେବେ। ଭାରତର ସବୁ ହସ୍ପିଟାଲରେ ଏହି ବ୍ୟବସ୍ଥା ହେବା ଦରକାର। ତା'ହେଲେ ବିଦ୍ୟୁତ୍ ଅଭାବରେ ଆଉ କୌଣସି ହସ୍ପିଟାଲରେ ମୋବାଇଲ ଆଲୋକରେ ଅପରେଶନ କରିବାକୁ ପଡ଼ିବ ନାହିଁ।

## ଏଇ ଭାରତରେ

ଭାତଥାଳିକୁ ଗୋଡ଼ରେ ଠେଲି ପୁରୁଷଙ୍କୁ ଖାଇବାକୁ ଦିଅନ୍ତି ମହିଳା। ପରମ୍ପରା ନାଁରେ ଏବେ ବି ଅନେକ ଅନ୍ଧବିଶ୍ୱାସ ପ୍ରଚଳିତ ରହିଛି। ଉତ୍ତରପ୍ରଦେଶର ତରାଇ ଅଞ୍ଚଳରେ ଥିବା ମହିଳାମାନେ ପୁରୁଷମାନଙ୍କୁ ଖାଦ୍ୟ ପରଷିବା ପରେ ଥାଳିଟିକୁ ଗୋଡରେ ଠେଲି ଦେଇଥାଆନ୍ତି। ଏହା ପଛରେ ଏକ ଇତିହାସ ରହିଛି। ୧୫୭୬ରେ ହଳଦୀଘାଟ ଯୁଦ୍ଧ ସମୟରେ ମହାରାଣା ପ୍ରତାପଙ୍କ ସହଯୋଗୀମାନେ ନିଜ ପରିବାରକୁ ସୁରକ୍ଷା ଦେବାକୁ ଯାଇ ନିଜ ସେବକମାନଙ୍କ ସହ ହିମାଳୟ ପାଦଦେଶକୁ ପଠାଇ ଦେଇଥିଲେ। ବହୁ ବାଟ ବୁଲିବୁଲି ସେମାନେ ନେପାଳ ସୀମାରେ ଥିବା ଉତ୍ତରପ୍ରଦେଶ ତରାଇ ଅଞ୍ଚଳରେ ପହଞ୍ଚିଥିଲେ। ସେହିଠାରେ ହିଁ ସେମାନେ ରହିବାକୁ ଲାଗିଲେ। ରାଜସ୍ଥାନରୁ ଆସିଥିବାରୁ ଏମାନଙ୍କୁ ଥାରୁ ବୋଲି କୁହାଗଲା। ସୁରକ୍ଷା ଦୃଷ୍ଟିରୁ ଏହି ମହିଳାମାନେ ସେମାନଙ୍କ ସେବକ ଓ ସୈନିକଙ୍କୁ ବିବାହ କରିନେଲେ। ହେଲେ ଏହି ମହିଳାମାନେ ନିଜ କୁଳୀନ ପ୍ରବୃତ୍ତି ବା ରାଜକୀୟ ଢଙ୍ଗକୁ ଛାଡି ପାରିଲେନି। ନିଜ ଅହଂକାରକୁ ବଜାୟ ରଖିବାକୁ ଏମାନେ ଯେତେବେଳେ ବି ପୁରୁଷମାନଙ୍କୁ ଖାଇବା ପରଷନ୍ତି ତା'ପରେ ଥାଳିଟିକୁ ଗୋଡ଼ରେ ଠେଲିଦେଇ ନିଜର ଅହମିକା ସାବ୍ୟସ୍ତ କରନ୍ତି।

## ଚିରନ୍ତନୀ

ବରଷା ଆସିଲା ଚଷା କି ଭାବନା କରେ ବସି
ଚୁଲିରେ ପଶଇ ପାଣି ଅଧେ ଚାଳ ପଡେ ଖସି।
ଘରଣୀ କଜିଆ କରି ଆଜି ତାକୁ ପାଳି ଜ୍ୱର
ବରଷକ ପିଲାଟା ତ କାନ୍ଥୁ କଫେ ସଡ ସଡ।
ସବୁବେଳେ ଛଟପଟ ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇ ଟୋପେ ତାକୁ ଚିନାଜାଉ।
ଏ ବେଳାକୁ ନାହିଁ କିଛି ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ ବିଲରେ ପଡିଛି ସୁଅ।
ଚଇତନ ଡାକିଥିଲା ଆଜି ତାର ପାଲାପୂଜା
କିଏ ଯିବ ପାଲା ଦେଖି ଘରେ ନାହିଁ ଚୁଡାଭଜା!
ବିଲରେ ପଡିଛି ସୁଅ ତିନିଦିନ ନାହିଁ ଚାଷ
ବାର ବରଷର ପୁଅ ଭୋଗି ଭୋଗି ଧଇଁ କାଶ।
(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ

ମହାଶୟ,

ସରକାରଙ୍କ ଟଙ୍କିକିଆ ଚାଉଳ ରାଜନୀତି ହିଁ କୃଷିଶ୍ରମିକ ହ୍ରାସର କାରଣ। ଗହମ, ଚାଉଳ ସାଙ୍ଗକୁ ଏବେ ଟଙ୍କିକିଆ ମାଣ୍ଡିଆ ଯୋଗାଇବାକୁ ସରକାର ସ୍ଥିର କରିଛନ୍ତି। କୋଡିଏ ତିରିଶ ଟଙ୍କା ବଦଳରେ ମାସଯାକ ପାଇଁ ମିଳିଯାଉଛି ଖାଦ୍ୟ। ତେଣୁ ଚାଷୀମାନେ ମଦରେ ବୁଡିରହି କାମ କରିବା ଛାଡିଦେଲେଣି। ସାଧାରଣ ଜମିମାଲିକ ଚାଷ କରିବା ପାଇଁ ଶ୍ରମିକଟିଏ ପାଉନାହାନ୍ତି। ଚାଷଜମି ପଡିଆ ପଡିଲାଣି। କେବଳ ଭୋଟ ହାତେଇବା ପାଇଁ ସରକାରଙ୍କର ଏ ଯୋଜନା ଦିନେ ଚାଷୀକୁଳ ପାଇଁ କାଳ ହେବ। କିଏ ବିଲେଇ ବେକରେ ଘଣ୍ଟି ବାନ୍ଧିବ?

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

### ଭାଇ ଦିଏ ବଳ

କଥାରେ ଅଛି- ଭାଇ ଦିଏ ବଳ। ପୁରାଣ ଅନୁଯାୟୀ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଭାଇ ଭଳିଆ ଭାଇ ଥିଲେ। ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରେ ଥିବା ସମ୍ପର୍କ ସମସ୍ତଙ୍କୁ ଜଣା। ସେହିପରି କୃଷ୍ଣ ଓ ବଳରାମ ଦୁଇଭାଇଙ୍କ ମଧ୍ୟରେ ନିବିଡ ଭଲପାଇବା ଥିଲା। ସମାଜରେ ଏମିତି ଭ୍ରାତୃଭାବ ଥିବା ପରିବାରଟିଏ ଦେଖିଲେ ମନ ଖୁସି ହୋଇଯାଏ। ଭାଇଟିଏ ନ ଖାଇଲେ ଅନ୍ୟ ଭାଇଟି ନ ଖାଇ ଭାଇ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରେ। ଗୋଟିଏ ଭାଇ ରୋଗରେ ପଡିଲେ, ଅନ୍ୟ ଭାଇଟି ତା' ପାଖରେ ବସି ସେବା କରେ ଓ ଲୁହ ଗଡାଇ ତା'ର ଆରୋଗ୍ୟ କାମନା କରିଥାଏ। ଆଗ ଭଳି ଏବେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ତେଣୁ ସମ୍ପର୍କ ଶିଥିଳ ହୋଇଯାଉଛି। ଏବେକାର ଲୋକେ ନିଜେ ବଞ୍ଚିଲେ ବାପର ନାଁ ବୋଲି ଭାବୁଛନ୍ତି। ସ୍ୱାର୍ଥାନ୍ଧ ହୋଇ ଭାଇ ବେକରେ ଛୁରି ଚଳାଇବାକୁ ସେମାନଙ୍କ ହାତ ଥରି ଉଠୁ ନାହିଁ। ପରିବାର ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହେତୁ ଶତ୍ରୁ ପକ୍ଷ ତା'ର ଫାଇଦା ନେଉଛି। ଭାଇ ଭାଇ ମଧ୍ୟରେ ସୁସମ୍ପର୍କ ରହିଲେ ଯେତେ ପରାକ୍ରମୀ ଶତ୍ରୁ ହେଲେ ହେଁ ସେ ବଳହୀନ ହୋଇଯିବ। ସେଥିପାଇଁ ପୂର୍ବପୁରୁଷ କହିଛନ୍ତି- କଳି ଯେବେ କରି ବସିବୁ ସଙ୍ଗେ ଥିବ ଭାଇ। ଧରିତ୍ରୀ (୧୪।୬)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ 'ଭାଇ ଭାଇର ସମ୍ପର୍କ' ଆଲେଖ୍ୟଟି ଅତ୍ୟନ୍ତ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ବଅଁରପାଳ**

■ଦୀନ ଦୟାଲ ଗ୍ରାମୀଣ ଉପାଧି ଯୋଜନାର କର୍ମଶାଳା
ସ୍ଥାନ-ବଅଁରପାଳ ବ୍ଲକ ସଭାଗୃହ
ସମୟ-ପୂର୍ବାହ୍ନ ୧୧ଟା।

■ରଥଯାତ୍ରା ପ୍ରସ୍ତୁତି କାର୍ଯ୍ୟକ୍ରମ
ସ୍ଥାନ-ତଳମୂଳ
ସମୟ-ଅପରାହ୍ନ ୫ଟା।

■ଭାଗବତ ଘର ପ୍ରତିଷ୍ଠା ଉତ୍ସବ
ସ୍ଥାନ-କାଣ୍ଡସର
ସମୟ-ପୂର୍ବାହ୍ନ ୧୦ଟା।

**ଅନୁଗୋଳ**

■ସଡ଼କ ସୁରକ୍ଷା ଆଲୋଚନା
ସ୍ଥାନ- ରାଜଲକ୍ଷ୍ମୀ ହୋଟେଲ
ସମୟ- ମଧ୍ୟାହ୍ନ ୧୨ ଟା

## ସଂକ୍ଷେପରେ

### ମା' ଝିଅଙ୍କ ପାଖରୁ ଲୁଟିନେଲେ ଗହଣା

ଅନୁଗୋଳ ଅଫିସ, ୨୭।୬- ଅନୁଗୋଳ ଶିକ୍ଷକପଡ଼ାରେ ଥିବା ସାଇ ମନ୍ଦିର ନିକଟରୁ ପୁଣି ଲୁଟପାଟ କରିଛନ୍ତି ଦୁର୍ବୃତ୍ତ। ଏ ନେଇ ଅନୁଗୋଳ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ବୁଧବାର ରାତି ୩ଟାରୁ ୪ଟା ମଧ୍ୟରେ ରାଜକିଶୋରପଡ଼ାରେ ରହୁଥିବା ମା ଓ ଝିଅ ଜଣେ ସମ୍ପର୍କୀୟଙ୍କୁ ଆଣିବାକୁ ଅନୁଗୋଳ ଷ୍ଟେଶନକୁ ଚାଲି ଚାଲି ଯାଉଥିଲେ। ସାଇ ମନ୍ଦିର ନିକଟରେ ୪ରୁ ୫ ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ସେମାନେ ପିନ୍ଧିଥିବା ସୁନା ଅଳଙ୍କାର ଓ ପାଖରେ ଥିବା ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଏପରି କୌଣସି ଅଭିଯୋଗ ଆସିନାହିଁ। ଲିଖିତ ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ।

■ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟରେ ପ୍ରାକ୍ଟିକାଲ ପରୀକ୍ଷା ହେଲାନି

# ଫାଟକରେ ତାଲା ପକାଇଲେ ଛାତ୍ରୀ

ତାଳଚେର, ୨୭।୬(ନି.ପ୍ର.)

ତାଳଚେର ସ୍ଥିତ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବିଜ୍ଞାନ ଛାତ୍ରୀଙ୍କ ପ୍ରାକ୍ଟିକାଲ ପରୀକ୍ଷା କରା ନ ହେବା ପ୍ରତିବାଦରେ ଗୁରୁବାର ଛାତ୍ରୀମାନେ ବିକ୍ଷୋଭ କରିଛନ୍ତି। ଏଥିଯୋଗୁ କଲେଜ ପରିସରରେ ଉତ୍ତେଜନା ଦେଖାଦେଇଥିଲା। କଲେଜ ସମ୍ମୁଖ ମୁଖ୍ୟ ଫାଟକରେ ଛାତ୍ରୀମାନେ ଦିନ ତମାମ ତାଲା ପକାଇ ଦେଇଥିଲେ।


ଛାତ୍ରୀମାନେ କଲେଜ ଗେଟ୍‌ରେ ତାଲା ପକାଇ ଦେଇଛନ୍ତି।

ଛାତ୍ରୀମାନଙ୍କ କହିବା ଅନୁଯାୟୀ, ଜୁନ ୨୬ରୁ କଲେଜରେ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେବାର ଥିଲା। ପରୀକ୍ଷା ଦେବାକୁ ଛାତ୍ରୀମାନେ ମଧ୍ୟ ପହଞ୍ଚିଥିଲେ। ହେଲେ ସେମାନଙ୍କୁ ପ୍ରଶ୍ନପତ୍ର ଦିଆ ନ ଯିବା ସହ ପରୀକ୍ଷା ମଧ୍ୟ ହୋଇ ନ ଥିଲା। ଏ ନେଇ ସେମାନେ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ କଲେଜ ଫାଟକରେ ତାଲା ପକାଇ ବିକ୍ଷୋଭ କରିଥିଲେ। ଖବରପାଇ ତାଳଚେର ଥାନା ପୋଲିସ ଓ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ସଞ୍ଜୟ ବେହେରା ଅପରାହ୍ନ ୫ଟା ପର୍ଯ୍ୟନ୍ତ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ହେଲେ ଏଥିରେ ମଧ୍ୟ କିଛି ଫଳାଫଳ ନ ବାହାରିବାରୁ ଛାତ୍ରୀମାନେ ଫାଟକରେ ତାଲାପକାଇ ରଖିଛନ୍ତି। ଶୁକ୍ରବାର ପୁନର୍ବାର ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ଜିଲାପାଳ କହିଛନ୍ତି, ୨ଜଣ ଅଧ୍ୟକ୍ଷାଙ୍କୁ ନେଇ ବିବାଦ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲେ ମଧ୍ୟ ସମାଧାନ ହୋଇପାରି ନାହିଁ। ଫଳରେ ଛାତ୍ରୀମାନେ ପରୀକ୍ଷା ଦେଇପାରିନାହାନ୍ତି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ।

# ଜିଲା କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ହୁଗୁଳା ଚର୍ଚ୍ଚା

ଅନୁଗୋଳ ଅଫିସ, ୨୭।୬

ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ହେଲେ ତାହାକୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବିଶେଷକରି ଏହି ନିରାପତ୍ତା ବ୍ୟବସ୍ଥାର କେବେ ଯାଞ୍ଚ ହୋଇଥିଲା, ତାହା କାନ୍ଥରେ ଝୁଲୁଥିବା ସିଲିଣ୍ଡର ଉପରେ ଉଲ୍ଲେଖ କରାଯାଇ ନାହିଁ। ୨୦୧୫ରୁ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କରିଡରରେ ଅଗ୍ନି ନିର୍ବାପକ ସିଲିଣ୍ଡର ରଖାଯାଇଛି। କିନ୍ତୁ ନିୟମ ମୁତାବକ ଏହାର ଯାଞ୍ଚ ହେଉ ନ ଥିବା କୁହାଯାଉଛି। ଏପରି କି ଗତ ୪ ବର୍ଷ ମଧ୍ୟରେ ଥରଟିଏ ବି ଏହାର ଯାଞ୍ଚ କରାଯାଇ ନ ଥିବା ଆଲୋଚନା ହେଉଛି। ଏ ନେଇ ଜିଲା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ନିୟମ କହୁଛି, ପ୍ରତି ଦୁଇ ବର୍ଷରେ ଥରେ ଅଗ୍ନି ନିର୍ବାପକ ସିଲିଣ୍ଡର ଗୁଡ଼ିକ ଯାଞ୍ଚ ହେବା କଥା। ଯେଉଁମାନେ ଯାଞ୍ଚ କରିବେ ସେମାନଙ୍କ ହସ୍ତାକ୍ଷର ମଧ୍ୟ ଟାଙ୍କି ଉପରେ ରହିବା କଥା। କିନ୍ତୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେପରି କିଛି ପରିଲକ୍ଷିତ ହେଉ ନ ଥିବା କୁହାଯାଉଛି। ଏ ସମ୍ପର୍କରେ ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଅଗ୍ନି ନିରାପତ୍ତା ସାମଗ୍ରୀ ଯାଞ୍ଚ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ପତ୍ର ଆସିଲେ ଆମେ ଯାଞ୍ଚ କରିବୁ। ତେବେ ଉକ୍ତ ଚିଠି ଆମ ପାଖକୁ ନୁହେଁ, ଅଗ୍ନିଶମ ବିଭାଗ ଡିଜିଙ୍କ ପାଖକୁ ଲେଖାଯିବ। ଏହାପରେ ସେଠାରୁ ନିର୍ଦ୍ଦେଶ ଆସିଲେ ବିଭାଗ ପକ୍ଷରୁ ଯନ୍ତ୍ର ଗୁଡ଼ିକର ଯାଞ୍ଚ କରାଯିବା ସହ ଜିଲା କାର୍ଯ୍ୟାଳୟର କର୍ମଚାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ତେଣୁ ଚିଠି ନ ଆସିଲା ଯାଏ ନିଜଆଡ଼ୁ ଏ ନେଇ କୌଣସି ପଦକ୍ଷେପ ନେଇପାରିବ ନାହିଁ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

# ମହିମା ସମାଜର ଧର୍ମସଭା ପ୍ରସ୍ତୁତି

ବଅଁରପାଳ, ୨୭।୬ (ଡି.ଏନ୍.ଏ)

ବଅଁରପାଳ ବ୍ଲକ କୁଲାଡ଼ ମହାନିତ୍ୟ ମହିମା ସମାଜ ପକ୍ଷରୁ ମହିମା ଗୁଙ୍ଗି ପରିସରରେ ଯୋରନ୍ଦା ଗାଦିର ରଘୁନାଥ ବାବାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖରେ ହେବାକୁ ଥିବା ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀର କୌପୀନଧାରୀ ମହିମା ସମାଜର ବାର୍ଷିକ ଧର୍ମସଭା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଢେଙ୍କାନାଳ, ଯୋରନ୍ଦା, କଟକ, ଅନୁଗୋଳ, ଆଠଗଡ଼ ଆଦି ଅଞ୍ଚଳରୁ ୫ ଶହରୁ ଊର୍ଦ୍ଧ୍ୱ ମହିମା ଧର୍ମୀ ସାଧୁଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଧର୍ମ ଆଲୋଚନା, ସାଙ୍ଗଠନିକ ଦୃଢ଼ୀକରଣ ଆଦି ପାଇଁ ସାଧୁ ମଣ୍ଡଳୀର ଏହି ସଭା ଡାକରା ଦିଆଯାଇଛି। ଶାନ୍ତିଶୃଙ୍ଖଳାର ସହ ଧର୍ମସଭା କରାଯିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ କୁଲାଡ଼ ମହିମା ସମାଜର ଲୋକେଶ ଚନ୍ଦ୍ର ଜେନା, ଭୂତେଶ ଚନ୍ଦ୍ର ଜେନା, ପରେଶ ଚନ୍ଦ୍ର ଜେନା, ବୈରାଗ ସେଠ, ପ୍ରେମାନନ୍ଦ ସେଠ, କାର୍ତ୍ତିକ ସେଠ, ପ୍ରଣବ ଜେନା, କରୁଣାକର ସେଠ, ପୃଥ୍ୱୀରାଜ ଜେନାଙ୍କ ସମେତ ବହୁ ମହିମା ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା, ୨୭।୬(ଡି.ଏନ.ଏ.)

ହଣ୍ଡପା ପୋଲିସ କରଡ଼ାବଣୀ ସାହିରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ସାନୁ ଦ୍ୱାରିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ନାମରେ ପୂର୍ବରୁ ଏକ ଚୋରି ମାମଲା ଥିବାବେଳେ ସେ ଦୀର୍ଘଦିନ ହେଲା ଫେରାର ଥିଲେ।

# ଭୁଜାଲିରେ ହାଣି ୧ ଲକ୍ଷ ଲୁଟ୍

ଛେଣ୍ଡିପଦା, ୨୭।୬ (ସ୍ୱ.ପ୍ର./ଡି.ଏନ.ଏ.)

ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା ସାଆନ୍ତରାପୁର ଗ୍ରାମ ନିକଟରେ ଗୁରୁବାର ସକାଳେ ଜଣେ ବ୍ୟବସାୟୀ ଲୁଟ୍‌ର ଶିକାର ହୋଇଛନ୍ତି। ଲୁଟେରାମାନେ ଅନୁଗୋଳ ଥାନା ଶାବଳଭଙ୍ଗା କରଞ୍ଜସାହି ଗ୍ରାମର ଡମ୍ବରୁ ସାହୁଙ୍କୁ ଭୁଜାଲିରେ ଆକ୍ରମଣ କରି ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଜରପଡା ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି।

ଘଟଣାରୁ ପ୍ରକାଶ, ଡମ୍ବରୁ ଛେଳି କିଣିବା ପାଇଁ ତୁକୁଡା ସାପ୍ତାହିକ ହାଟକୁ ବାଇକ୍‌ରେ ଯାଉଥିବାବେଳେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ରାସ୍ତାରେ ଅଟକାଇଥିଲେ। ପରେ ତାଙ୍କୁ ଏକ ଭୁଜାଲିରେ ଆକ୍ରମଣ କରି ଟଙ୍କା ନେଇ ପଳାଇଥିଲେ। ଡମ୍ବରୁଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଛି। ଖବରପାଇ ଜରପଡା ପୋଲିସ ଡମ୍ବରୁଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଥାନା ଆଇଆଇସି ବିନ୍ଦୁ ବାସିନୀ ବିଶ୍ୱାଳ ତଦନ୍ତ ଜାରି ରଖିଛନ୍ତି ।

■ନୂଆ ଦାୟିତ୍ୱକୁ ନେଇ ଅନୁଗୋଳବାସୀଙ୍କ ମତ

# ଗରିମା ବଢ଼ାନ୍ତୁ ରଜନୀକାନ୍ତ

ଅମିତ୍ ସାମଲ
ଅନୁଗୋଳ ଅଫିସ, ୨୭।୬



ଅନୁଗୋଳ ନିର୍ବାଚନମଣ୍ଡଳୀରୁ ଲଗାତାର ୪ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକ ରଜନୀକାନ୍ତ ସିଂ ମନ୍ତ୍ରୀ ପଦ ପାଇଁ ଏଥର ଦୃଢ଼ ଦାବିଦାର ଥିଲେ। ନବୀନ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସେ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିସାରିଥିବାରୁ ଏଥର ମଧ୍ୟ ତାଙ୍କୁ ଅଭିଜ୍ଞତା ଭିତ୍ତିରେ ମନ୍ତ୍ରୀପଦ ମିଳିବ ବୋଲି ତାଙ୍କ ନିର୍ବାଚନମଣ୍ଡଳୀବାସୀ ଆଶା ରଖିଥିଲେ। କିନ୍ତୁ ନୂଆ ମନ୍ତ୍ରିମଣ୍ଡଳ ଗଠନ ବେଳେ ରଜନୀକାନ୍ତଙ୍କୁ ସେଥିରେ ସାମିଲ କରାଯାଇ ନ ଥିଲା। ଏହା ତାଙ୍କ ସମର୍ଥକ ଓ ନିର୍ବାଚନମଣ୍ଡଳୀର ଲୋକଙ୍କୁ ନିରାଶ କରିଥିଲା। ହେଲେ ବିଧାନସଭାର ଉପବାଚସ୍ପତି ଭାବେ ଗୁରୁବାର ରଜନୀକାନ୍ତ ନିର୍ବାଚିତ ହୋଇଥିବାରୁ ଅନୁଗୋଳବାସୀ ଖୁସି ପ୍ରକଟ କରିଛନ୍ତି। ମନ୍ତ୍ରୀ ନ ହେଲେ ବି ମର୍ଯ୍ୟାଦାଜନକ ପଦବୀ ମିଳିଥିବାରୁ ରଜନୀକାନ୍ତ ବିଧାନସଭାର ପରମ୍ପରା ରକ୍ଷା କରି ଗରିମା ବଢ଼ାନ୍ତୁ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏଥିସହ ଅନୁଗୋଳ ନିର୍ବାଚନମଣ୍ଡଳୀରେ ଅଧୁରା ରହିଯାଇଥିବା ବହୁ ଉନ୍ନୟନ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ବିଧାୟକ ରଜନୀକାନ୍ତ ତାଙ୍କ ଦାୟିତ୍ୱ ତୁଲାନ୍ତୁ ବୋଲି ଲୋକେ ଦାବି କରିଛନ୍ତି।


**ଇଚ୍ଛାଶକ୍ତି ଥିଲେ ସବୁ କରିହେବ**



ବିଧାୟକ ଭାବେ ରଜନୀକାନ୍ତଙ୍କ ନିକଟରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ତେଣୁ ମନ୍ତ୍ରୀ ପଦ ମିଳିଥିଲେ ଭଲ ହୋଇଥାନ୍ତା। ରାଜ୍ୟ ବିକାଶରେ ତାଙ୍କ ଅଭିଜ୍ଞତା କାମରେ ଲାଗିଥାନ୍ତା। ତଥାପି ଅନୁଗୋଳ ଜିଲାର ପ୍ରଥମ ରାଜନେତା ଭାବେ ସେ ଉପବାଚସ୍ପତି ପଦ ପାଇଛନ୍ତି। ତେଣୁ ବିଧାନସଭାର ସମ୍ମାନ ରକ୍ଷା ସହ ନିଜ ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଦେଇଥିବା ପ୍ରତିଶ୍ରୁତି ସେ ପାଳନ କରନ୍ତୁ। ଇଚ୍ଛା ଥିଲେ ଲୋକଙ୍କ ଉନ୍ନତିରେ ଥିବା ସବୁ ବାଧାକୁ ଅତିକ୍ରମ କରିହେବ।

**-ବିଶ୍ୱରଞ୍ଜନ ପଟ୍ଟନାୟକ, ସହର ବାସିନ୍ଦା**

**ଚିକିତ୍ସାସେବାରେ ସୁଧାର ଆଣନ୍ତୁ**



ଅନୁଗୋଳ ଜିଲାରେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏପରି କି ଜିଲା ମୁଖ୍ୟ ଚିକିତ୍ସାଳୟରେ ବି ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ସେହିପରି ଜିଲା ଶିଳ୍ପସମୃଦ୍ଧ ବୋଲି କୁହାଯାଉଥିଲେ ବି ସ୍ଥାନୀୟ ଲୋକଙ୍କ ନିଯୁକ୍ତିକୁ ସେପରି ଅଗ୍ରାଧିକାର ଦିଆଯାଉନି। ନୂଆ ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ମଧ୍ୟ ବିଧାୟକ ନିଜ ଅଞ୍ଚଳବାସୀଙ୍କ ଉନ୍ନତି ଦିଗରେ ଅଧିକ କାର୍ଯ୍ୟ କରନ୍ତୁ।

**-ରଶ୍ମିରାଣୀ ଦାସ, ଗୃହିଣୀ, ହେମସୁରପଡ଼ା**

**ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସୁ**



ଅନୁଗୋଳର ୪ର୍ଥ ଥର ବିଧାୟକ ରଜନୀକାନ୍ତ ସିଂ ଉପବାଚସ୍ପତି ପଦ ଅଳଙ୍କୃତ କରିବା ନିଶ୍ଚିତ ଏକ ନୂଆ ଅଧ୍ୟାୟ। ଅନୁଗୋଳ ବାସୀଙ୍କ ପାଇଁ ମଧ୍ୟ ଏହା ଏକ ନୂଆ ଆଶା। ତଥାପି ସେମାନେ ବିଧାୟକଙ୍କଠାରୁ ଅଧିକ କିଛି ଆଶା କରିବେ। ଜିଲାର ଶିକ୍ଷା କ୍ଷେତ୍ରରେ ଯେତିକି ବିକାଶ କରିବାର ଥିଲା ତାହା ଏଯାଏ ହୋଇନାହିଁ। ଏବେ ପରିବର୍ତ୍ତନର ସମୟ ଆସିଛି। ବିଧାୟକ ଏଥିପ୍ରତି ଦୃଷ୍ଟି ଦେଲେ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରନ୍ତେ।

**-ସରୋଜ ପାଣିଗ୍ରାହୀ, ଶିକ୍ଷାବିତ୍**

**ବକେୟା କାର୍ଯ୍ୟ ପୂରଣ ହେବା ଦରକାର**



ଅନୁଗୋଳ ନିର୍ବାଚନମଣ୍ଡଳୀରୁ ଏଥର ବିଜୟୀ ହୋଇ ରେକର୍ଡ କରିଥିବା ବିଧାୟକ ରଜନୀକାନ୍ତ ସିଂଙ୍କୁ ଉପବାଚସ୍ପତି ଭାବେ ନିର୍ବାଚିତ କରାଯିବା ପରେ ତାଙ୍କ ଦାୟିତ୍ୱ ପୂର୍ବାପେକ୍ଷା ବଢ଼ିଯାଇଛି। ତଥାପି ଅନୁଗୋଳ ନିର୍ବାଚନମଣ୍ଡଳୀର ବିକାଶ ଦିଗରେ ବିଧାୟକ ଅଧିକ କାର୍ଯ୍ୟ କରନ୍ତୁ ବୋଲି ଲୋକେ ଚାହୁଁଛନ୍ତି। କାରଣ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦୀର୍ଘବର୍ଷ ହେଲା ପଡ଼ିରହିଛି। ତାହା ସମ୍ପୂର୍ଣ୍ଣ ହୋଇପାରିଲେ ଜନସାଧାରଣଙ୍କ ବିକାଶ ସହ ବିଧାୟକ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ପୂରଣ ହୋଇପାରିବ।

**-ଉପେନ୍ଦ୍ର ସାମଲ, ଗୋତମରା**


**UTKAL UNIVERSITY OF CULTURE**
Sardar Patel Hall Complex, Unit – II, Bhubaneswar-751 009
E-mail : mailboxuuc@gmail.com
www.uuc.ac.in , Phone - (0674)-2535486
No. 982/UUC dt.17-06-2019

CAD-110

**ADMISSION NOTIFICATION-2019**

Utkal Universtiy of Culture invites applications for admission to the following courses

**i) Six Months Certificate Course in Jain Religion and Philosophy (July-Dec, 2019).**
**ii) Six Months Certificate Course in Tamil Language(July-Dec, 2019)**

**Eligibility :**

**For Jain Religion :** Any Graduate or equivalent from recognised University.
**For Tamil Language :** HSC or equivalent degree from any recognised Board/Institution.

**Admission Schedule**
**Commencement of sale of application Form and admission** 20.06.2019
**Last date of sale of application form and admission** 15. 07.2019
**Procedure of Selection** First come first serve basis subject to fulfilment of eligibility criteria
**No. of seats** 32 in each course
**Cost of application form** Rs. 100.00
**Admission Fee** for Jain Religion - Rs. 500.00
for Tamil Language - Nil

Application form can be procured from the above office address or can be downloaded from the University website www.uuc.ac.in (Form Downloads). **All fees are to be deposited online.** For further querries, contact - **8093982496**

03005/11/0003/1920

Sd/-
**Chairman, P.G.Council**



**F.M. AUTONOMOUS COLLEGE BALASORE**

**WALK -IN-INTERVIEW**

A walk in -interview for the engagement of guest faculties on temporary basis for a maximum of one academic session will be conducted on 01.07.2019 at 11.00 A.M in the subject of integrated B.Ed. For details visit College Website **www.fmcollege.nic.in.**

Sd./- Principal








**ଫର୍ମ ବି**

**ସର୍ବସାଧାରଣ ଘୋଷଣା**

(ଭାରତୀୟ ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ (ପରିସମାପନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ର ନିୟମ ୧୨ ଅଧୀନରେ)

**ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ (ପରିସମାପନରେ)ର ହିତଧାରକଙ୍କ ଧ୍ୟାନ ଆକର୍ଷଣ କରାଯାଉଛି**

| କ୍ର.ସଂ. | ସବିଶେଷ ବିବରଣୀ | ତଥ୍ୟ |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ<br>କମ୍ପାନୀ ଅଧିନିୟମ, ୧୯୫୬ ଅଧୀନରେ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ପଞ୍ଜୀକୃତ କାର୍ଯ୍ୟାଳୟ: ସିଏଡିଡି ସେଣ୍ଟର ବିଲ୍‌ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦<br>କାରଖାନା ଅବସ୍ଥିତି: ବଇଁଚୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | ଇନ୍‌ସଲ୍‌ଭେନ୍ସି ମୀମାଂସା ସମାପ୍ତି ତାରିଖ | ମେ ୦୭, ୨୦୧୯ (ମାନ୍ୟବର ଏନ୍‌ସିଏଲ୍‌ଟିଙ୍କ ଦ୍ୱାରା ସମୟ ସମୟରେ ମଞ୍ଜୁର କରାଯାଉଥିବା କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟାରେ ବିସ୍ତାରଣ/ବର୍ଜନକୁ ବିଚାରକୁ ନିଆଯିବା ପରେ) |
| ୭. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୮. | ପରିସମାପକ ଭାବେ କାର୍ଯ୍ୟ କରୁଥିବା ଆଇବିବିଆଇ ସହିତ ପଞ୍ଜୀକୃତ ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ପରିସମାପକ: ପଙ୍କଜ ଧାନୁକା<br>ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ |
| ୯. | ବୋର୍ଡ ସହିତ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ପରିସମାପକଙ୍କ ଠିକଣା ଓ ଇ-ମେଲ୍ | ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>ଇମେଲ୍: pankajdhanuka@gmail.com |
| ୧୦. | ପରିସମାପକଙ୍କ ସହିତ ପତ୍ର ଯୋଗାଯୋଗ ଲାଗି ବ୍ୟବହାର ପାଇଁ ଠିକଣା ଓ ଇମେଲ୍ | ଯୋଗାଯୋଗ ଠିକଣା: ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>ଇମେଲ୍ ଆଇଡି: inmtpclip@deloitte.com |
| ୧୧. | ଦାବି ଦାଖଲର ଶେଷ ତାରିଖ | ଜୁଲାଇ ୨୫, ୨୦୧୯ |

ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (କଟକ ଖଣ୍ଡପୀଠ) ଜୁନ୍ ୨୫, ୨୦୧୯ ଦିନ ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍‌ର ପରିସମାପନ ଆରମ୍ଭ ପାଇଁ ଆଦେଶ ଦେଇଛନ୍ତି।
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡର ହିତାଧାରକଙ୍କୁ ଏତଦ୍ୱାରା ସାମଗ୍ରୀ ନଂ.୧୦ରେ ଦର୍ଶାଯାଇଥିବା ପରିସମାପକଙ୍କ ଠିକଣାରେ ଜୁଲାଇ ୨୫, ୨୦୧୯ କିମ୍ବା ତାହା ପୂର୍ବ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବି ଦାଖଲ କରିବା ଲାଗି ଆଦେଶ ଦିଆଯାଉଛି। ଆର୍ଥିକ ଋଣଦାତାମାନେ କେବଳ ବୈଦ୍ୟୁତିକ ମାଧ୍ୟମରେ ସେମାନଙ୍କ ଦାବିଗୁଡ଼ିକୁ ପ୍ରମାଣ ସହିତ ଦାଖଲ କରିବେ। ଅନ୍ୟ ସମସ୍ତ ଋଣଦାତାମାନେ ବ୍ୟକ୍ତିଗତ ଭାବେ, ଡାକ ଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମରେ ଦାବି ଦାଖଲ କରିପାରନ୍ତି।
ଦାବି ପାଇଁ ମିଥ୍ୟା କିମ୍ବା ଭ୍ରମାତ୍ମକ ପ୍ରମାଣ ଦାଖଲ କରାଗଲେ ଜରିମାନା ଲାଗୁ ହେବ।

ତାରିଖ: ଜୁନ୍ ୨୮, ୨୦୧୯
ସ୍ଥାନ: କୋଲକାତା

ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ ପାଇଁ
ସ୍ୱା./- ପଙ୍କଜ ଧାନୁକା
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
**ଯୋଗାଯୋଗ ଠିକଣା:**
ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି,
୧୩ ମହଲା, ବିଲ୍‌ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ,
ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି,
ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
**ଯୋଗାଯୋଗ ଇମେଲ୍:** inmtpclip@deloitte.com



## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶୈଳବାଳା ମହାନ୍ତି (ଶିକ୍ଷୟିତ୍ରୀ)**
ସ୍ୱାମୀ- ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ରାୟ
ସ୍ଥାନ: ବୋରିକିନା, ବାଲିକୁଦା, ଜଗତ୍‌ସିଂହପୁର
ଆବିର୍ଭାବ: ୧୪।୧୨।୧୯୫୯
ତିରୋଧାନ: ୧୯।୦୬।୨୦୧୯
ମାମା,
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ହତଭାଗ୍ୟ ପୁତ୍ର: କାଉଲ, ବୋହୂ: ଦେବଯାନୀ, ଝିଅ: ସୌଭାଗ୍ୟ, ସୁଜୟ, ଝିଅ: କୋଇଲି, ମାମାଲି, ଚଗଲି, ବନ୍ଧୁ ଏବଂ ପରିବାରବର୍ଗ।
ଧ-୬୫୬୫୮

**In Memoriam**



Late M. Chandrasekhar Rao
Arrived : 28.05.1944
Departed : 18.06.2019
Scientist, Entrepreneur, and passionate Educator, his wisdom lives on through the many lives he touched.
- In Fond Remembrance -
Wife - Saraswathi,
Son - Amar Sreenu,
Daughter In Law - Praveena
Daughters - Devishree and Chandrika
Staff of Jaico Electronics Pvt. Ltd.
ଧ-୧୩୧୪୬

**ଅଷ୍ଟମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ଆରତୀ ମହାପାତ୍ର**
ପୁରୁଣା ଭୁବନେଶ୍ୱର
ତିରୋଧାନ: ୨୮।୦୬।୨୦୧୧
ଆଜିର ଏହି ପୁଣ୍ୟ ତିଥିରେ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ସ୍ୱାମୀ: ନାଗେଶ୍ୱର ମହାପାତ୍ର, ପୁଅ-ବୋହୂ: ବାପୁ, ଲିକନ, ଝିଅ-ଜ୍ୱାଇଁ: ଲିପୁ, ଆଲଫା, ନାତି: ଦିବ୍ୟପ୍ରସାଦ, ସ୍ୱସ୍ତିକ, ଦିବ୍ୟପ୍ରକାଶ, ନାତୁଣୀ: ସାଇଶା, ସମୟଭବନ, କର ପରିବାର, ହିମାଂଶୁ ପରିବାରବର୍ଗ ଓ ବନ୍ଧୁଗଣ।
ଧ-୬୬୭୧୬

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ନାଟ୍ୟକାର ଆଡ୍‌ଭୋକେଟ୍ ନିର୍ମଳ ମିଶ୍ର**
ଜନ୍ମସ୍ଥାନ : ଜିଉନ୍ତି, କାହାଳ, କାକଟପୁର, ପୁରୀ
କର୍ମସ୍ଥାନ : ପୋଖରିଆ ସାହି, ପୁରୀ
ଶେଷ ଜୀବନ : ସୁଦର୍ଶନ ନଗର, ପୁରୀ
ଆବିର୍ଭାବ : ଶ୍ରୀରାମ ନବମୀ, ୧୯୪୯
ତିରୋଧାନ : ଆଷାଢ଼ କୃଷ୍ଣ ଦଶମୀ, ୨୦୧୪
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ପରିବାର ଓ ବନ୍ଧୁ ବର୍ଗ
ଧ-୬୬୫୮୫

## ସଂକ୍ଷେପରେ

### ମହମ୍ମଦ ବାଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

**ଶୋକ ବ୍ୟକ୍ତ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ପ୍ରତାପ**

ଭୁବନେଶ୍ୱର, ୨୭।୬(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ ତଥା ବର୍ଷିଆନ ଜନସେବକ ମହମ୍ମଦ ବାଜୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱର୍ଗତ ବାଜୀ ଭାରତୀୟ ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା ଥିଲେ। ମହାତ୍ମା ଗାନ୍ଧୀଙ୍କ ସହ କାର୍ଯ୍ୟ କରିବାକୁ ସେ ସୁଯୋଗ ପାଇଥିଲେ। ନବରଙ୍ଗପୁର ବିଜାପୁର ଠାରେ ଗାନ୍ଧୀ ଆଶ୍ରମ ପ୍ରତିଷ୍ଠା କରି ଜନସେବାରେ ସାରା ଜୀବନ ନିଜକୁ ଉତ୍ସର୍ଗ କରିଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଦେଶ ଜଣେ ମହାନ୍ ଜନସେବକ, ଦେଶଭକ୍ତ ଓ ସଚ୍ଚା ଗାନ୍ଧିବାଦୀଙ୍କୁ ହରାଇଲା ବୋଲି ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ କହିଛନ୍ତି। ବାଜୀଙ୍କ ବିୟୋଗରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା ପ୍ରଦୀପ ନାୟକ ଏବଂ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ୨ ଭାଲୁ ମୃତଦେହ ଉଦ୍ଧାର

ନବରଙ୍ଗପୁର,୨୭।୬(ବି.ପ୍ର.): ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ନିସନାହାଣ୍ଡି ଗାଁ ନିକଟ ଏକ ଜମିରୁ ଏକ ମାଈ ଓ ଛୁଆ ଭାଲୁର ମୃତଦେହ ଗୁରୁବାର ଜଙ୍ଗଲ ବିଭାଗ ଉଦ୍ଧାର କରିଛି। ଗାଁ ଲୋକେ ସକାଳେ ୨ଟି ଭାଲୁ ମରି ପଡିଥିବା ଦେଖି ରେଞ୍ଜରଙ୍କୁ ଜଣାଇଥିଲେ। ରେଞ୍ଜର ପି. ସିଏଚ. ନନ୍ଦ, ଫରେଷ୍ଟର ଗାଁସଦା ସାନ୍ତା ଏବଂ ୱାଇଲଡଲାଇଫ ଟିମ ପହଞ୍ଚି ଭାଲୁ ମୃତଦେହ ଉଦ୍ଧାର କରି ନବରଙ୍ଗପୁର ଚରକ ବନକୁ ଆଣ ବ୍ୟବଚ୍ଛେଦ କରି ପୋତିଛନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ ଏକ ବଡ ଭାଲୁ ଆକ୍ରମଣ କରି ୨ ଭାଲୁଙ୍କୁ ମାରି ଦେଇଥିଲା। ଭାଲୁ ମୃତ୍ୟୁର କାରଣକୁ ନେଇ ସନ୍ଦେହ କରାଯାଉଛି। ଭାଲୁ ମୃତ୍ୟୁର କାରଣ କ'ଣ ରହିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ରେଞ୍ଜର କହିଛନ୍ତି।

ଏସ୍‌ଏନ୍‌ସିୟୁରେ ନର୍ସଙ୍କ ଟିକ୍‌ଟକ ମାନିଆ

### ୪ ନର୍ସଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଗଲା

**ସ୍ୱାସ୍ଥ୍ୟମନ୍ତ୍ରୀ ମାଗିଲେ ଏଟିଆର୍**

ମାଲକାନଗିରି, ୨୭।୬(ଡି.ଏନ୍.ଏ.)- ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ୟୁନିଟ୍‌ରେ କାର୍ଯ୍ୟରତ ନର୍ସମାନେ ଟିକ୍‌ଟକ କରୁଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଭାଇରାଲ ଭିଡ଼ିଓରେ ଥିବା ନର୍ସମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ସେମାନେ ଗୁରୁବାର ଏହାର ଜବାବ ଦାଖଲ କରଛନ୍ତି। ଘଟଣାର ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ବାଧ୍ୟତାମୂଳକ ଛୁଟିରେ ରହିବାକୁ ସିଡିଏମ୍‌ଓ ଡାକ୍ତର ଅଜିତ କୁମାର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଆକ୍ସନ ଟେକେନ୍ ରିପୋର୍ଟ(ଏଟିଆର୍) ଦେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦେଶର ଶ୍ରେଷ୍ଠ ୩ୟ ସ୍ଥାନରେ ଏନଏଲୟୁ

କଟକ ଅଫିସ,୨୭।୬- ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ) ଦେଶର ୩ୟ ଶ୍ରେଷ୍ଠ ଆଇନ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଛି। ଇଣ୍ଡିଆ ଟୁଡେ ସଂସ୍ଥା ପକ୍ଷରୁ ହୋଇଥିବା ସର୍ଭେରେ ରାଜ୍ୟର ଏହି ବିଶ୍ୱବିଦ୍ୟାଳୟକୁ ଉକ୍ତ ମାନ୍ୟତା ପ୍ରଦାନ କରାଯାଇଛି। ବେଙ୍ଗାଲୁରୁର ନ୍ୟାସନାଲ ଲ ସ୍କୁଲ ଅଫ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଓ ଭୋପାଳର ନ୍ୟାସନାଲ ଲ ଇନଷ୍ଟିଚ୍ୟୁଟ ବିଶ୍ୱବିଦ୍ୟାଳୟ ଏହି ସର୍ଭେରେ ଯଥାକ୍ରମେ ୧ମ ଓ ୨ୟ ସ୍ଥାନରେ ରହିଛି। ଶୈକ୍ଷିକ, ପ୍ରଶିକ୍ଷଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ଷେତ୍ରରେ ରାଜ୍ୟର ଏହି ଶିକ୍ଷାନୁଷ୍ଠାନର ଅନେକ ଅବଦାନ ରହିଛି ବୋଲି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକ୍ରିଷ୍ଣା ଦେବ ରାଓ କହିଛନ୍ତି।

# ପ୍ରାଥମିକ ରିପୋର୍ଟରେ କେଉଟଗୁଡା ଷ୍ଟେଶନ୍‌ରେ ତ୍ରୁଟି

- ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା
- ତଦନ୍ତ ଲାଗି ୬୧ କର୍ମଚାରୀଙ୍କୁ ଡାକରା

ରାୟଗଡ଼ା ଅଫିସ୍, ୨୭।୬

ରାୟଗଡ଼ା ଜିଲା ସିଙ୍ଗାପୁର ରୋଡ୍ ଓ କେଉଟଗୁଡା ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ ଜାରି ରହିଛି। ଗୁରୁବାର ବିଶାଖାପାଟଣା ଡିଭିଜନ କାର୍ଯ୍ୟାଳୟରୁ ଏକ ଅପରେଶନ ଟିମ ଆସି ତଦନ୍ତ କରିଛି। ସହକାରୀ ଅପରେଶନ ମ୍ୟାନେଜରଙ୍କ ନେତୃତ୍ୱରେ ଏହି ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଅପରେଶନ ଇନ୍ସପେକ୍ଟର ଏମ୍.ଭି. ରାମଣା ଅପରେଶନ ବିଭାଗ କର୍ମଚାରୀଙ୍କୁ ପଚରାଉଚୁରା କରିଥିଲେ। ଚଳନ୍ତା ଟ୍ରେନରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିବା କିଛି ଛୋଟକଥା ନୁହେଁ। ଷ୍ଟେଶନ୍‌ଠାରୁ ମାତ୍ର ୪ କି.ମି ଦୂରରେ ୪୦କି.ମି ବେଗରେ ଟ୍ରେନ ଯାଉଥିବା ବେଳେ ଲାଇନଚ୍ୟୁତ ହୋଇ ଅଗ୍ନିକାଣ୍ଡ ଘଟିବା ନିଶ୍ଚିତ ଭାବେ ଏକ ତ୍ରୁଟି ବୋଲି ଅନୁସନ୍ଧାନକାରୀ ଟିମ୍ ପ୍ରକାଶ କରିଛି। ପ୍ରାଥମିକ ରିପୋର୍ଟରେ କେଉଟଗୁଡା ଷ୍ଟେଶନ୍ କର୍ମଚାରୀଙ୍କ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଦର୍ଶାଯାଇଛି। ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ବିଦ୍ୟୁତ୍ ମରାମତି ପାଇଁ ଟାୱାରକାର ପକ୍ଷରୁ କେଉଟଗୁଡା ଓ ସିଙ୍ଗାପୁର ରୋଡ ଷ୍ଟେଶନ୍ ମଧ୍ୟରେ ବ୍ଲକ୍ କରାଯିବା ପରେ ଟାୱାରକାର ମରାମତି ଅଭିମୁଖେ ଯାଇଥିଲା। ମରାମତି ପରେ ଟାୱାରକାର ପକ୍ଷରୁ ବ୍ଲକ୍ ହଟାଇବା ପାଇଁ ସୂଚନା ଦିଆଯିବା ପରେ ସିଙ୍ଗାପୁର ରୋଡ ଷ୍ଟେଶନ୍ କର୍ତ୍ତୃପକ୍ଷ କେଉଟଗୁଡା ଷ୍ଟେଶନ୍‌କୁ ସୂଚନା ଦେଇ ବ୍ଲକ୍ ହଟାଇଥିଲେ। ଏହାପରେ ଉକ୍ତ ଟାୱାରକାରକୁ ଯିବା ନିମନ୍ତେ କେଉଟଗୁଡା ଷ୍ଟେଶନ୍ ପକ୍ଷରୁ ସିଗ୍‌ନାଲ ଦିଆଯିବା କଥା, ହେଲେ ତାହା ଦିଆଗଲା ନାହିଁ। ଏଣେ ସିଗ୍‌ନାଲ ଦିଆଯାଇ ନ ଥିବା ସମ୍ପର୍କରେ ସିଙ୍ଗାପୁର ରୋଡ ଷ୍ଟେଶନ୍‌କୁ ମଧ୍ୟ କୌଣସି ସୂଚନା ଦିଆଯାଇ ନ ଥିଲା। ଫଳରେ ସିଙ୍ଗାପୁର ରୋଡ ଷ୍ଟେଶନ୍ କର୍ତ୍ତୃପକ୍ଷ ଟାୱାରକାର ଉପସ୍ଥିତ ରହିଥିବା ସମ୍ପର୍କରେ ଜାଣିପାରିଲେ ନାହିଁ। ଆଉ ସେହି ରୁଟ୍‌ରେ ହିଁ ହାୱଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ୍‌କୁ ଛାଡି ଦିଆଯାଇଥିଲା। ଫଳରେ ଗୋଟିଏ ରୁଟ୍‌ରେ ୨ଟି ଟ୍ରେନ୍ ମୁହାଁମୁହିଁ ଧକ୍କା ହୋଇ ଲାଇନ୍‌ଚ୍ୟୁତ ହେବା ପରେ ଅଗ୍ନିକାଣ୍ଡ ଘଟିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଶୁକ୍ରବାର କୋଲକତାସ୍ଥିତ ରେଳବାଇ ନିରାପତ୍ତା କମିଶନର ଆର୍.କେ. ଶର୍ମାଙ୍କ ନେତୃତ୍ୱରେ ଏକ ଟିମ୍ ରାୟଗଡା ଆସିବେ। ଏହି ଟିମ୍ ରାୟଗଡାଠାରେ ତଦନ୍ତ କରିବା ସହ କେଉଟଗୁଡା ଏବଂ ସିଙ୍ଗାପୁର ରୋଡ ଷ୍ଟେଶନ୍‌କୁ ମଧ୍ୟ ଅନୁଧ୍ୟାନ ପାଇଁ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ତଦନ୍ତକାରୀ ଟିମ୍ ୨୯ ତାରିଖରେ ବିଶାଖାପାଟଣାସ୍ଥିତ ଡିଆର୍‌ଏମ୍ କାର୍ଯ୍ୟାଳୟରେ ତଦନ୍ତ କରିବେ। ଉଭୟ ରାୟଗଡା ଓ ବିଶାଖାପାଟଣାର ତଦନ୍ତ ପାଇଁ ୬୧ଜଣ ରେଳ କର୍ମଚାରୀଙ୍କୁ ଡାକରା ହୋଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାୟଗଡା ଷ୍ଟେଶନ୍ ଅଧୀକ୍ଷକ ପ୍ରତାପ ଚନ୍ଦ୍ର ସେଠୀ, ସମଲେଶ୍ୱରୀ ଏକ୍ସପ୍ରେସର ଡ୍ରାଇଭର ସଞ୍ଜୀବ ରାଓ, ସହକାରୀ ଡ୍ରାଇଭର ରୁଷି କୁମାର, ଗାର୍ଡ ଅନନ୍ତ ଚରଣ ସେନାପତିଙ୍କ ସମେତ ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ୍ ମାଷ୍ଟର, ସିଗ୍‌ନାଲ, ଅପରେଶନ, ଟେଲିକମ୍ ଓ ଇଞ୍ଜିନିୟରିଂ ବିଭାଗର କର୍ମଚାରୀଙ୍କୁ ମଧ୍ୟ ଉପସ୍ଥିତ ରହିବାକୁ ରେଳ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ୩ରୁ ୪ଦିନ ଧରି ଏହି ତଦନ୍ତ କରାଯିବ ବୋଲି ସୂଚନା ମିଳିଛି।

# ରଥଖଳାରୁ... ଉଠିଲା ତୃତୀୟ ଭୂଇଁ ଚାରିକାଠ

ପୁରୀ ଅଫିସ,୨୭।୬:

ରଥଯାତ୍ରା ପାଇଁ ଶ୍ରୀନଅର ସମ୍ମୁଖ ରଥଖଳାରେ ଦ୍ରୁତଗତିରେ କାମ ଚାଲିଛି। ତିନି ରଥରେ ପ୍ରଥମ ଭୂଇଁରେ ଚଉଦା ନାହାକା ବୁଲିସାରିବା ପରେ ପ୍ରଥମ ଭୂଇଁ ଟୁଙ୍ଗୁରା ସରିଛି। ଏଥିସହ ପ୍ରଥମ ଭୂଇଁଖମ୍ବି ଉଠିସାରିବା ପରେ ଦ୍ୱିତୀୟ ଭୂଇଁ ଛ' କାଠ ଉଠିସାରିଛି। ଗୁରୁବାର ଦ୍ୱିତୀୟ ଭୂଇଁ କାମ ଶେଷ ହେବା ପରେ ତୃତୀୟ ଭୂଇଁ ଚାରିକାଠ ଏବଂ ବଡ଼ଥାଳି ପୋଟଳ ଉଠିଛି। ଏହାପରେ ତିନିରଥରେ ଭୋଇ ସେବକମାନେ ପଞ୍ଚମ ହରିବୋଲ ପକାଇଥିଲେ। ଅନ୍ୟପଟେ ରଥରେ ଅଁଳା ହଣା ଚାଲିଛି। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର କହିଛନ୍ତି, ପ୍ରତ୍ୟେକ ରଥରେ ୪ଟି ଲେଖାଏ ଅଁଳା ଲାଗିବ। ଦୁଆରବେଢାରେ ଏହି ଅଁଳା ଲାଗିଥାଏ। ଦର୍ପଦଳନ ରଥର ରୂପକାର ସେବକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ନାଟଗୋଡ଼, ସିଂହାସନ ଓ ଚାର ପରଶା କାମ ଚାଲିଛି। ଅନ୍ୟପଟେ ଦୋଳବେଦି କମାରଶାଳରେ ଜଂଘାକଣ୍ଟା ତିଆରି କରାଯାଉଛି। ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା କହିଛନ୍ତି, ଗୋଟିଏ ରଥରେ ୪ଟି ଲେଖାଏ ଜଂଘାକଣ୍ଟା ଲାଗେ। ଏହା ରଥର ସବୁଠାରୁ ବଡ଼ କଣ୍ଟା (ପ୍ରାୟ ସାଢେ ୪ଫୁଟ ଲମ୍ବ)। ରଥର ତେର ପରସ୍ତ ପୋଟଳରେ ଏହାକୁ ବାଡ଼ିଆ ଯାଇଥାଏ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଡ଼ିଗଲେ ସ୍ୱାରୀଶୁଆ**
**ବସିଲେ ବାଉଁଶେ**
**ନଖପାଣି ମୁଖେମଲା**
**ଏ ଯୁବା ବୟସେ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷ ସହ ଭେଟହୋଇ ନ ପାରିଲେ ପ୍ରେମୀ ହତାଶ, ମନ ବେଦନାସିକ୍ତ ହୋଇଯାଏ। ପ୍ରେୟସୀର ପ୍ରିୟ ପାଇଁ ଦୀର୍ଘ ପ୍ରତୀକ୍ଷା କରିବାର ଅନୁଶୋଚନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଠ୍ ଦେଢ଼ଶୁର ପଳା**
**ମୁହଁରେ ଲାଗିବ କଳା।**

ସ୍ୱାମୀର ବଡ଼ଭାଇ ମାନ୍ୟତାରେ ଦେଢ଼ଶୁର ହୋଇଥାନ୍ତି। ତାଙ୍କୁ ସମ୍ମାନ ଜଣାଇ ଭାଇବୋହୂ ମୁଣ୍ଡରେ ଓଢ଼ଣି ଦେଇଥାଏ। ଲାଜବଶତଃ ମୁହଁ ଉଠାଇ କଥା କହି ନ ଥାଏ। ଭାଇବୋହୂ ସାମ୍‌ନାକୁ ଦେଢ଼ଶୁର ଆସିବା ନେଇ ବାରଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ରାଜ୍ୟର ବିଭିନ୍ନ ସ୍ଥାନରେ ଅଚାନକ ଗସ୍ତ କରିବେ ଗଣଶିକ୍ଷା ମନ୍ତ୍ରୀ

# କର୍ମଚାରୀ ବିଳମ୍ବରେ ଆସିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ତତ୍ପର ହୋଇପଡ଼ିଛନ୍ତି। ଗୁରୁବାର ମନ୍ତ୍ରୀ ଦାଶ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଛନ୍ତି। ବିଇଓଙ୍କଠାରୁ ସମସ୍ତ ତଥ୍ୟ ମାଗି ଯାଞ୍ଚ କରିଛନ୍ତି। ଉପସ୍ଥାନ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ପରେ ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଗୁରୁବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏମିତି ଅଚାନକ ଗସ୍ତ କରାଯିବ। କୌଣସି ସ୍ଥାନରେ କର୍ମଚାରୀ ଅଫିସରେ ଅନୁପସ୍ଥିତ ଥିଲେ କିମ୍ବା ବିଳମ୍ବରେ ଆସିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ଗଞ୍ଜାମ ଜିଲା ପ୍ରଶାସନର ସ୍କୁଲ କ୍ୟାମ୍ପସ୍‌ରେ ମୋବାଇଲ୍ ଫୋନ୍ ମନା ପଦକ୍ଷେପକୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହା ଏକ ଉଚିତ ପଦକ୍ଷେପ ବୋଲି ମନ୍ତ୍ରୀ କହିବା ସହ ଗଞ୍ଜାମ ଜିଲା ଧନ୍ୟବାଦର ପାତ୍ର ବୋଲି କହିଛନ୍ତି। ଏଭଳି ନିୟମ ଲାଗୁ କରିବାକୁ ବିଚାର ବିମର୍ଶ କରାଯିବ। ଆବଶ୍ୟକ ପଡ଼ିଲେ ସାରା ରାଜ୍ୟରେ ଏହାକୁ ଲାଗୁ କରାଯିବ। ଶୁକ୍ରବାର ସାରା ରାଜ୍ୟରେ ସ୍କୁଲରେ ଶିକ୍ଷକ-ଅଭିଭାବକ ବୈଠକ ହେବ। ବୈଠକରେ ସ୍କୁଲର ବିକାଶ, ଉନ୍ନତି ନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

କାମ ଆମର, ବିଶ୍ୱାସ ଆପଣଙ୍କର
ଭାରତର ନଂ.୧ କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN JYOTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କସିଟ୍ | ପର୍ସନାଲ | ପ୍ରପର୍ଟି | BPL | ଆଧାରକାର୍ଡ | ଏଜୁକେଶନ | ଚାଷ
ଲୋନ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8765256101
H.No. 2, Ram Nagar, Narmol, Haryana

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ। ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.8, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
9078839971

DHARITRI Career appointment Every Wednesday and Saturday

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୋଖରୀରୁ ମୃତଦେହ ଉଦ୍ଧାର

କଣିହାଁ, ୨୭।୬(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ବଡତ୍ରିବିଡା ପଞ୍ଚାୟତ ଛେଳିଆ ଗ୍ରାମ ପୋଖରୀରୁ ଗୁରୁବାର ଅପରାହ୍ଣରେ ଗ୍ରାମର ଗୋକୁଳ ସେଠୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ଶରୀରରେ କିଛି କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିବାବେଳେ ମୃତ୍ୟୁର କାରଣ ଜଣାପଡିନାହିଁ। ପୋଖରୀ ନିକଟରେ ଥିବା ଖେଳ ପଡିଆରେ ପିଲାମାନେ ଖେଳୁଥିବାବେଳେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ପାଣିରେ ବୁଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଖରୀରେ ଥିବା କୀଟଙ୍କ ଯୋଗୁ ମୃତ ଶରୀରରେ ଖଣ୍ଡିଆ ହୋଇଛି। ତେବେ ମୃତଦେହ ବ୍ୟବଚ୍ଛେଦ ପରେ କାରଣ ସ୍ପଷ୍ଟ ହେବ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

### ଯୋଗଦେଲେ ନୂଆ ଥାନା ଅଧିକାରୀ



ଛେଣ୍ଡିପଦା,୨୭।୬ (ଡି.ଏନ.ଏ.): ଛେଣ୍ଡିପଦା ଥାନାର ନୂତନ ଅଧିକାରୀ ଭାବେ ଇନସ୍ପେକ୍ଟର ସତ୍ୟବ୍ରତ ରାଉତ ଗୁରୁବାର ଯୋଗ ଦେଇଛନ୍ତି। ଛେଣ୍ଡିପଦାରେ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମନ୍ୱୟ ରକ୍ଷା ଉପରେ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ସେ ଫୁଲବାଣୀ ଜିଲାରେ କାର୍ଯ୍ୟରତ ଥିଲେ। ସେହିପରି ଏଠାରେ କାର୍ଯ୍ୟରତ ଥିବା ଇନସ୍ପେକ୍ଟର ପ୍ରିୟବ୍ରତ ଦାସଙ୍କ ଆଠମଲ୍ଲିକ ଥାନାକୁ ବଦଳି ହୋଇଛି।

### ତାଲା ଭାଙ୍ଗି ଘରୁ ଚୋରି

ବଇଣ୍ଡା,୨୭।୬(ଡି.ଏନ.ଏ.) କିଶୋରନଗର ଥାନା ରଣିଆକଟା ଗ୍ରାମର ବିନୟ ପ୍ରଧାନଙ୍କ ଘରୁ ବୁଧବାର ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଟଙ୍କା ଓ ଆସବାବପତ୍ର ଚୋରି କରି ନେଇଯାଇଛନ୍ତି। ଏ ନେଇ ବିନୟଙ୍କ ଅଭିଯୋଗକ୍ରମେ କିଶୋରନଗର ପୋଲିସ ନଂ. ୭୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଦୁର୍ବୃତ୍ତଙ୍କ କୌଣସି ପତ୍ତା ମିଳିପାରି ନାହିଁ। ଘଟଣାରୁ ଜଣାପଡ଼ିଛି, ବିନୟ ରଣିଆକଟାରେ ଦେଇଥିବା ଦୋକାନରେ ଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରି ନେଇଯାଇଛନ୍ତି।

### ଚୋରି ଅଭିଯୁକ୍ତ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୨୭।୬: ଅନୁଗୋଳ ହେମସୁରପଡ଼ାର ବିନୋଦ କୁମାର ନାଏକଙ୍କ ଘରୁ ମୋବାଇଲ ଚୋରି ଅଭିଯୋଗରେ ପୋଲିସ ସୁଇପର କଲୋନୀର ତାହିର ମୁଖୀ ଓରଫ ସେକ୍ ମୁଖୀ(୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାହିର ଘଟଣାସ୍ଥଳରେ ଧରାପଡ଼ିଥିଲେ ବି ପୋଲିସ ଆସିବା ପୂର୍ବରୁ ଖସି ଯାଇଥିଲେ। ଏ ନେଇ ବିନୋଦ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୬୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ତାହିର ଘରେ ଶୋଇଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ୧୫ ଫୁଟ ତଳକୁ ପଡ଼ି ଯୁବକ ଗୁରୁତର

ଅନୁଗୋଳ ଅଫିସ, ୨୭।୬: ବିବାହ ପାଇଁ ଟେଣ୍ଟ ବାନ୍ଧିବା କାର୍ଯ୍ୟ କରୁଥିବା ଜଣେ ଯୁବକ ବିଦ୍ୟୁତ ଆଘାତରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ବାଲିମି ଥାନା ରଞ୍ଜାଗୋଳ ପଞ୍ଚାୟତ ବାଦିବାହାଲ ଗ୍ରାମର ବାବୁଲି ସାହୁ(୩୦) ଗାଁରେ ଟେଣ୍ଟ କାର୍ଯ୍ୟ କରନ୍ତି। ଗୁରୁବାର ୧୫ ଫୁଟ ଉପରେ ଚଢ଼ି ସେ ଟେଣ୍ଟ ବାନ୍ଧୁଥିବାବେଳେ ବିଦ୍ୟୁତ୍ ଝଟକା ଲାଗିଥିଲା। ଫଳରେ ସେ ତଳେ ଥିବା ରାସ୍ତା ଉପରେ ଖସି ପଡ଼ିଥିଲେ।

■ବଣ୍ଟିଆଁରପାଳରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# କ୍ଲବ, ଭଡ଼ାଘରେ ଚାଲିଛି ଡାକ୍ତରଖାନା

ବଣ୍ଟିଆଁରପାଳ, ୨୭।୬(ଡି.ଏନ.ଏ.)



ବଣ୍ଟିଆଁରପାଳ ସ୍ୱାସ୍ଥ୍ୟକେନ୍ଦ୍ର ଚାରିପାଖ ବଣବୁଦାରେ ଭର୍ତ୍ତି ହୋଇଛି।

■୧୯ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନାହିଁ ସ୍ଥାୟୀ ଘର
■ଚଟାଣରେ ଚିକିତ୍ସିତ ହେଉଛନ୍ତି ଗର୍ଭବତୀ
■କର୍ମଚାରୀ ଅଭାବ ମଧ୍ୟ ବଢ଼ାଉଛି ସମସ୍ୟା

ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଅନୁଗୋଳ ଜିଲା ବଣ୍ଟିଆଁରପାଳ ବ୍ଲକରେ ଏହାର ଭିନ୍ନଚିତ୍ର ନଜରକୁ ଆସିଛି। ବଣ୍ଟିଆଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଏହା ଅଧୀନରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପାଇଁ ସ୍ଥାୟୀ ଘର ନ ଥିବା ବେଳେ ବିଭିନ୍ନ କ୍ଲବ ଓ ଭଡ଼ା ଘରେ ଚିକିତ୍ସା ସେବା ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ବଣ୍ଟିଆଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୨୬ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ୧୯ କେନ୍ଦ୍ରର ସ୍ଥାୟୀ ଗୃହ ନାହିଁ। ଫଳରେ ଏହି କେନ୍ଦ୍ରଗୁଡ଼ିକ କ୍ଲବ, ଭଡ଼ା ଘରେ କିମ୍ବା ଅନେକ ସମୟରେ ସ୍କୁଲ ଘରେ ମଧ୍ୟ ଚାଲୁଛି। କେବଳ ନୂଆହତା, ବୁଢ଼ାପଙ୍କ, ଗଡ଼ସନ୍ତ୍ରୀ, ପିଙ୍ଗୁଆ, ବଳରାମପ୍ରସାଦ, ତୁଳସୀପାଳ, ଫୁଲପଡ଼ା କେନ୍ଦ୍ରର ସ୍ଥାୟୀ ଗୃହ ରହିଛି। ସେହିପରି ଜରାସିଂହା, କୁକୁଡାଙ୍ଗ, କୁଇଓ, ତୁବେ, କଞ୍ଚୁରା, ସାନ୍ତରାପୁର, ଗୋଳାବନ୍ଧ, କୁରୁଡୁଲୁ, କାଣ୍ଡସର, ରାଣୀଗୋଡ଼ା, କୁମଣ୍ଡ, ପରତରା, କୁଲାଡ଼, ନାଲକୋ, ବଣ୍ଟିଆଁରପାଳ, ଗୋଟମରା, ରଙ୍ଗାସିଂହା, ମହୀଧରପୁର ଓ ତଳମୂଳ ଉପସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥାୟୀ ଘର ନାହିଁ। ସରକାରଙ୍କ ଉଦାସୀନତା ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହି ସମସ୍ୟାରେ ସୁଧାର ଆସିପାରୁ ନ ଥିବା ଅଭିଯୋଗ ହେଉଛି। ଏଥିସହ ଆବଶ୍ୟକ ଯନ୍ତ୍ରପାତି, ଔଷଧପତ୍ର ଓ ଶଯ୍ୟା ନ ଥିବାରୁ ଲୋକମାନେ ସେବାରୁ ବଞ୍ଚିତ ହେବା ସହ ଜରୁରୀକାଳୀନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ କର୍ମଚାରୀଙ୍କ ଅଭାବ ସମସ୍ୟାକୁ ଆହୁରି ବଢାଇ ଦେଉଛି। ଶଯ୍ୟା ନ ଥିବାରୁ ଗର୍ଭବତୀମାନେ ବେଞ୍ଚ କିମ୍ବା ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। ସେହିପରି କେନ୍ଦ୍ରଗୁଡ଼ିକୁ ଠିକ୍ ପରିମାଣରେ ଔଷଧ ଆସୁ ନ ଥିବା ଅଭିଯୋଗ ହେଉଛି। ଏଥିସହ ୨୬ଟି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଲେଖାଏ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମଚାରୀ ରହିବା କଥା। ମାତ୍ର ୧୬ଟି କେନ୍ଦ୍ରରେ ପୁରୁଷ ସ୍ୱାସ୍ଥ୍ୟ କର୍ମଚାରୀ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ତୀବ୍ର ଜନଅସନ୍ତୋଷ ଦେଖା ଦେଇଛି।

ଏ ସମ୍ପର୍କରେ ବଣ୍ଟିଆଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସ୍ୱପ୍ନେଶ୍ୱର ବେହେରା କହିଛନ୍ତି, ଯେଉଁ କେନ୍ଦ୍ରର ସ୍ଥାୟୀ ଘର ନାହିଁ ସେଠାରେ ସମସ୍ୟା ଦେଖାଦେଇଛି। ମାତ୍ର ସରକାରଙ୍କ ତରଫରୁ ଧୀରେ ଧୀରେ ନୂତନ ଘର ନିର୍ମାଣ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

■୨ ମାସ ହେବ ପୋଡ଼ିଯାଇଛି ଟ୍ରାନ୍ସଫର୍ମର

# ବଇଣ୍ଡା ସେସୁ କାର୍ଯ୍ୟାଳୟ ଘେରାଉ

ବଇଣ୍ଡା,୨୭।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ସେରେଣ୍ଡା ଓ କୋଡ଼ାସାହିରେ ଲାଗିଥିବା ୨ଟି ୧୦ କେଭି ଟ୍ରାନ୍ସଫର୍ମର ୨ ମାସ ହେବ ପୋଡ଼ିଯାଇଛି। ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମବାସୀ ବହୁବାର ସେସୁ କାର୍ଯ୍ୟାଳୟଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏହାର ପ୍ରତିବାଦରେ ଗୁରୁବାର ସେରେଣ୍ଡା ଗ୍ରାମବାସୀ ବଇଣ୍ଡା ସେସୁ ଏସଡ଼ିଓ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

ଗ୍ରାମବାସୀ କହିଛନ୍ତି, ସେରେଣ୍ଡା ଓ କୋଡାସାହିକୁ ବିଦ୍ୟୁତ୍ ଯୋଗାଣ ପାଇଁ ସରକାରଙ୍କ ବିଜୁ ଜ୍ୟୋତି ଯୋଜନାରେ ୧୦ କେଭିର ୨ଟି ଟ୍ରାନ୍ସଫର୍ମର ଲଗାଯାଇଥିଲା। ହେଲେ ଏପ୍ରିଲରେ ବଜ୍ରପାତ ଯୋଗୁ ୨ଟି ଟ୍ରାନ୍ସଫର୍ମର ପୋଡ଼ିଯାଇଛି। ଏହି ୨ ଗ୍ରାମରେ ୮୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଥିବାବେଳେ ଏବେ ଅନ୍ଧାରରେ ଦିନ କାଟୁଛନ୍ତି। ଅସହ୍ୟ ଗୁଳୁଗୁଳି ସଙ୍ଗକୁ ବିଦ୍ୟୁତ୍ କାଟ ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସମସ୍ତେ ବିଦ୍ୟୁତ୍ ବିଲ୍ ପଇଠ କରିସାରିଥିଲେ ମଧ୍ୟ ଟ୍ରାନ୍ସଫର୍ମର ଲଗାଯାଇ ପାରୁନାହିଁ। ସନ୍ଧ୍ୟା ହେଲେ ପାଠପଢା ଠପ ହୋଇଯାଉଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ୧୦ ହଜାର ଟଙ୍କା ଦେଲେ ନୂତନ ଟ୍ରାନ୍ସଫର୍ମର ଲଗାଯିବ ବୋଲି କହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ୨ ଘଣ୍ଟା ସେସୁ ଏସଡ଼ିଓ କାର୍ଯ୍ୟାଳୟକୁ ଘେରାଉ କରିଥିବାବେଳେ କୌଣସି ବିଭାଗୀୟ ଅଧିକାରୀଙ୍କ ଦେଖା ନ ମିଳିବାରୁ ଅସନ୍ତୋଷ ଦେଖାଦେଇଥିଲା। ତୁରନ୍ତ ୨ଟି ନୂତନ ଟ୍ରାନ୍ସଫର୍ମର ଲଗା ନ ଗଲେ ବଇଣ୍ଡାଠାରେ ୫୫ ନଂ. ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଜିଲା ପରିଷଦ ବଂଶୀଧର ସେଠୀ, ମକୁଳ ମାଝୀ, ପଞ୍ଚାନନ ବେହେରା, ସନ୍ତୋଷ ଦେହୁରୀ, ଈଶ୍ୱର ବେହେରା, କିରଣବାଳା ପ୍ରଧାନ, ବୁଧେଇ ସାହୁ, ଅମିତା ଦେହୁରୀ, ନମିତା ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ବଇଣ୍ଡା ସେସୁ ଏସ୍‌ଡିଓ ମୋହନ ନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ବାମୁର ସେସୁ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ବିଭାଗ ପକ୍ଷରୁ ତୁରନ୍ତ ଦୃଷ୍ଟି ଦିଆଯାଇ ସୋମବାର ମଧ୍ୟରେ ୨ଟି ନୂତନ ଟ୍ରାନ୍ସଫର୍ମର ଲଗାଇବାକୁ ଉଦ୍ୟମ କରାଯାଉଛି।

# ଯୋଗ ଦିବସ ସମାରୋହ ଉଦ୍‌ଯାପିତ




ଅନୁଗୋଳ ଅଫିସ, ୨୭।୬

ଅନୁଗୋଳ ଜିଲା ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଚାଲିଥିବା ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଗୁରୁବାର ଉଦ୍‌ଯାପିତ ହୋଇଛି। ଗତ ୨୧ ତାରିଖଠାରୁ ସପ୍ତାହେ ବ୍ୟାପି ଏହି କାର୍ଯ୍ୟକ୍ରମ ଚାଲିଥିଲା। ଅନୁଗୋଳ ସରକାରୀ ମହାବିଦ୍ୟାଳୟରେ ଥିବା ଏନ୍‌ସିସି କ୍ୟାଡେଟ୍, ରୋଟାରି ପବ୍ଲିକ ସ୍କୁଲ, ଦିବ୍ୟଦର୍ଶନ ଶିଶୁ ମନ୍ଦିର, ଫରେଷ୍ଟ କଲେଜ, ବାଳସୁଧାର ଗୃହ ଓ ସାମଲ କେୟାର ହସ୍ପିଟାଲ ଆଦିରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବ ସ୍ଥାନୀୟ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଯୋଗର ଉପାଦେୟତା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଦୈନନ୍ଦିନ ଜୀବନରେ ନିୟମିତ ଯୋଗ ଅଭ୍ୟାସ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜଗନ୍ନାଥ ମନ୍ଦିର ସମିତିର ସମ୍ପାଦକ ହେମନ୍ତ ଦାସ, ଯୁବ ନେତା ପ୍ରତାପ ପ୍ରଧାନ, ଅଧ୍ୟାପକ ଡ. ଅନିଲ କୁମାର ମିଶ୍ର, ବିଦ୍ୟାମନ୍ଦିର ସମ୍ପାଦକ ବିଜୟ କୁମାର ମୋଦି ଓ ସଭାପତି ଡ. ସୁଧାକର ପାଳ ଯୋଗ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଯୋଗ ସମିତିର ସୁବୋଧ ମିଶ୍ର, ଅମିୟ କର, ବୀରବର ସାହୁ, ହଳଧର ବିଶ୍ୱାଳ, ସୁବାସ ସାହୁ ଓ ଜ୍ୟୋସ୍ନାରାଣୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମକୃଷ୍ଣ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ଯୋଗାଚାର୍ଯ୍ୟ ଅଭୟ ରାୟ ଯୋଗାଭ୍ୟାସ କରାଇଥିଲେ।

## ଫନୀ ବିପନ୍ନଙ୍କ ପାଇଁ ୪୩ ଲକ୍ଷର ସହାୟତା

ଅନୁଗୋଳ ଅଫିସ, ୨୭।୬

ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସହାୟତା ପାଇଁ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିକୁ ୪୩ ଲକ୍ଷ ୨୪ ହଜାର ୭୧୧ ଟଙ୍କା ପ୍ରଦାନ କରାଯାଇଛି। ବିଭିନ୍ନ ଅନୁଷ୍ଠାନ, ସରକାରୀ ବିଭାଗ ଓ ବ୍ୟକ୍ତି ବିଶେଷ ୬୭ଟି ଡିମାଣ୍ଡ ଡ୍ରାଫ୍ଟ ଓ ଚେକ୍ ମାଧ୍ୟମରେ ଜିଲାପାଳଙ୍କୁ ଏହି ଅର୍ଥ ପ୍ରଦାନ କରିଥିଲେ। ଜିଲାପାଳ ସମସ୍ତ ଅନୁଷ୍ଠାନ, ସରକାରୀ ବିଭାଗ ଓ ବ୍ୟକ୍ତି ବିଶେଷଙ୍କୁ ଏଥିପାଇଁ ସାଧୁବାଦ ଜଣାଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୨୭।୬(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ କୁର୍ଣ୍ଡିବାସପୁର ପଞ୍ଚାୟତ ତେନ୍ତୁଳିପଥର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୌରମୋହନ ସାହୁ(୭୮)ଙ୍କ ବୁଧବାର ହୃଦଘାତରେ ପରଲୋକ ହୋଇଯାଇଛି। ଘରେ ବସିଥିବାବେଳେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରଲୋକ ଖବରକୁ ନେଇ କୁର୍ଣ୍ଡିବାସପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

■କଳମଛୁଇଁ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ଦିବସ

# 'ପରମ୍ପରା ସହ ସମନ୍ୱୟ ରକ୍ଷା କରିଛି ଶିଶୁମନ୍ଦିର'





ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିମାନେ।

ତାଳଚେର,୨୭।୬(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ମନ୍ଦିରର ୨୧ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିକ୍ଷାବିତ ଦିବାକର ବାରିକ ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବରେ ଶିକ୍ଷା ବିକାଶ ସମିତିର ମଧ୍ୟ ସମ୍ଭାଗ ସଭାପତି ବନବିହାରୀ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଦୁଃଖବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବରେ ତାଳଚେର ସଙ୍କୁଳ ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ, ବଡଯୋରଡା ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ମାୟାଧର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଉପ ସଭାପତି ଭୀମସେନ ସାହୁ, ସହ ସମ୍ପାଦକ ତପନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଚୀନ ପରମ୍ପରା ସହ ଆଧୁନିକତାର ଅପୂର୍ବ ସମନ୍ୱୟ ରକ୍ଷା କରି ଉତ୍ତମ ନାଗରିକ ଗଠନ କରିବାରେ ଶିଶୁମନ୍ଦିର ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଦେଶ ନିର୍ମାଣ ନିମନ୍ତେ ଶିଶୁଙ୍କ ପାଇଁ ଶୈକ୍ଷିକ ବାତାବରଣ ସହ ଚରିତ୍ର ଗଠନ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସହ ପ୍ରଧାନାଚାର୍ଯ୍ୟ ଚତୁର୍ଭୁଜ ସାହୁ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଦସ୍ୟାସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ଚନ୍ଦ୍ର ଦାସ, ପ୍ରିୟଙ୍କା ବେହେରା, ବିଷ୍ଣୁଚରଣ ମହାପାତ୍ର, ତ୍ରିଲୋଚନ ବେହେରା, ମଳୟ ଦାସ, ବୀଣାପାଣି ବାରିକ ପ୍ରମୁଖ ସହଯୋଗ କରିଥିଲେ। ବୈଦେହୀ ସାହୁ ଓ ଅଜୟ କୁମାର ସାହୁ, ବିଭୂତି ଭୂଷଣ ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

■ବାଉରୀ ନାଳରେ ପୋଲ ନିର୍ମାଣ ହେଉନି

# ବର୍ଷା ହେଲେ ଯାତାୟାତ ଠପ୍



ଛେଣ୍ଡିପଦା,୨୭।୬(ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡା-ପରା ପଥରପୁଞ୍ଜି ଗ୍ରାମ ରାସ୍ତାର ମଧ୍ୟଭାଗରେ ପ୍ରବାହିତ ବାଉରୀ ନାଳ ଉପରେ ଦୀର୍ଘଦିନର ଦାବି ସତ୍ତ୍ୱେ ସ୍ଥାୟୀ ପୋଲ ନିର୍ମାଣ ହେଉନି। ଫଳରେ ବର୍ଷା ଦିନେ ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ସେଠାରେ ଥିବା ଏକ କମ୍ ଉଚ୍ଚତା ବିଶିଷ୍ଟ କଲଭର୍ଟ ବ୍ରିଜ୍‌ଟି ସାମାନ୍ୟ ବର୍ଷା ହେଲେ ବୁଡିଯାଉଛି। ଫଳରେ ଯାତାୟାତରେ ଘୋର ଅସୁବିଧା ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏହି ନାଳରେ ବର୍ଷା ଦିନେ ବହୁ ମାତ୍ରାରେ ଜଳ ପ୍ରବାହିତ ହୋଇଥାଏ। ଫଳରେ ଏଠାରେ ଥିବା ବହୁ ପୁରାତନ ହ୍ୟୁମ ପାଇପ କଲଭର୍ଟ ବ୍ରିଜ ଉପରେ ପାଣି ଚାଲେ। ଅନୁଗୋଳ ଗ୍ରାମ୍ୟ ନିର୍ମାଣ ତଥା ଜରପଡା ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ହୋଇଥିବା ଏହି କଲଭର୍ଟ ବ୍ରିଜ କମ ଉଚ୍ଚତା ବିଶିଷ୍ଟ ହୋଇଥିବା ବେଳେ ଭାବରେ ହ୍ୟୁମ ପାଇପ ଦେଇ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ପାଣି ପ୍ରବାହିତ ହେବା ପରେ ସେଠାରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଏ। ଜରପଡା-ଟାଇଁସି-ଜଗନ୍ନାଥପୁର ଗ୍ରାମ୍ୟ ରାସ୍ତା ଉପରେ ବାଉରୀ ନାଳ ପ୍ରବାହିତ ହେଉଥିବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ଲୋକେ ଜରୁରିକାଳୀନ ପରିସ୍ଥିତିରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ବିଜୁ ସେତୁ ଯୋଜନା ମାଧ୍ୟମରେ ଏଠାରେ ଅଧିକ ଉଚ୍ଚତା ବିଶିଷ୍ଟ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ସମିତିସଭ୍ୟା କବିତା ବେହେରା, ପୂର୍ବତନ ସରପଞ୍ଚ ନାରାୟଣ ସାହୁ , ଶଶି ଭୂଷଣ ବେହେରା, କୁଶଧର ବାରିକ, ବେଣୁଧର ପ୍ରଧାନ, ବାଲିଆ ପ୍ରଧାନ ପ୍ରମୁଖ ପ୍ରେସ ବିବୃତି ମାଧ୍ୟମରେ ଦାବି କରିଛନ୍ତି।

■ଜିଲା ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି ବିଶେଷଜ୍ଞ ଡାକ୍ତର

# ଜନ ଜୀବନ ସୁରକ୍ଷା କମିଟି ଦେଲା ଦାବିପତ୍ର

ଅନୁଗୋଳ ଅଫିସ, ୨୭।୬



ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ସଜାଡି ହେଉନି ସ୍ୱାସ୍ଥ୍ୟ ବ୍ୟବସ୍ଥା। ରୋଗୀ ଆସିଲେ କେବଳ ପ୍ରାଥମିକ ଚିକିତ୍ସା ପରେ ରେଫର କରିଦିଆଯାଉଛି। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ଅନ୍ୟପକ୍ଷରେ ଏଠାରେ ଚିକିତ୍ସା ପାଇଁ ଭିତ୍ତିଭୂମିର ମଧ୍ୟ ବିକାଶ କରାଯାଉ ନ ଥିବା ଅଭିଯୋଗ କରିଛି ଜନ ଜୀବନ ସୁରକ୍ଷା କମିଟି। ଏ ନେଇ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ପ୍ରଦାନ କରାଯାଇଛି।

ସମିତି ଅଭିଯୋଗ ମୁତାବକ, ଏହି ଚିକିତ୍ସାଳୟ ଉପରେ ଅନୁଗୋଳ ସମେତ ପଡୋଶୀ ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼ ଆଦି ଜିଲାର ଲୋକେ ନିର୍ଭର କରିଥାନ୍ତି। ହେଲେ ସେମାନଙ୍କୁ ଏଠାରୁ ଉନ୍ନତ ଚିକିତ୍ସା ସୁବିଧା ମିଳୁନାହିଁ। ଚିକିତ୍ସାଳୟରେ ବିଶେଷଜ୍ଞଙ୍କ ଅଭାବ ଥିବାବେଳେ ବିଭିନ୍ନ ବିଭାଗରେ ଡାକ୍ତର ପଦବୀ ଖାଲି ପଡିଛି। ସେହିପରି ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ଅଚଳ ହୋଇ ପଡ଼ିରହୁଛି। ଆଉ କେତେକ ଯନ୍ତ୍ରପାତିକୁ ଚଳାଇବାକୁ କର୍ମଚାରୀ ନ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଉଥିବା ଅଭିଯୋଗ ହୋଇଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡ୍ରେନେଜ୍ ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଚିକିତ୍ସାଳୟକୁ ସୁପରିସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡ଼ିକାଲ କଲେଜକୁ ଉନ୍ନୀତ କରିବା, ଖାଲି ପଡ଼ିଥିବା ପଦବୀ ପୂରଣ, ଶଯ୍ୟା ସଂଖ୍ୟା ବୃଦ୍ଧି, ଚିକିତ୍ସାଳୟରେ ଟ୍ରମା କେୟାର ସେଣ୍ଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା, ଜିଲା ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ପୋଲଟ୍ରି ଫାର୍ମ ଜାଗାକୁ ମେଡିକାଲକୁ ପ୍ରଦାନ କରିବାକୁ ଦାବି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ କୁମାର ବେହେରା ଦାବି ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିଲେ। କମିଟିର ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ନୀରୋଦ ଚନ୍ଦ୍ର ପାଳ, ତୀର୍ଥବାସୀ ଭୋଇ, ସାମାଜିକ କର୍ମୀ ପର୍ଶୁରାମ ଦାଶ, ମାନସ ପାଳ, ଅଶୋକ କୁମାର ପ୍ରଧାନ, ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୫ ଫୁଟର ନାଗ ଉଦ୍ଧାର



ପରଜଙ୍ଗ, ୨୭।୬(ଡି.ଏନ୍.ଏ.) ପରଜଙ୍ଗ ବ୍ଲକ ଡ଼ମୋଳ ପଞ୍ଚାୟତ ଗଉଡ଼କାଟେଣୀ ଗ୍ରାମର ରଘୁନାଥ ପରିଡ଼ାଙ୍କ ରୋଷେଇ ଘରୁ ବୁଧବାର ରାତିରେ ଏକ ୫ ଫୁଟର ନାଗସାପ ଉଦ୍ଧାର କରାଯାଇଛି। ଘରେ ନାଗସାପ ପଶିଯାଇଥିବା ସମ୍ପର୍କରେ ରଘୁନାଥଙ୍କଠାରୁ ସୂଚନା ପାଇ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ମନୋଜ ନାୟକ, ନୀତେଶ କୁମାର ସାହୁ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ନାଗକୁ ଭାଲୁମୁଣ୍ଡା ନିକଟ କାଜୁ ଜଙ୍ଗଲରେ ଛାଡ଼ିଦିଆଯାଇଛି।

### ପୋଖରୀରେ ବୁଡ଼ି ଯୁବତୀ ମୃତ

ପରଜଙ୍ଗ, ୨୭।୬(ଡି.ଏନ୍.ଏ.): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ବସଲେଇ ୪ନଂ. କଲୋନୀରେ ବୁଧବାର ଜଣେ ଯୁବତୀ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ନାଉରି ଚରଣ ରାଉତଙ୍କ ଝିଅ ଅନ୍ନପୂର୍ଣ୍ଣା। ନାଉରି ଘର ନିକଟରେ ଏକ ଗଭୀର ପୋଖରୀ ଖୋଳାଯାଇଛି। ଅନ୍ନପୂର୍ଣ୍ଣା ଗାଧୋଇବାକୁ ଯାଉଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ସନ୍ଧ୍ୟାରେ ଅନ୍ନପୂର୍ଣ୍ଣାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଫାଣ୍ଡି ଅଧିକାରୀ ସମରଜିତ୍ ନାୟକ, ଗେଙ୍ଗୁଟିଆ ଅତିରିକ୍ତ ଆରକ୍ଷୀ ଆଲୋକ ଲେଙ୍କା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଗୁରୁବାର ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ପରଜଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### କୂଅରେ ଖସିପଡ଼ି ମହିଳା ଗୁରୁତର

ପରଜଙ୍ଗ, ୨୭।୬(ଡି.ଏନ୍.ଏ.): ପରଜଙ୍ଗ ଥାନା ସାଆଡ଼ା ଫାଣ୍ଡି ଅଧୀନ ପରଙ୍ଗ ଗ୍ରାମରେ ଗୁରୁବାର କୂଅରେ ଖସିପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ସୁଭଦ୍ରା ମୁଦୁଲି। କୂଅରୁ ପାଣି କାଢୁଥିବାବେଳେ ସିମେଣ୍ଟ ସ୍ଲାବ ଭାଙ୍ଗିଯିବାରୁ ସେ ଖସିପଡ଼ିଥିଲେ। ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି।

### ମନୋରଞ୍ଜନ ସଭାପତି, ଜିତେନ୍ଦ୍ର ସମ୍ପାଦକ

ଢେଙ୍କାନାଳ ଅଫିସ, ୨୭।୬: ଢେଙ୍କାନାଳ କପିଳାସ ଲାୟନ୍ସ କ୍ଲବ (ଲାୟନ୍ସ ଜିଲା-୩୨୨- ସି)ର ୨୦୧୯-୨୦ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋରଞ୍ଜନ ସାହୁ, ସମ୍ପାଦକ ଜିତେନ୍ଦ୍ର ଶତପଥୀ ଏବଂ କୋଷାଧକ୍ଷ ଭାବେ ଅମ୍ବୁଜ ନାୟକଙ୍କୁ ଚୟନ କରାଯାଇଥିଲା। ପ୍ରାରମ୍ଭରେ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଅଧିକରୁ ଅଧିକ ଜନହିତକର କାର୍ଯ୍ୟ କରାଯିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି।

### ଗଳିତ ଶବ ଉଦ୍ଧାର

ରେମୁଣା, ୨୭।୬(ଡି.ଏନ୍.ଏ.) ବାଲେଶ୍ୱର ଜିଲା ରେମୁଣା ବ୍ଲକ ବିଚୁଆଁ ଛକ ନିକଟ ନାଳ ଭିତରୁ ଏକ ଗଳିତ ଶବ ରେମୁଣା ଫାଣ୍ଡି ପୋଲିସ ଉଦ୍ଧାର କରିଛି। ଗୁରୁବାର ପୂର୍ବାହ୍ନରେ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା। ତାଙ୍କ ପରିଚୟ ମିଳି ନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ସେ ମାନସିକ ବିକୃତ ବୋଲି ପୋଲିସ ଅନୁମାନ କରୁଛି।

■ ଢେଙ୍କାନାଳ କଲେଜ ପିଜି ପରୀକ୍ଷା ଫଳ ପ୍ରକାଶିତ

# ବାଜି ମାରିଲେ ଝିଅ

ଢେଙ୍କାନାଳ ଅଫିସ, ୨୭।୬



ଫନୀ ମହାନ୍ତି  ସାଇକ୍ରିଷ୍ଟା ମାନିନୀ ପତି  ଲିପ୍ସା ମହାପାତ୍ର

■ ଉଦ୍ଭିଦ ବିଜ୍ଞାନରେ ଫନୀ, ବାଣିଜ୍ୟର ଲିପ୍ସା, ଇତିହାସରେ ସାଇକ୍ରିଷ୍ଟା ଟପ୍ପର

■ ପରୀକ୍ଷା ଦେଇଥିବା ୬୦ରୁ ୪୮ ଜଣ ଉତ୍ତୀର୍ଣ୍ଣ, ପାସ୍ ହାର ୮୧.୩୫ ପ୍ରତିଶତ

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ, ବାଣିଜ୍ୟ ଏବଂ ଇତିହାସ ସ୍ନାତକୋତ୍ତର (ପିଜି) ବିଭାଗ ପରୀକ୍ଷା ଫଳ ଗୁରୁବାର ମଧ୍ୟାହ୍ନରେ ପ୍ରକାଶିତ ହୋଇଛି। ଚଳିତ ବର୍ଷ ୩ ବିଭାଗରେ ମୋଟ ୬୦ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ରହିଛି ୮୧.୩୫%। ସମସ୍ତ ବିଭାଗରେ ପୁଅଙ୍କୁ ପଛରେ ପକାଇ ବାଜି ମାରିଛନ୍ତି ଝିଅ।

ଉଦ୍ଭିଦ ବିଜ୍ଞାନରେ ଫନୀ ମହାନ୍ତି ୮୬.୧୧%, ବାଣିଜ୍ୟରେ ଲିପ୍ସା ମହାପାତ୍ର ୭୪.୪୫% ଏବଂ ଇତିହାସରେ ସାଇକ୍ରିଷ୍ଟା ମାନିନୀ ପତି ୭୩.୫୦% ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନରେ ପରୀକ୍ଷା ଦେଇଥିବା ସମସ୍ତ ୧୨ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ପାସ୍ ହାର ୧୦୦% ରହିଛି। ସେହିପରି ବାଣିଜ୍ୟରେ ୨୨ରୁ ୧୯ଜଣ ପାସ୍ କରିଛନ୍ତି। ପାସ୍ ହାର ୮୬.୩୬% ରହିଛି । ଇତିହାସରେ ୨୬ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୭ଜଣ ପାସ୍ କରିଛନ୍ତି। ୮ଜଣ ଅକୃତକାର୍ଯ୍ୟ ହୋଇଥିବାବେଳେ ଜଣଙ୍କ ପରୀକ୍ଷାଫଳ ପ୍ରକାଶ ପାଇନାହିଁ। ପାସ୍ ହାର ରହିଛି ୬୮%।

କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଜୟଦେବ ପାଢ଼ୀ, ଉପନିୟନ୍ତ୍ରକ ରମେଶ ଚନ୍ଦ୍ର ବେହେରା, ଦେବାଶିଷ ମହାନ୍ତି, ଅଧାପକ ରଣଜିତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରୀକ୍ଷା ଫଳ ଘୋଷଣା କରିଥିଲେ।

# ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

ଢେଙ୍କାନାଳ ଅଫିସ, ୨୭।୬

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗଉଡ଼କାଟେଣୀ ଗ୍ରାମର ସୁରେଶ ପ୍ରଧାନଙ୍କ ଉପରେ ୨୦୧୬ରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲା ରାୟ ଗୁରୁବାର ପ୍ରକାଶ ପାଇଛି। ଘଟଣାର ଅଭିଯୁକ୍ତ କୈଳାସ ନାୟକଙ୍କୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୬ମାସ ଜେଲ୍ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ଆଦାୟ ହେବାକୁ ଥିବା ୫ହଜାର ଟଙ୍କା ସୁରେଶଙ୍କୁ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ, ପ୍ରମିଳା ମହାପାତ୍ର ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅଗଷ୍ଟ ୧୮ରେ ସୁରେଶଙ୍କୁ କୈଳାସ ଟଙ୍କା ଉଧାର ମାଗିଥିଲେ। ଏଥିରେ ଅରାଜି ହେବାରୁ କୈଳାସ ତାଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସୁରେଶଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ତ୍ରୀ ବିଳାସିନୀଙ୍କ ଅଭିଯୋଗକ୍ରମେ ଏ ନେଇ ନଂ. ୧୪୯/୧୬, ଦଫା ୩୨୬ ଏବଂ ୩୦୭ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେ ଜାମିନ୍‌ରେ ମୁକୁଳିଥିଲେ। ମାମଲାର ସିଟି ସେସନ୍ସ କେସ୍ ନଂ. ୪୬/୧୭ର ବିଚାର କରିବା ସହ ୧୦ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

## ୧୭୮ ଜଣଙ୍କ ଚକ୍ଷୁ ପରୀକ୍ଷା

ଢେଙ୍କାନାଳ ଅଫିସ, ୨୭।୬

ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ସ୍ଥିତ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ ପରିସରରେ ଗୁରୁବାର ଜିଲାସ୍ତରୀୟ ଦେୟମୁକ୍ତ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ଏବଂ 'ସାଇଟ୍ ସେଭର୍ସ' ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୭୮ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୪୩ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇଛି। ୯୯ଜଣଙ୍କୁ ମାଗଣା ଚଷମା ଏବଂ ୭୭ଜଣଙ୍କୁ ଔଷଧ ବିତରଣ କରାଯାଇଛି। ଆଗାମୀ ଦିନରେ ବ୍ଲକସ୍ତରୀୟ ଚିକିତ୍ସା ଶିବିର ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲା ଅନ୍ଧତ୍ୱ ଦୂରୀକରଣ ଅଧିକାରୀ ଡା. ଅଭିମନ୍ୟୁ ଆଚାର୍ଯ୍ୟ, ଜିଲା ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତୀକରଣ ଅଧିକାରୀ ମାଧବ ଚନ୍ଦ୍ର ବରାଳ, ସହକାରୀ ସାମାଜିକ ସୁରକ୍ଷା ଶୁଭେନ୍ଦୁ ଖୁଣ୍ଟିଆ ପ୍ରମୁଖ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ, ଆଇନଜୀବୀ ଦୀପ୍ତିଶ ପଟ୍ଟନାୟକ, ସାଇଟ୍ ସେଭର୍ସର ଶାରଦା ପ୍ରସନ୍ନ ଷଡଙ୍ଗୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ନାଗରିକ, କିନ୍ନର, ଦିବ୍ୟାଙ୍ଗ, କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। କଳିଙ୍ଗ ଚକ୍ଷୁ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ଚନ୍ଦ୍ରଶେଖର ସାହୁ, ଡା. ରସାନନ୍ଦ ଗଡ଼ନାୟକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଭିଜିଲାନ୍ସ ଜାଲରେ ମାଣିପୁର ଆର୍‌ଆଇ କାର୍ଯ୍ୟାଳୟ ପିଅନ

# ଜମି ମ୍ୟୁଟେଶନ ପାଇଁ ନେଉଥିଲେ ଲାଞ୍ଚ

ଢେଙ୍କାନାଳ ଅଫିସ/ କଟକ ଅଫିସ, ୨୭।୬



ଗିରଫ ଅଜୟ ପଟ୍ଟନାୟକ।

ଜମି ମ୍ୟୁଟେଶନ ପାଇଁ ୧୨୦୦ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ମଧ୍ୟାହ୍ନରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ କଲେଜ ନିକଟ ମାଣିପୁର ଆର୍‌ଆଇ କାର୍ଯ୍ୟାଳୟର ପିଅନ ଅଜୟ କୁମାର ପଟ୍ଟନାୟକ (୪୮)। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ. ୧୫/୧୯ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଢେଙ୍କାନାଳ ଭିଜିଲାନ୍ସ ଅଦାଲତରେ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଶାଖା ଡିଏସ୍‌ପି ପ୍ରସନ୍ନ କୁମାର ସିହ୍ନା ସୂଚନା ଦେଇଛନ୍ତି।

ସିଆରିଆ ଗ୍ରାମର ଚିନ୍ତାମଣି ମହାନ୍ତି ମେ ମାସରେ ଗ୍ରାମରେ ୫ ଡେସିମିଲ ଜାଗା କିଣିଥିଲେ। ଏହାର ପଟ୍ଟା କରିବା ଲାଗି ମ୍ୟୁଟେଶନର ଆବଶ୍ୟକତା ପଡ଼ିଥିଲା। ଏଥିଲାଗି ସେ ବାରମ୍ବାର ଆର୍‌ଆଇ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଥିଲେ। ହେଲେ ୧୨୦୦ଟଙ୍କା ଲାଞ୍ଚ ଦେଲେ ମ୍ୟୁଟେଶନ କରାଇଦେବେ ବୋଲି ଅଜୟ କହିଥିଲେ। ଏହାପରେ ଚିନ୍ତାମଣି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଅଜୟଙ୍କୁ ଧରିବାକୁ ଜାଲ ବିଛାଇଥିଲା ଭିଜିଲାନ୍ସ। ଯୋଜନା ମୁତାବକ ଗୁରୁବାର ଚିନ୍ତାମଣିଙ୍କଠାରୁ ୧୨୦୦ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଅଜୟଙ୍କୁ ମାଡ଼ି ବସିଥିଲେ। କୁଞ୍ଜକାନ୍ତସ୍ଥିତ ଅଜୟ ରହୁଥିବା ଘର, ସଦର ଥାନା ଗୋବିନ୍ଦପୁର ଫାଣ୍ଡି ନଡ଼ିଆଳି ପଞ୍ଚାୟତର ରେଗେଡ଼ାସ୍ଥିତ ତାଙ୍କ ପୈତୃକ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିସହ ଜମିଜମା ମ୍ୟୁଟେଶନ ସମ୍ପର୍କିତ କାଗଜପତ୍ର ଯାଞ୍ଚ କରାଯାଇଛି। ଇନ୍‌ସପେକ୍ଟର ସୁଶାନ୍ତ ମିଶ୍ର, କର୍ମଚାରୀ ଶ୍ରୀନିବାସ ବିଶ୍ୱାଳ, ପ୍ରଦୀପ ପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

ସେହିପରି ୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ଓଡ଼ିଶା ବନ ଉନ୍ନୟନ ନିଗମ ଅଧୀନରେ ଥିବା କନ୍ଧମାଳ କେନ୍ଦୁପତ୍ର ଉପଖଣ୍ଡର ପରିଚାଳକ ବିକ୍ରମ କୁମାର ସାହୁଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। କନ୍ଧମାଳ ଥାନା ଅଧୀନ ରୁଣ୍ଡିମହୁଲ ଗ୍ରାମର ସତ୍ୟନାରାୟଣ ଖଟୁଆଙ୍କଠାରୁ ସାହୁ ଏହି ଲାଞ୍ଚଟଙ୍କା ଗ୍ରହଣ କରୁଥିଲେ।

# ୩୨ ୟୁନିଟ୍ ରକ୍ତ ସଂଗ୍ରହ




କାମାକ୍ଷାନଗର, ୨୭।୬(ଡି.ଏନ୍.ଏ.)

କାମାକ୍ଷାନଗର ବ୍ଲକ ମହୁଲପାଳ ସତ୍ୟସାଇ ସେବା ସମବାୟ ସଙ୍ଗଠନ ପକ୍ଷରୁ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଇ ସଙ୍ଗଠନର ଜିଲା ସଭାପତି ରଶ୍ମିରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ତଥା ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ନେତୃତ୍ୱରେ ଡା. ପ୍ରମୋଦ କୁମାର ମହାଳିକ, ଡା. ପ୍ରେମାନନ୍ଦ ସାହୁ, ଜିଲା ବ୍ଲଡ୍‌ବ୍ୟାଙ୍କ ଟେକ୍ନିସିଆନ ବାସୁଦେବ ସାହୁ, ପରମାନନ୍ଦ ପଣ୍ଡା ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶରତ ଚନ୍ଦ୍ର ପଟ୍ଟନାୟକ, ସୁଧୀର ସେଠୀ, ଦିଲୀପ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

■ ଢେଙ୍କାନାଳରେ ଆରମ୍ଭ ହେବ ଶିକ୍ଷାଭିତ୍ତିକ ପାଇଲଟ ପ୍ରୋଜେକ୍ଟ

# 'ବାଙ୍କା'ରେ ଭିତ୍ତିଭୂମି ପରଖିଲା ଶିକ୍ଷା ବିଭାଗ ଟିମ୍

ଢେଙ୍କାନାଳ ଅଫିସ, ୨୭।୬



ବାଙ୍କା ଜିଲାର ଏକ ଶିକ୍ଷାନୁଷ୍ଠାନରେ ଢେଙ୍କାନାଳ ଜିଲାର ଶିକ୍ଷା ବିଭାଗ ଟିମ୍।

ଶିକ୍ଷାକ୍ଷେତ୍ରରେ ପଛରେ ପଡ଼ିଛି ଶିଳ୍ପସମୃଦ୍ଧ ଢେଙ୍କାନାଳ ଜିଲା। ମାଟ୍ରିକ୍ ପରୀକ୍ଷାରେ ଜିଲାର ପ୍ରଦର୍ଶନ ରାଜ୍ୟସ୍ତରରେ ଆଖିଦୃଶିଆ ହୋଇପାରିନାହିଁ। ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ସମସ୍ୟାଗୁଡ଼ିକର ଦ୍ରୁତ ସମାଧାନ ହେଉନାହିଁ। ଏହାକୁ ନେଇ ଚିନ୍ତାରେ ପଡ଼ିଥିବା ଶିକ୍ଷା ବିଭାଗ ଏବେ ଏଥିରୁ ମୁକୁଳିବାର ବାଟ ଖୋଜୁଛି। ବିହାର ରାଜ୍ୟର ବାଙ୍କା ଜିଲାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା 'ଉନ୍ନୟନ ବାଙ୍କା'ର ଅବିକଳ ପାଇଲଟ୍ ପ୍ରୋଜେକ୍ଟ ସମଗ୍ର ଢେଙ୍କାନାଳରେ ଲାଗୁ କରିବାକୁ ଯୋଜନା କରୁଛି ପ୍ରଶାସନ। ଏହି ପରିପ୍ରେକ୍ଷୀରେ ଶିକ୍ଷା ବିଭାଗ ପ୍ରତିନିଧି ଦଳ ବାଙ୍କା ଜିଲା ପରିଦର୍ଶନ କରି ଶିକ୍ଷା ଭିତ୍ତିଭୂମି ପରଖିଛନ୍ତି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ସଦର ବିଇଓ ନିତ୍ୟାନନ୍ଦ ବାରିକ, କାମାକ୍ଷାନଗର ବିଇଓ ଅଜୟ ପାତ୍ର ପ୍ରମୁଖ ଚଳିତ ମାସ ୨୨ରୁ୨୬ ତାରିଖ ଯାଏ ବାଙ୍କା ଜିଲାର ବିଭିନ୍ନ ସ୍କୁଲ ପରିଦର୍ଶନ କରିଛନ୍ତି।

ବାଙ୍କା ଜିଲାପାଳ କୁନ୍ଦନ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁଣାତ୍ମକ ଶିକ୍ଷାର ପ୍ରଗତି ପାଇଁ ଜିଲାରେ ଆରମ୍ଭ ହୋଇଛି ପାଇଲଟ ପ୍ରୋଜେକ୍ଟ 'ଉନ୍ନୟନ ବାଙ୍କା'। ଏହି କାର୍ଯ୍ୟକ୍ରମ ଅଧୀନରେ ପାଠପଢ଼ା ସହ ଛାତ୍ରୀଛାତ୍ରଙ୍କ ଲାଗି ସହଶିକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆପ୍ ମାଧ୍ୟମରେ ପ୍ରତି ସ୍କୁଲକୁ ଶିକ୍ଷା ବିଭାଗ ସହିତ ଯୋଡ଼ାଯାଇଛି। ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାଯାଉଛି। ଏହାକୁ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ବାଙ୍କାରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବିହାର ରାଜ୍ୟର ଅନ୍ୟ ୩୮ ଜିଲାରେ କାର୍ଯ୍ୟକାରୀ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲା ଶିକ୍ଷା ବିଭାଗ ଅଧିକାରୀମାନେ ଉକ୍ତ ପାଇଲଟ ପ୍ରୋଜେକ୍ଟ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଖୁବ୍‌ଶୀଘ୍ର ଢେଙ୍କାନାଳରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବାକୁ ଯୋଜନା କରାଯାଉଛି ବୋଲି ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।

## ଫଟୋରେ ଖବର



ଢେଙ୍କାନାଳ ଖମାରସାହିସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ଗୁରୁବାର ଠାକୁରଙ୍କ ତ୍ରୈୟମ୍ବକେଶ୍ୱର ଜ୍ୟୋତିର୍ଲିଙ୍ଗ ବେଶ।



ଢେଙ୍କାନାଳ ଅଗ୍ନିଶମ ବିଭାଗ ପକ୍ଷରୁ ବସ୍ତାଖଣ୍ଡିସ୍ଥିତ କିଡ୍‌ଜୀ ସ୍କୁଲ ପରିସରରେ ଅଗ୍ନି ନିର୍ବାପନ କୌଶଳ ଶିକ୍ଷା ପ୍ରଦାନ କରାଯାଇଛି।



କାମାକ୍ଷାନଗର ବ୍ଲକ ରାମିଆଳ ନଦୀକୂଳରେ ଗୁରୁବାର ଏକ ଗାଈ ତାତି ସହି ନ ପାରି ଛଟପଟ ହେଉଥିଲା। ସ୍ଥାନୀୟ ଯୁବକମାନେ ପାଣି ଆଣି ସିଞ୍ଚନ କରିବା ପରେ ଗାଈଟି ସାମାନ୍ୟ ସୁସ୍ଥ ହୋଇଥିଲା।

## ଅସହ୍ୟ ଗୁଳୁଗୁଳି: ଶ୍ରେଣୀଗୃହରେ ଅଚେତ ହେଲେ ଛାତ୍ରୀ

ଲୋଇସିଂହା,୨୭।୬(ଡି.ଏନ.ଏ.): ଅସହ୍ୟ ଗୁଳୁଗୁଳି ଯୋଗୁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଗହୁରିଆପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ସରିତା ସାହୁ ଗୁରୁବାର ଶ୍ରେଣୀଗୃହରେ ଅଚେତ ହୋଇ ପଡିଥିଲେ । ତାଙ୍କୁ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଭୋଇ ଏବଂ ସହକାରୀ ଶିକ୍ଷୟିତ୍ରୀ ଅଞ୍ଜଳି ସାଏ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଅତ୍ୟଧିକ ଗରମ ଯୋଗୁ ଛାତ୍ରୀ ଜଣକ ଏପରି ହୋଇଥିବା ଚିକିତ୍ସା କରିଥିବା ଡାକ୍ତର କହିଥିଲେ। ମୌସୁମୀ ସକ୍ରିୟ ନ ହେବା ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ଖୋଲିବାକୁ ଅଭିଭାବକ ଓ ଶିକ୍ଷକ ମହଲରେ ଦାବି ହେଉଛି ।

## ଜିଲ୍ଲା କୃଷି କାର୍ଯ୍ୟାଳୟ, ବଣାଇ, ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯

ରାଜ୍ୟ ଯୋଜନା ଆନୁକୂଲ୍ୟରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଆସନ୍ତା ତା.୦୧।୦୭।୨୦୧୯ଠାରୁ ତା.୧୫।୦୭।୨୦୧୯ ପର୍ଯ୍ୟନ୍ତ ଜିଲ୍ଲା କୃଷି ଅଧିକାରୀ, ବଣାଇ ଅନ୍ତର୍ଗତ ବଣାଇ, ଲହୁଣିପଡା, କୋଇଡା ଓ ଗୁରୁଣ୍ଡିଆ ବ୍ଲକର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଖରେ ଗଚ୍ଛିତ ଥିବା ବିହନକୁ ବିଶୋଧନ କରିବାଦ୍ୱାରା କମ ଖର୍ଚ୍ଚରେ ମୃତ୍ତିକା ଓ ବିହନବାହୀ ରୋଗରୁ ଫସଲକୁ ସୁରକ୍ଷିତ କରାଯାଇ ପାରିବ। ଏଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ସ୍ଥାନୀୟ କୃଷି କର୍ମଚାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ ପୂର୍ବକ ବିହନ ବିଶୋଧନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାକୁ ଅନୁରୋଧ କରାଯାଉଛି।

**ସୌଜନ୍ୟ-ଜିଲ୍ଲା କୃଷି ଅଧିକାରୀ, ବଣାଇ**

ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !!

## ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯; ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ

ଏତଦ୍ୱାରା ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ, ଆଳି,ରାଜକନିକା ଓ ରାଜନଗର ବ୍ଲକର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି କି, ଚଳିତ ବର୍ଷ ୨୦୧୯ଖରିଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କର ସାଇତା ଧାନ ବିହନକୁ ବିହନ ବିଶୋଧନ କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରେ ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଅଛି। ଏହି କାର୍ଯ୍ୟକ୍ରମଟି ତା.୨୮।୦୬।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଣୁ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିହନ ବିଶୋଧନ (ରାଜ୍ୟ ଯୋଜନା)କୁ ସାଫଲ୍ୟ ମଣ୍ଡିତ କରିବେ।

**"ଗାଁ' ଗାଆଁରେ ବିହନ ବିଶୋଧନ, ନୀରୋଗ ଫସଲ ପାଇଁ ନିଶ୍ଚିତ ସମାଧାନ"**

**ସ୍ୱା./- ଜୟ ନାରାୟଣ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ**

ବି.ଦ୍ର:-ସବିଶେଷ ବିବରଣୀ ପାଇଁ ନିଜ ଅଞ୍ଚଳର ଗ୍ରାମ୍ୟ କୃଷି କର୍ମଚାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ।

## MUNICIPAL OFFICE, JEYPORE

Ph. No. 06854-231098, Fax No. 06854-230104, Email: jayporem.hud@nic.in

No. 2354 **e-Tender Notice** Date: 25.06.19

Bid documents consisting of specification the Bill of Quantity and the Tender Call Notice can be seen in the Govt. website https://tendersorissa.gov.in/nicgep/app.
(1) Bid documents including Schedule of quantity available for online bidding: https://tendersorissa.gov.in/nicgep/app. (2) No. of works: 64. (3) Estimated Cost: As per DTCN. (4) Date & time of bidding: From 29.06.2019 at 11.00 Hours to 09.07.2019 upto 16.00 Hours. (5) Last date & time for receipt of bids in portal: 09.07.2019 upto 16.00 Hours. (6) Offline Documents Received through Speed Post / Registered Post: 09.07.2019 at 16.00 Hours to 11.07.2019 upto 11.00 Hours. (7) Bids received online shall be opened on: 11.07.2019 at 11.00 Hours onwards. (8) Offline Documents shall be opened in presence of the Participate Bidders: 11.07.2019 at 12.00 Hours onwards.

*Sd./- Executive Officer, Jeypore Municipality*

## PARADIP PORT TRUST

### e-TENDERING NOTICE

Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **EHV Grade low viscosity type transformer insulating Oil.** The last date & time of submission of the tender is **17.15 Hours** on **Dt. 15.07.2019.** For details, log on to website **https://eprocure.gov.in/eprocure/app**

**Sr. Dy. Materials Manager**

PPT/PR/153/19-20, Dt.27/06/2019

## PARADIP PORT TRUST

### e-TENDERING NOTICE

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/authorised dealers for Supply of **Skid steer loader with backhoe attachment.** The last date and time of submission of the tender is **17.15 Hours** on **Dt.15/07/2019.** For details, log on to website : https://eprocure.gov.in/eprocure/app

**Sr. Dy. Materials Manager**

PPT/PR/148/19-20 Dt-27.06.19

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)

E.H.T. (O&M) Division, Jayanagar-764005. CIN: U40102OR2004SGC007553

### NOTICE INVITING TENDER

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate for **Tender Call No. 3 :** Roof treatment of different buildings and Servicing of Air conditioners with supply of materials for Grid S/S, Jayanagar, Sunabeda and Dabugaon under EHT(O&M) Division, Jayanagar. **Tender Call No. 4 :** Black painting of tower legs of 132KV Jayanagar - Tentulikhunti line under EHT(O&M) Division, Jayanagar. **Cost of tender papers :** Rs.2,240.00 (non-refundable) in shape of Cash. **EMD : @** 1% of quoted value. **Sale of tender documents :** from Dt.28.06.2019 to upto 11:30 AM of Dt.08.07.2019. **Last date of submission of tender :** on or before Dt.08.07.2019 upto 2:00PM. **Tenders will be opened :** on Dt.08.07.2019 at 04:30 PM. **Corrigendum, if any, will be published in the website only.**

Sd/-
**DGM (Ele.)**

Please connect us: optcl.odisha optcl_odisha energyodisha

## NATIONAL INSTITUTE OF FASHION TECHNOLOGY, BHUBANESWAR

(Ministry of Textile, Govt. of India)

NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710

Website: www.nift.ac.in/bhubaneswar

### E-TENDER NOTICE

E-Tenders are invited by NIFT Bhubaneswar for applying weather coat in external surface and plastic emulation in internal surface at girls hostel with minor repairs and painting, last date for receipt of e-tenders are 19.07.2019. Details available in e-tender portal and NIFT website **https://niftetenders.eproc.in/http://www.nift.ac.in**

**Director**

## भारतीय विमानपत्तन प्राधिकरण
## AIRPORTS AUTHORITY OF INDIA

### ଟେଣ୍ଡର ନୋଟିସ (ଆଇଡି ୨୦୧୯_ଏଏଆଇ_୨୮୦୨୪)

ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଏଏଆଇର ଅଧ୍ୟକ୍ଷଙ୍କ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ(ଇ-ସି), ଏଏଆଇ, ଭୁବନେଶ୍ୱରଙ୍କ ଦ୍ୱାରା "ବିପିଆଇ ଏୟାରପୋର୍ଟ, ଭୁବନେଶ୍ୱରର ପରିଚାଳନା କ୍ଷେତ୍ରରେ ମାଇନର କ୍ୟାପିଟାଲ କାର୍ଯ୍ୟ ଲାଗି ବାର୍ଷିକ ଚୁକ୍ତି" କାର୍ଯ୍ୟ ଉଦ୍ଦେଶ୍ୟରେ ସିପିଡବଲ୍ୟୁଡି /ଏମଇଏସ / ପିଆଣ୍ଡଟି /ରେଳପଥ /ରାଜ୍ୟ ପିଡବଲ୍ୟୁଡି /ପିଏସୟୁ ପୌରନିଗମ ଓ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ କୋଲକାତାର ଉନ୍ନୟନ କତୃପକ୍ଷଙ୍କ ଅନୁମୋଦିତ ଶ୍ରେଣୀର ଯୋଗ୍ୟ ଠିକାଦାରଙ୍କଠାରୁ ଇ-ଟେଣ୍ଡରିଂ ପୋର୍ଟାଲ ଜରୀଆରେ ପ୍ରତିଶତ ମୂଲ୍ୟ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଯାହାର ନିରୂପିତ ମୂଲ୍ୟ: ଟ.୨,୮୭,୮୫,୦୦୨.୦୦(ଦୁଇ କୋଟି ସତାଅଶି ଲକ୍ଷ ପଂଚାଅଶି ହଜାର ଦୁଇଟଙ୍କା ମାତ୍ର)( ଜିଏସଟିକୁ ଛାଡ଼ି) ଓ ସମାପ୍ତି ଅବଧି ୧୨( ବାର) ମାସ ବର୍ଷା ପାଇଁ ୦୨(ଦୁଇ) ମାସ ଛାଡକୁ ବିଚାର କରାଯାଇ ।
ନିଲାମ ଦାଖଲ କରିବା ଶେଷ ତାରିଖ ହେଉଛି ୦୮.୦୭.୨୦୧୯ର ୧୮୦୦ଘ. ପର୍ଯ୍ୟନ୍ତ ।
ସବିଶେଷ ବିବରଣୀ ପାଇଁ ସିପିପି ଇ- ପ୍ରୋକ୍ୟୁରମେଂଟ ପୋର୍ଟାଲ ଦ୍ରଷ୍ଟବ୍ୟରେ ଲଗଅନ କରିବା ଆବଶ୍ୟକ https://etenders.gov.in/eprocure/app କିମ୍ବା www.aai.aero.
ଅଧିକ ସ୍ପଷ୍ଟିକରଣ/ ଭ୍ରମ ସଂଶୋଧନ ଯଦି କିଛି ଥାଏ ତାହାକୁ ଇ ପ୍ରୋକ୍ୟୋରମେଂଟ ପୋର୍ଟାଲ https://etenders.gov.in/eprocure/app ଜରୀଆରେ ସୂଚୀତ କରାଯିବ ।

## Office of the Municipal Council Bhawanipatna

**No.1756** **Dated:25.06.2019**

### CORRIGENDUM

The Tender Call Notice No.1721 Dated 22.06.2019 is published in Oriya and English daily News Paper Samaj, Dharitri and Odisha Post on Dated 25.06.2019 is here by cancelled due to unavoidable circumstances.

Sd./- Executive Officer
Bhawanipatna Municipality

## ଓଡିଶା ବନ ଉନ୍ନୟନ ନିଗମ ଲିଃ
## Odisha Forest Development Corporation Limited

(A Government of Odisha Undertaking)
CIN-U02005OR1962SGC000446
Regd.Off: Plot No.A/84 Kharavel Nagar, Unit-III, Bhubaneswar, Odisha, PIN-751001, Telephone:-0674-2534086,2534269
Fax:0674-2535934, [website: www.odishafdc.com,
E-mail ID:general@odishafdc.com]

**Advertisement No.11826/Estt.(Misc.)-05/14/19**
**Dated, Bhubabeswar 266 June,2019**

### EXPRESSION OF INTEREST FROM ELIGIBLE RETIRED EMPLOYEES OF GOVERNMENT / PSU FOR RE-ENGAGEMENT / RE-EMPLOYMENT

Odisha Forest Development Corporation Limited invites application from the interested retired employees of PSUs/ / Government below 63 years of age as on 31/05/2019 for re-engagement through selection in the following posts as detailed below to work in different units of O.F.D.C. Limited. The candidate should have at least one year working experience in the applied post.

| Sl. No | Name of the Post | No. of Post |
|---|---|---|
| 01. | Jr.Stenographer | 01 |
| 02. | U.D.Asst. | 07 |
| 03. | Jr .Accountant / Auditor | 05 |
| 04. | Private Secretary | 01 |
| 05. | Section Officer (Gen) | 03 |
| 06. | Section Officer (Accts./Audit) | 06 |
| 07. | Asst.Accts.Officer /Asst.Audit Officer | 02 |

Interested retired personnel can download the detailed eligibility criteria, term of reference and application form from OFDC official website(www.odishafdc.com). The last date of submission of application is 10.07.2019 up to 5 p.m. The application is to be sent by Regd.post / Speed Post only addressed to the managing director, O.F.D.C . Ltd. ,A/84,Kharabelanagar, Unit-III, Bhubaneswsar-751001. The applicant willing to be considered at more than one place is to submit separate applications indicating the post and place of interest of posting(s) etc.

**For O.F.D.C. Ltd.,**
**Sd/-**
**MANAGING DIRECTOR**

## OFFICE OF THE C.D.M.O cum District Mission Director Dhenkanal

### Corrigendum for Extension of Time

**No.1472** **Date: 29.06.19**

In continuation to the Tender Call Notice published "for Printing Materials (IEC), DHENKANAL" Vide Tender Call Notice No.1364 (19-20/IEC-CDMO Dated 11.06.2019 & published in the News Paper "The Sambad" & "The Prameya" on dates 12.06.2019. The last date for receipt of bid documents has been extended to 08.07.2019 up to 5 PM. The date of opening of tender is 09.07.2019 at 12 A.M. All other terms and conditions of the Tender Call Notice are hereby remaining unchanged. The Tender documents can be downloaded from website **www.dhenkanal.nic.in.** The bidders who had already applied through Speed post / Regd. Post need not apply. The bids through courier / any other mode will not be accepted.

**Sd./- C.D.M.O cum District Mission Director, Dhenkanal**

## Government of Odisha Parliamentary Affairs Department

**No.4606 PAD,** **Dated.26.06.2019**
**ME/4 - 30/2014 (29321600502014)**

### TENDER CALL NOTICE

No.02-QQ:- Sealed tenders in plain paper / letter pad are invited from the intending only from the Godrej authorized dealers/Firms/ Suppliers located at Bhubaneswar having valid GST registration number and Income Tax Clearance Certificate for supply of Office furniture's(such as cignus-1 no.,Divan with mattress -01,numero Uno table with Eru-01 no.,Karina visitors chair-12 nos, Caferia Coffee table-01 no.,01 set 3seater comfort sofa set, executive table-01 no,Avid high back revolving chair-1 no. visitors chair(PCH-7003)-12 nos. and other models for official use in the Parliamentary Affairs Department(O/o ministers).

The intending firms/suppliers should have Govt. registered/ proper shop located only at Bhubaneswar as per address mentioned on their tender papers. The tenders of the stock point suppliers will not be considered.

The Tenderers should deposit earnest money of Rs.1,000/- (One thousand) only in shape of A/C Payee Bank Draft / Pay Order payable to the Joint Secretary to Government, Parliamentary Affairs Department which will be refunded to the Tenderers whose tenders are not accepted. The Tenders should reach the undersigned by 05.07.2019 up to 12.30 P.M. at the latest and shall be opened on the same day at 04:00 P.M. in the presence of Tenderers or their authorized representatives.

The authority reserves the right to reject all or any Tender/ Tenders without assigning any reason thereof. The Tenders received incomplete or after the scheduled date and time and those does not have proper shop shall be rejected. The accepted Tender will be valid for one year i.e. 30.07.2019.

42001/11/0003/1920 **Joint Secretary to Government**

## DISTRICT RURAL DEVELOPMENT AGENCY, MALKANGIRI

Dist: Malkangiri- 764048
Phone No. 06861-230409, Fax No.: 06861-230279

No. 1645/2019 Date: 26.06.2019

### EXPRESSION OF INTEREST

Sealed quotations are invited from local interested reputed Authorized suppliers / authorized dealers / Manufacturers / Hotels for providing the following mentioned below items for organising various Training at DPRC, Malkangiri. The quotation completed in all respect should reach the undersigned on or before 30.06.2019 by 3.30PM. Detailed EoI is available in district website i.e. www.malkangiri.nic.in. The undersigned reserves the right to reject all or any of the quotaton without assigning any reason thereof.

*Sd./- Project Director, DRDA, Malkangiri*

## NATIONAL HEALTH MISSION ODISHA
## DISTRICT HEALTH SOCIETY, SAMBALPUR

**Advt. No.1423/DPMU, SBP** **Date: 27.06.2019**

### Advertisement for Calling of Objection

No.94-E:- The data base of the application received vide advertisement No-378 dated 22.02.2019 of office of CDM &PHO, Sambalpur published in the newspaper The Sambad & The Samaj for filling of different post under NHM, Sambalpur through In-house recruitment process has been published in the district website **www.sambalpur.nic.in**. Those candidates who have applied to the relevant post if found any type of discrepancy in the database may please send an objection application addressing to the CDM&PHO,Sambalpur only through Speed post/Registered post/email **(hrmnhmsbp@gmail.com)** on or before **03.07.2019.** The undersigned is not responsible for any type of delay in receipt of objection.

Sd./- CDM&PHO-cum-DMD
Sambalpur

10049/11/0003/1920

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 11 ରେ ପ୍ଲଟ୍ ନଂ 11-2D/301 ଟିକୁ ଖୁଦିରାମ ସାମନ୍ତ, ପିତା - ୰ କ୍ରିଷ୍ଣା ସାମନ୍ତ, ସା - ଶାମସୁନ୍ଦରପୁର, ପୋ - ଧରମପୁର, ଥା - ଦାସପୁର, ଜିଲ୍ଲା - ପଶ୍ଚିମ ମେଦିନାପୁର, ରାଜ୍ୟ - ପଶ୍ଚିମବଙ୍ଗଙ୍କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଖୁଦିରାମ ସାମନ୍ତଙ୍କ ମୃତ୍ୟୁ ପରେ ତାଙ୍କର ପତ୍ନୀ ନିର୍ମଳା ସାମନ୍ତ, ସା - ଶାମସୁନ୍ଦରପୁର, ପୋ - ଧରମପୁର, ଥା-ଦାସପୁର, ଜିଲ୍ଲା - ପଶ୍ଚିମ ମେଦିନାପୁର, ରାଜ୍ୟ - ପଶ୍ଚିମବଙ୍ଗ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

## JAWAHAR NAVODAYA VIDYALAYA

**AT/ PO: KHATIGUDA, DIST-NABARANGPUR; ODISHA, PIN- 764085**
**Ref, F.1-3/JNV/KTG/NBPR(O)/2019-20/**
**Dated: 27.06.2019**

### CORRIGENDUM

Modified last date of submission of Tender of JNV, Khatiguda which was **28.06.2019** extended to **04.07.2019.** Further the submission of Tender paper for hiring of vehicle is also added in this retender and the date is also extended up to **04.07.2019.** The tender will reopen on **05.07.2019** in the office of the Principal chamber which was to be opened on **29.06.2019.**

**Sd./- (C.M. DWIEDY**
**PRINCIPAL I / C**

## ଅନୁଗୋଳ ବନଖଣ୍ଡ, ଅନୁଗୋଳ

No. 29-MM

ବନବିଭାଗ ତରଫରୁ ବିଭିନ୍ନ ଯୋଜନାରେ ୬ଗୋଟି ବନାଞ୍ଚଳରୁ ୨୦ଟି ନର୍ସରୀରେ ୮.୧୮ ଲକ୍ଷ ବିଭିନ୍ନ କିସମର ଚାରା ଯଥା: ସାଗୁଆନ, ନିମ, କରଞ୍ଜ, ବଡ଼-ଚାକୁଣ୍ଡା, ବଉଳ, ଗମ୍ଭାରୀ ଓ ଅନ୍ୟାନ୍ୟ ଚାରା କରାଯାଇଅଛି। ଏହିସବୁ ଚାରା ଜନସାଧାରଣ ଓ ଚାଷୀଭାଇମାନଙ୍କୁ ନିମ୍ନଲିଖିତ ନର୍ସରୀମାନଙ୍କରୁ ୧ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯିବ। ସରକାରୀ ଶିକ୍ଷା ଅନୁଷ୍ଠାନ/ ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବିଜୁ ଯୁବବାହିନୀଗୁଡ଼ିକୁ ବିନାମୂଲ୍ୟରେ ଚାରା ଯୋଗାଇ ଦିଆଯିବ। ଏତଦ୍ବ୍ୟତୀତ ଗ୍ରୀନ୍ ମହାନଦୀ ଯୋଜନାରେ ବ୍ରାହ୍ମଣୀ ନଦୀ ଅବବାହିକାର ୧ରୁ ୨କି.ମି. ପରିଧି ଭିତରେ ଥିବା ଗ୍ରାମଗୁଡ଼ିକରେ ବାସ କରୁଥିବା ଜନସାଧାରଣଙ୍କୁ ବିନା ମୂଲ୍ୟରେ ଚାରା ଯୋଗାଇ ଦିଆଯିବ। ତେଣୁ ଆପଣମାନଙ୍କୁ ଅନୁରୋଧ ଚାରା ପାଇବା ନିମନ୍ତେ ନିକଟସ୍ଥ ନର୍ସରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କରି ବୃକ୍ଷରୋପଣ କାର୍ଯ୍ୟରେ ସାମିଲ ହୁଅନ୍ତୁ।

### ୨୦୧୯-୨୦ ବର୍ଷର ଚାରା ବଣ୍ଟନର ପ୍ରସାର ନିମନ୍ତେ ଆଦର୍ଶ ସାରଣୀ ଅନୁଗୋଳ ବନ ବିଭାଗ

| କ୍ରମିକ ସଂଖ୍ୟା | ବନାଞ୍ଚଳର ନାମ | କେନ୍ଦ୍ରର ଅବସ୍ଥିତି | ଚାରା ଉତ୍ପାଦନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନାମ ଏବଂ ମୋବାଇଲ ନଂ. | ଉପଲବ୍ଧ ଥିବା ବୃକ୍ଷଚାରା ଓ ତାର ସଂଖ୍ୟା | | | | | | | | |
|---|---|---|---|---|---|---|---|---|---|---|---|---|
| | | | | ସାଗୁଆନ | ଶିରିସ | ଗମ୍ଭାରୀ | କରଞ୍ଜ | ବଡ଼ଚାକୁଣ୍ଡା (ନିଦ୍ରାବତୀ) | ନିମ | ବଉଳ | ଅନ୍ୟାନ୍ୟ ଚାରା | ସମୁଦାୟ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ବନ୍ତଲା | ବନ୍ତଲା | ଜୟନ୍ତ କୁମାର ଦାସ/୯୯୩୮୩୩୫୪୦୦ | ୮୦୨୪୦ | | ୩୯୭୦ | | | ୩୦୦ | | ୧୨୭୪୦ | ୯୭୨୫୦ |
| ୨ | ବନ୍ତଲା | କାଞ୍ଚା | ସୁଶମ ପଣ୍ଡା/୭୯୭୮୭୯୩୫୭୬ | ୧୦୦୦୦ | | | | | | | | ୧୦୦୦୦ |
| ୩ | ଜରପଡ଼ା | ଜରପଡ଼ା | ଲୋକନାଥ ପ୍ରଧାନ/ ୭୦୭୭୨୭୧୯୮୦ | ୨୭୦୭୫ | | | | | | | | ୨୭୦୭୫ |
| ୪ | ଜରପଡ଼ା | ଅନ୍ତୁଲିଆ | ସିପୁନ ବେହେରା/ ୯୦୭୮୫୮୫୬୯୬ | ୩୮୦୦୦ | | | ୨୦୦୦ | | | | ୧୦୦୦୦ | ୫୦୦୦୦ |
| ୫ | ଜରପଡ଼ା | ବଡ଼ମୂଳ | ଦିଗାମ୍ବର ନାୟକ/ ୯୯୩୮୫୭୪୬୮୯ | ୨୧୨୦୦ | | ୧୬୦୦ | | ୧୫୦୦ | ୨୨୦୦ | ୫୦୦ | ୩୦୦୦ | ୩୦୦୦୦ |
| ୬ | ଛେଣ୍ଡିପଦା | ଛେଣ୍ଡିପଦା | ବିଷ୍ଣୁଚରଣ ପାଣି/ ୯୯୩୭୪୪୨୭୧୭ | ୪୦୦୦୦ | | | | | | | | ୪୦୦୦୦ |
| ୭ | ଛେଣ୍ଡିପଦା | କୋଶଳା | ଗୀତାଞ୍ଜଳି ସାହୁ/ ୯୩୩୭୦୭୭୨୮୮ | ୧୫୦୦୦ | | | | | | | | ୧୫୦୦୦ |
| ୮ | ଛେଣ୍ଡିପଦା | ଶିମିଳିପାଳ | ଦୀପକ ମହାନ୍ତି/ ୯୬୬୮୬୨୭୧୯ | ୧୦୦୦୦ | | | | | | | ୧୭୨୫ | ୧୧୭୨୫ |
| ୯ | ଛେଣ୍ଡିପଦା | କୋରଡ଼ା | ସୁଜାତା ସାହୁ/ ୬୮୭୩୬୮୭୩୭୫ | ୭୬୨୫ | | | | | | | | ୭୬୨୫ |
| ୧୦ | ଛେଣ୍ଡିପଦା | କୋଶଳା ଚନ୍ଦନ ନଗର | ଗୀତାଞ୍ଜଳି ସାହୁ/ ୯୩୩୭୦୭୭୨୮୮ | ୧୦୦୦୦ | | | | | | | | ୧୦୦୦୦ |
| ୧୧ | ଛେଣ୍ଡିପଦା | ନୂଆଗାଁ | କମଳ ଲୋଚନ ପ୍ରଧାନ/ ୭୮୯୪୪୩୬୮୫୬ | ୨୦୦୦୦ | | | | | | | | ୨୦୦୦୦ |
| ୧୨ | ଅନୁଗୋଳ | ହାଇଟେକ ନର୍ସରୀ | ଉତ୍ସବ ଚରଣ ପ୍ରଧାନ/ ୯୫୫୬୧୩୨୦୭୫ | ୫୦୦୦୦ | ୬୦୦ | | ୪୦୦୦ | | ୪୪୦୦ | | ୧୧୦୦୦ | ୭୦୦୦୦ |
| ୧୩ | ଅନୁଗୋଳ | କୁଲାସିଙ୍ଗା | ମିଲନ କୁମାର ସେଠୀ/ ୭୦୦୮୯୨୨୯୧୯ | ୮୦୦୦୦ | ୪୦୦୦ | | ୨୬୨୫ | | | | ୫୦୦୦ | ୯୧୬୨୫ |
| ୧୪ | ଅନୁଗୋଳ | କରଟପଟା | ଅଭିମନ୍ୟୁ ସାହୁ/ ୯୭୭୭୦୮୯୭୩୦ | ୧୦୦୦୦ | | | | | | | | ୧୦୦୦୦ |
| ୧୫ | ଅନୁଗୋଳ | କଙ୍କରେଇ ବାହାଳ | ସୋନାପିକା ପ୍ରିୟଦର୍ଶିନୀ/ ୮୨୪୯୭୪୫୯୯୩ | ୪୨୦୦୦ | | | | ୨୨୦୦ | | | ୫୪୨୫ | ୪୯୬୨୫ |
| ୧୬ | ତାଳଚେର | ରାନୀପାର୍କ | ସାଗରିକା ଦାଶ/ ୮୨୪୯୧୩୮୬୪୩ | ୩୦୦୦୦ | | | | | | | | ୩୦୦୦୦ |
| ୧୭ | ତାଳଚେର | ରାଧାରମଣ ପୁର | ଜଗମୋହନ ବାରିହା/ ୮୦୧୮୩୫୫୯୭୮ | ୩୧୦୦୦ | ୧୦୦୦ | ୨୦୦୦ | ୭୭୬୦ | ୧୨୦୦ | ୧୧୦୦୦ | | ୨୧୦୪୦ | ୭୫୦୦୦ |
| ୧୮ | ତାଳଚେର | ସିଲିଙ୍ଗ | ଦୀପକ କୁମାର ସାହୁ/ ୮୬୫୮୮୮୪୮୬୧ | ୩୦୦୦୦ | | | | | | | ୬୧୨୫ | ୩୬୧୨୫ |
| ୧୯ | କଣିହାଁ | ବଳରାମପୁର | ସତ୍ୟାନନ୍ଦ ଧୀର/ ୯୪୩୭୯୦୩୧୫୭ | ୭୬୫୦୦ | | ୪୦୦ | | | | | ୧୦୮୫୦ | ୮୭୭୫୦ |
| ୨୦ | କଣିହାଁ | କଦଳିପାଳ | ସରସ୍ୱତୀ ବେହେରା/ ୮୫୯୪୯୮୪୯୮୪ | ୩୪୬୦୦ | ୬୦୦୦ | ୨୦୦୦ | | | | | ୭୪୦୦ | ୫୦୦୦୦ |
| ସର୍ବମୋଟ | | | | ୬୬୩୨୪୦ | ୧୧୬୦୦ | ୯୯୭୦ | ୧୬୩୮୫ | ୪୯୦୦ | ୧୭୯୦୦ | ୫୦୦ | ୯୪୩୦୫ | ୮୧୮୮୦୦ |

ବିଶେଷ ଦ୍ରଷ୍ଟବ୍ୟ:

୧. ପ୍ରଥମେ ଆସିଥିବା ବ୍ୟକ୍ତି ପ୍ରଥମେ ଚାରାଗଛ ପାଇବେ।
୨. ଚାରାବଣ୍ଟନ ତା୦୧।୦୭।୨୦୧୯ରୁ ଆରମ୍ଭ ହେବ।
୩. ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟପତ୍ର (ଆଧାର/ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡ଼ିବ। ଏତଦ୍ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡ଼ିବ।
୪. ଜଣକା ସହରାଞ୍ଚଳରେ ସର୍ବାଧିକ ୫ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ଗୋଟି ଚାରା ଦିଆଯିବ।
୫. ଏକ ସଂସ୍ଥା (ବେସରକାରୀ/ସରକାରୀ/ଏନ୍.ଜି.ଓ.)କୁ ସର୍ବାଧିକ ୧୦୦ଗୋଟି ଚାରା ଦିଆଯିବ।
୬. ଅଧିକ ଚାରା ପାଇଁ ଉପଯୁକ୍ତ କାରଣ ଓ ସ୍ଥାନର ବିଶଦବିବରଣୀ ସହିତ ଏକ ଦରଖାସ୍ତ ଦେବାକୁ ପଡ଼ିବ ଏବଂ ସମ୍ପୃକ୍ତ ବନାଞ୍ଚଳ ଅଧିକାରୀ ଆବଶ୍ୟକୀୟ ବିଚାରକରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବାଧିକ ୧୦୦ ଓ ସଂସ୍ଥାକୁ ସର୍ବାଧିକ ୧୦୦୦ଗୋଟି ଚାରା ଯୋଗାଇ ଦେବେ।
୭. ବନଖଣ୍ଡ ଅଧିକାରୀମାନେ ଉପଯୁକ୍ତ ବିଚାରପରେ କୌଣସି ସଂସ୍ଥା ଏବଂ ବ୍ୟକ୍ତିଙ୍କୁ ଏହାକୁ ଅଧିକ ଚାରା ଯୋଗାଇପାରିବେ।

ନିବେଦକ
ସ୍ୱା./- ବନଖଣ୍ଡ ଅଧିକାରୀ, ଅନୁଗୋଳ ବନଖଣ୍ଡ

08027/11/0002/1920

DSPL-31

## ବିଜ୍ଞାପନ

ଓଡ଼ିଶା ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା **"AP"** ସିରିଜ ଉଠାଣ ଆସନ୍ତା ତା ୩୦.୦୬.୨୦୧୯ ରିଖ ରବିବାର ଦିନ ୧୦.୩୦ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ **"ଜୟଦେବ ଭବନ"** ଠାରେ ଅନୁଷ୍ଠିତ ହେବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡିଶା ସରକାର

05001/13/0003/1920

## ODISHA HYDRO POWER CORPORATION LIMITED

OFFICE OF THE SENIOR GENERAL MANAGER (ELECTRICAL) :
BALIMELA HYDRO ELECTRIC PROJECT, POST : BALIMELA : DIST : MALKANGIRI (ODISHA), PIN : 764051
Phones : 06861-232581 (O) / 232641 (R), Fax : 06861-232541, E-mail : unit.head_balimela@yahoo.com,

**REGD. OFFICE : ODISHA HYDRO POWER CORPORATION LIMITED**
(A GOVERNMENT OF ODISHA UNDERTAKING)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel. : 91-0674-2542983, 2542802, 25425526, 2542826, Fax : 254102, GRAM : HYDROPWER
Email :ohpc.co@gmail.com / md@ohpcltd.com, WEB : www.ohpcltd.com

### NOTICE INVITING TENDER NO. BHEP/DE-II/12/2019-20 DT. 27.06.2019

No. CAD-143: Sealed Tender in single part is invited from Authorized Dealers / Agencies / Reputed Suppliers / Contractors for Supply of the following materials as detailed below.

| Sl. No. | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of Techno Commercial bid. |
|---|---|---|---|---|---|---|---|
| 1. | Supply of G.I. Pipes and Fitting Materials as per specification for Water Supply System at BHEP, Balimela | Rs. 9,74,920.00 | Rs. 4000/- (+GST@ 18%) Rs. 720.00 = Rs.4720.00 | Rs. 10,000/- | From 29.06.19 to 08.07.19 | 08.07.19 12.00 A.M. | 08.07.19 12.30 P.M. |

For details of the tender documents, terms & conditions, please visit our website www.ohpcltd.com

04019/11/0016/1920 **Sd./- Unit Head, BHEP, Balimela**

## OFFICE OF THE SUPERINTENDING ENGINEER
## RURAL WORKS CIRCLE, BERHAMPUR

No. 132-O

(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287

### NATIONAL COMPETITIVE BIDDING THROUGH e-Procurement

**Bid Identification No. Online Tender /09-2019-20/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 09-2019-20/BPR | Road Works under MMSY | 01 No. | Rs. 140.47 lakhs | "B" Class, "A" Class as applicable | 06 (Six) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/09-2019-20/BPR | 03.07.2019 at 10.00 A.M. | 17.07.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website:- www.tendersodisha.gov.in

25071/11/0009/1920 Sd/- Superintending Engineer, R.W.Circle, Berhampur

## ସଂକ୍ଷେପରେ

### ଜେଲ ଗଲେ କୋଟିପତି କନିଷ୍ଠ ଯନ୍ତ୍ରୀ

**କଟକ ଅଫିସ,୨୭।୬:** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର କନିଷ୍ଠଯନ୍ତ୍ରୀ ତ୍ରିବିକ୍ରମ ସାମନ୍ତରାୟଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଗତ ବୁଧବାର ସାମନ୍ତରାୟଙ୍କ ଘର, ଅଫିସ ସମେତ ୪ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୩୩ ଲକ୍ଷ ୨୦ହଜାର ୯୩୯ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ଏଥିରେ ତିନୋଟି କୋଠା, ଗୋଟିଏ ଦୋକାନ ଘର, ଦୁଇଟି କାର୍, ଦୁଇଟି ପିକ୍‌ଅପ ଭ୍ୟାନ୍, ଗୋଟିଏ ଅଟୋ, ଦୁଇଟି ବାଇକ ସମେତ ମସଲା ପ୍ରସ୍ତୁତ ଯନ୍ତ୍ରପାତିକୁ ଭିଜିଲାନ୍ସ ଠାବ କରିଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୪/୨୦୧୯) ରୁଜୁ କରାଯାଇ ସାମନ୍ତରାୟଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଆତ୍ମହତ୍ୟା କରିବାକୁ ଯାଉଥିବା ନାବାଳିକା ପୋଲିସ ଦ୍ୱାରା ଉଦ୍ଧାର

ଚମ୍ପୁଆ,୨୭।୬(ଡି.ଏନ୍.ଏ.) କେନ୍ଦୁଝର ଜିଲା ସୀମାନ୍ତ ଜୟନ୍ତୀ ପୋଲ ନିକଟରୁ ଚମ୍ପୁଆ ପୋଲିସ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ଏକ ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକା ଜଣକ କୋଇଡ଼ା ଅଞ୍ଚଳର ବୋଲି ଜଣାପଡିଛି। ଚମ୍ପୁଆ ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ କହବା ଅନୁଯାୟୀ, ନାବାଳିକା ଜଣକ କୋଇଡ଼ା ଅଞ୍ଚଳରୁ ଏକ ବସ୍ ଯୋଗେ ଭଦ୍ରାସାହି ଓ ପରେ ଚମ୍ପୁଆ ଅଞ୍ଚଳକୁ ୨୫ ତାରିଖରେ ଆସିଥିଲେ। ଗତ ବୁଧବାର ସନ୍ଧ୍ୟା ୭ଟାରେ ନାବାଳିକା ଜୟନ୍ତୀ ପୋଲ ଉପରୁ ବୈତରଣୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ବୁଝାଇବା ସହ ଆତ୍ମହତ୍ୟାରୁ ବିରତ କରିଥିଲେ। ଆତ୍ମହତ୍ୟା ଉଦ୍ୟମର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୁଣ୍ଡ ଫାଟିଲା

**ପାଟଣା,୨୭।୬(ସ୍ୱ.ପ୍ର.):** ପାଟଣା ବ୍ଲକ ବାଉଁଶୁଳି ଗ୍ରାମରେ ଗୁରୁବାର ପୁଅ ଯଦୁମଣି ମହାନ୍ତଙ୍କ ଠେଙ୍ଗା ମାଡ଼ରେ ବାପା କ୍ଷେତ୍ରବାସୀଙ୍କ ମୁଣ୍ଡ ଫାଟି ଗୁରୁତର ହୋଇପଡ଼ିଛନ୍ତି। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ କ୍ଷେତ୍ରବାସୀ ମହାନ୍ତଙ୍କ ସ୍ତ୍ରୀ ରେବତୀ ପୁଅଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ କୌଣସି କାରଣରୁ ବାପ ପୁଅଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ପୁଅ ଉତକ୍ଷିପ୍ତ ହୋଇ ଏକ ଠେଙ୍ଗାରେ ତାଙ୍କ ବାପାଙ୍କ ମୁଣ୍ଡ କୁ ପ୍ରହାର କରିଥିଲେ। ଅଭିଯୋଗକୁ ଭିତ୍ତି କରି ତୁରୁମୁଙ୍ଗା ଥାନାରେ ଏ ଏସ ଆଇ ଗୁରୁପ୍ରସାଦ ଦେଓ ଏକ ମାମଲା (ନଂ.୬୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ବଲାଙ୍ଗୀର ମେଡିକାଲ କଲେଜରେ ଡିଜିଟାଲ ବ୍ଲେଣ୍ଡେଡ୍ ଶିକ୍ଷା ବ୍ୟବସ୍ଥା


- ଘରେ ବସି ଜାଣିହେବ ବିଶ୍ୱସ୍ତରୀୟ ଜ୍ଞାନକୌଶଳ
- ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସିଏମ୍ଇ ଓ କର୍ମଶାଳା
- ଯୋଗଦେଲେ ଦୁଇ ଆମେରିକୀୟ ଶିକ୍ଷାବିତ୍

**ବଲାଙ୍ଗୀର ଅଫିସ, ୨୭।୬**

ବିଶ୍ୱସ୍ତରୀୟ ଶିକ୍ଷାଲାଭ କରିବା ପାଇଁ ଆଉ ବିଦେଶକୁ ଯିବାକୁ ପଡିବ ନାହିଁ। ନିଜ ଘରେ ବା କଲେଜରେ ବସି ଆମ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ଶିକ୍ଷା ଓ ଡିଜିଟାଲ ଜ୍ଞାନକୌଶଳ ପାଇପାରିବେ। ବଲାଙ୍ଗୀର ସନ୍ଥ ଭୀମ ଭୋଇ ମେଡିକାଲ କଲେଜରେ ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଆନ୍ତର୍ଜାତିକ ସିଏମ୍ଇ ଏବଂ ୱାର୍କଶପ୍‌ରେ ଏହି ବିଶ୍ୱସ୍ତରୀୟ ଶିକ୍ଷା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଦୁଇ ଆମେରିକୀୟ ଶିକ୍ଷାବିତ୍ ଡା. କୌଶିକ ଦତ୍ତ ଏବଂ ଆମି ବୁଚର ଯୋଗଦେଇ ଅତ୍ୟାଧୁନିକ ଡିଜିଟାଲ ବ୍ଲେଣ୍ଡେଡ ଲର୍ନିଂ ଉପରେ କହିଥିଲେ।

ଭୀମ ଭୋଇ ମେଡିକାଲ କଲେଜରେ ପ୍ରଥମ ଥର ପାଇଁ ହାଇଟେକ୍ ଡିଜିଟାଲ ଲର୍ନିଂ ଇନ୍ ମେଡିକାଲ ଫିଜିଓଲୋଜି ଉପରେ ଆନ୍ତର୍ଜାତିକ କର୍ମଶାଳା ଓ ସିଏମ୍ଇ ଆୟୋଜନ କରାଯାଇଥିଲା। ଏହାକୁ ନେଇ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ର ମହଲରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଶରୀରତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ପ୍ରଥମେ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମେଡିକାଲ କଲେଜର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର, ବିଭିନ୍ନ ବିଭାଗର ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଫିଜିଓଲୋଜି ବିଭାଗର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏକାଡେମିକସ୍ ସେସନ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ମେମ୍ଫିସ୍ଥିତ ନିଉ ଇଂଲଣ୍ଡ ବିଶ୍ୱବିଦ୍ୟାଳୟରୁ ଆସିଥିବା ବରିଷ୍ଠ ଅଧ୍ୟାପକ ଡା କୌଶିକ ଦତ୍ତ ଏବଂ ଆମେରିକାର କଲୋରାଡୋ ସ୍ପ୍ରିଙ୍ଗସ୍ଥିତ ଆଡଭେଷ୍ଟମେଣ୍ଟର ଶିକ୍ଷା ବିଭାଗୀୟ ମୁଖ୍ୟ ଆମି ବୁଚର ଫାକଲ୍ଟି ଡେଭେଲପମେଣ୍ଟ ଅନ୍ ଡିଜିଟାଲ ବ୍ଲେଣ୍ଡେଡ୍ ଲର୍ନିଂ ଉଇଥ୍ ଲାବ୍‌ଷ୍ଟେଶନ୍ ଉପରେ ଗବେଷଣାଭିତ୍ତିକ ଆଲୋଚନା କରିଥିଲେ। ଶରୀରତତ୍ତ୍ୱର ଜଟିଳ ଶିକ୍ଷାକୁ ଆହୁରି ସୁଗମ କରିବା ପାଇଁ ଡିଜିଟାଲ ଟେକ୍‌ନୋଲୋଜିରେ ଆମେ କିଭଳି ବିଶ୍ୱସ୍ତରୀୟ ଶିକ୍ଷା ଗ୍ରହଣ କରିପାରିବା ସେ ଉପରେ ଉଭୟ ଶିକ୍ଷାବିତ୍ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ଅର୍ପିତା ପ୍ରିୟଦର୍ଶିନୀ କହିଥିଲେ ଯେ, ଘରେ ବସି ଏବେ ମେଡିକାଲ ଛାତ୍ରୀଛାତ୍ର ବିଶ୍ୱସ୍ତରୀୟ ବିଜ୍ଞାନର ନୂତନ ଜ୍ଞାନ ଆହରଣ କରିପାରିବେ। ସେମାନେ ମେଡିକାଲ ବିଜ୍ଞାନର ସୂକ୍ଷ୍ମାତି ସୂକ୍ଷ୍ମ ବିଷୟଗୁଡିକୁ ଅତ୍ୟାଧୁନିକ ଟେକ୍‌ନୋଲୋଜି ଓ କମ୍ପ୍ୟୁଟର ଜରିଆରେ ଏଠାରୁ ଶିକ୍ଷା କରିପାରିବେ। ସେହି ଜ୍ଞାନକୁ ସମଗ୍ର ବିଶ୍ୱବାସୀଙ୍କ କଲ୍ୟାଣରେ ଲଗାଇପାରିବେ। ଆମେ ସରକାରଙ୍କଠାରେ କୃତଜ୍ଞ ଯେ ଆମପାଇଁ ବଲାଙ୍ଗୀର ମେଡିକାଲ କଲେଜରେ ଏଭଳି ଅତ୍ୟାଧୁନିକ ଡିଜିଟାଲ ଟେକ୍‌ନୋଲୋଜି ଯୋଗାଇ ଦେଇଛନ୍ତି। ଏହା ସାଧାରଣ କଥା ନୁହେଁ। ଏବେ ଓଡିଶା କଥା ଛାଡନ୍ତୁ ସମଗ୍ର ଦେଶରେ ଏଭଳି କମ୍ କଲେଜ ରହିଛି ଯେଉଁଠି ଏହିଭଳି ଡିଜିଟାଲ ବ୍ଲେଣ୍ଡେଡ୍ ଶିକ୍ଷା ବ୍ୟବସ୍ଥା ଓ ଉପକରଣ ରହିଛି। ଆଗାମୀ ଦିନରେ ବଲାଙ୍ଗୀରରୁ ଓଡିଶାରୁ ଏହି ଜ୍ଞାନ ଆହରଣ କରି ଅନେକ ସଫଳ ଡାକ୍ତର ବାହାରିବେ, ଯେଉଁମାନେ ଆମକୁ ନୂଆ ବାଟ ଦେଖାଇବେ ବୋଲି ବିଭାଗୀୟ ମୁଖ୍ୟ ଡା ପ୍ରିୟଦର୍ଶିନୀ କହିଛନ୍ତି।

ଏଭଳି ଏକ କର୍ମଶାଳାରେ ଦୁଇ ଆମେରିକୀୟ ଶିକ୍ଷାବିତ୍ ଯୋଗଦେଇ ଆମକୁ ନୂଆ ଟେକ୍‌ନୋଲୋଜି ବିଷୟରେ ସୂଚନା ଦେବା ନିଶ୍ଚିତ ରୂପେ ଏକ ଗୌରବର କଥା ବୋଲି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ମେହେର କହିଥିଲେ। ବଲାଙ୍ଗୀର ମେଡିକାଲ କଲେଜରେ ଏହି ବିଶ୍ୱସ୍ତରୀୟ ଡିଜିଟାଲ ଉପକରଣ ରହିଥିଲେ ମଧ୍ୟ ଏହାକୁ ଚଳାଇବା ପାଇଁ ଟେକ୍‌ନିସିଆନ୍ ବା ଶିକ୍ଷାବିତ୍ ନ ଥିଲେ। ଏବେ ଦୁଇ ଆମେରିକୀୟ ବିଦ୍ୱାନ୍ ଡା ଦତ୍ତ ଓ ଆମି ବୁଚରଙ୍କ ତତ୍ତ୍ୱାବଧାନରେ ଅନେକ ଛାତ୍ରୀଛାତ୍ର ଏହି ଉପକରଣ ଚଳାଇବା ଶିଖିଛନ୍ତି ଓ ଏହା ଆଗକୁ ଅନେକ କାମରେ ଆସିବ ବୋଲି ସେ କହିଛନ୍ତି। ଏକାଡେମିକ୍ ସେସନସ୍ ପରେ ପାୱାର ଲାବ୍‌ରେ ଡା. ଦତ୍ତ ଓ ଆମି ବୁଚର ଛାତ୍ରୀଛାତ୍ର, ଆସିଷ୍ଟାଣ୍ଟ ପ୍ରଫେସର ଓ ଅନ୍ୟମାନଙ୍କୁ ପ୍ରାକ୍ଟିକାଲ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି କେ. ଶିବା. ସୁବ୍ରମଣି, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଶରୀରତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ କର୍ମଶାଳାରେ ଉପସ୍ଥିତ ଶିକ୍ଷାବିତ୍, ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର।

# ସରକାରଙ୍କୁ ଘେରିଲେ ବିରୋଧୀ ସଭ୍ୟ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

- ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା
- ଉଠିଲା ବୈଷୟିକ, ଡାକ୍ତରୀ ସିଟ୍‌ରେ ସଂରକ୍ଷଣ ପ୍ରସଙ୍ଗ
- ହାସଲ ହୋଇନାହିଁ ଜଳସେଚନ ଲକ୍ଷ୍ୟ
- ପ୍ରତି ବ୍ଲକରେ ହୋଇନାହିଁ ଶୀତଳଭଣ୍ଡାର, ଆଇଟିଆଇ

ଓଡ଼ିଶାରେ ବୈଷୟିକ ଏବଂ ଡାକ୍ତରୀ ଶିକ୍ଷାରେ ଏସ୍‌ସି, ଏସ୍‌ଟିଙ୍କ ପାଇଁ ମାତ୍ର ୨୦% ସିଟ୍ ସଂରକ୍ଷଣ ରହିଛି, ଯାହା ୩୮.୫% ହେବା ଉଚିତ। ସେହିପରି ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ତଥା ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଛାତ୍ରୀଛାତ୍ରଙ୍କ ପାଇଁ ଆଦୌ ସଂରକ୍ଷଣ ନାହିଁ, ଯାହା ୨୭ ପ୍ରତିଶତ ରହିବା କଥା ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗୁରୁବାର କହିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ହୋଇଥିବା ଆଲୋଚନାରେ ଭାଗନେଇ ପ୍ରଦୀପ୍ତ ଏହି କଥା କହିଛନ୍ତି। ସେହିପରି ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ଆଇଏଏସ୍ ଓ ଆଇପିଏସ୍ ଭଳି ୟୁପିଏସ୍‌ସି ପରୀକ୍ଷାରେ ଓଡ଼ିଆ ପିଲାଙ୍କୁ ମାଗଣା କୋଚିଂ ଦେବା କଥା ଘୋଷଣା କରିଛନ୍ତି। ହେଲେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରଙ୍କ ପାଇଁ ଏ ସୁବିଧା ନ ଥିବା କହି ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏହା ବ୍ୟତୀତ ବିରୋଧୀ ଦଳ ନେତା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଦୀପ୍ତ କହିଛନ୍ତି, ୨୦୦୦ ମସିହାରେ ରାଜ୍ୟର ଋଣଭାର ଯାହା ଥିଲା ତାହା ବର୍ତ୍ତମାନ ବୃଦ୍ଧି ପାଇଛି। ଏହା ୯୦,୦୦୦ କୋଟିରୁ ୧,୦୫,୦୦୦ କୋଟିରେ ପହଞ୍ଚିଥିବା କୁହାଯାଉଛି। ରାଜ୍ୟ ସରକାର ପ୍ରାୟ ୧,୨୦,୦୦୦ ଲକ୍ଷ କୋଟି ଟଙ୍କାର ବଜେଟ କରୁଛନ୍ତି। ତନ୍ମଧ୍ୟରୁ ୬୧ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଅନୁଦାନ ରହିଛି। ତେଣୁ ଜନ୍ମରୁ ମୃତ୍ୟୁ ଯାଏ ଯୋଜନା କରିଥିବା କହି ନବୀନ ବାବୁ ଶ୍ରେୟ ନେଉଛନ୍ତି, ହେଲେ ସେଥିମଧ୍ୟରେ ଅନେକ କେନ୍ଦ୍ରୀୟ ଯୋଜନା ରହୁଛି। ରାଜ୍ୟରେ ୨୭,୯୦୧ କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି ଏବଂ ପ୍ରାୟ ୬୯,୦୦୦ କୋଟିରୁ ଊର୍ଦ୍ଧ୍ୱ ଖଣି ଦୁର୍ନୀତି ହୋଇଥିବା ବିରୋଧୀ ଦଳ ନେତା କହିଛନ୍ତି। ପ୍ରତି ବ୍ଲକରେ ଶୀତଳଭଣ୍ଡାର ଏବଂ ଆଇଟିଆଇ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ସେ ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଦୀପ୍ତ ଗୃହରେ କହିଥିଲେ। ଏହା ବ୍ୟତୀତ ନିଜ ନିର୍ବାଚନମଣ୍ଡଳୀ ଭବାନୀପାଟଣା ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ସମସ୍ୟାକୁ ସେ ନିଜ ବକ୍ତବ୍ୟରେ ସ୍ଥାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପଦ୍ମଶ୍ରୀ ଉପାଧି ପାଇଥିବା ଦୈତାରୀ ନାୟକ ଏବେ ଏ ରାଜ୍ୟରେ ଭୋକ ଉପାସରେ ରହିବାକୁ ବାଧ ହେଉଛନ୍ତି। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ୩୫% ଜମି ଜଳସେଚିତ ହୋଇନାହିଁ। ବିଗତ ଦିନଗୁଡ଼ିକରେ ୪/୫ ପ୍ରତିଶତରୁ ଅଧିକ ଜଳସେଚନ ହୋଇନାହିଁ। ତାହା ହୋଇଥିଲେ ଜଳସେଚନ ପ୍ରତିଶତ ୧୮ରୁ ୧୯ ହୋଇଥାଆନ୍ତା। ରାଜ୍ୟ ସରକାର ଅଫିସରମାନଙ୍କ ଉପରେ ଅଧିକ ଭରସା କରୁଛନ୍ତି। ହେଲେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସାଧାରଣ ନିର୍ବାଚନରେ ଅଫିସର ଶ୍ରେଣୀର ଲୋକମାନେ ହିଁ ପୋଷ୍ଟାଲ ବାଲଟ୍‌ରେ ମତଦାନ କରିଥାନ୍ତି। ସଦ୍ୟସମାପ୍ତ ହୋଇଥିବା ନିର୍ବାଚନରେ ପୋଷ୍ଟାଲ ବାଲାଟ୍‌ରେ ବିଜେଡି ପ୍ରାୟ ଅଧିକାଂଶ ଆସନରେ କମ୍ ଭୋଟ ପାଇଛି। କେତେକ ସ୍ଥାନରେ ଭାଜପା ସର୍ବାଧିକ ଏବଂ କଂଗ୍ରେସ ଶାସକ ଦଳଠାରୁ ଅଧିକ ଭୋଟ ପାଇଥିବା ସାଲୁଜା କହିଛନ୍ତି। ଭାଜପା ସଭ୍ୟ ଭାସ୍କର ମଢେଇ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅତିରିକ୍ତ ଅର୍ଥ ବ୍ୟୟ କରିବା ନେଇ ମତ ରଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ ପାଇଁ ଜମିପଟ୍ଟା ଯୋଗାଇଦେବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ନେଇ ମଢେଇ ଗୃହରେ ବକ୍ତବ୍ୟ ରଖିଥିଲେ। ସେହିପରି ବଡସାହି ବିଧାୟକ ସନାତନ ବିଜୁଳି ମୟୂରଭଞ୍ଜ ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଓରାମ, ଦାଶରଥି ଗମାଙ୍ଗ ପ୍ରମୁଖ ଆଗତ ପ୍ରସ୍ତାବ ବିରୋଧରେ ମତ ଉପସ୍ଥାପନ କରିଥିଲେ। ଅପରପକ୍ଷରେ ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ କେଶରୀ ଦେବ, ଅମର ପ୍ରସାଦ ଶତପଥୀ, ପ୍ରଶାନ୍ତ ମୁଦୁଲି, ଧ୍ରୁବ ସାହୁ ଏବଂ ବିଷ୍ଣୁବ୍ରତ ରାଉତରାୟ ଆଗତ ପ୍ରସ୍ତାବ ସପକ୍ଷରେ ମତ ରଖିଛନ୍ତି।

# ଘରୋଇ ସ୍କୁଲ ପ୍ରୀତି ଯୋଗୁ ସରକାରୀ ବିଦ୍ୟାଳୟ ଶିକ୍ଷା ବିପର୍ଯ୍ୟସ୍ତ: କଂଗ୍ରେସ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଓଡ଼ିଶାରେ ସରକାରୀ ସ୍କୁଲରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କୁ କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଘରୋଇ ସ୍କୁଲ ପ୍ରତି ଅହେତୁକ ଅନୁକମ୍ପା ହେତୁ ବର୍ତ୍ତମାନ ରାଜ୍ୟରେ ସରକାରୀ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ବୋଲି କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ ଅଭିଯୋଗ କରିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ କହିଛନ୍ତି ଯେ, ଓଡିଶାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୬୯,୨୮୭ ହୋଇଥିବା ବେଳେ ଏହା ଉପରେ ରାଜ୍ୟର ୮୫ପ୍ରତିଶତ ବିଦ୍ୟାର୍ଥୀ ପାଠ ପଢିବାକୁ ନିର୍ଭର କରୁଛନ୍ତି। ମାତ୍ର ଦୁଃଖ ଏବଂ ପରିତାପର ବିଷୟ ମୋଟ୍ ସରକାରୀ ସ୍କୁଲ ମଧ୍ୟରୁ ୪୦,୫୫୮ଟି ସ୍କୁଲକୁ ବିଜୁଳି ସଂଯୋଗ ହୋଇପାରି ନାହିଁ। ୪୦,୬୨୮ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ପଡିଆ ନାହିଁ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିପାଇଁ ସରକାରୀ ସ୍କୁଲରେ ପାଠପଢାର ସ୍ତର ବିଗତ ୨୦ ବର୍ଷ ଧରି ଲଗାତର ଭାବେ ନିମ୍ନଗାମୀ ହୋଇଛି। ସରକାର ସ୍କୁଲଗୁଡିକର ମୌଳିକ ସୁବିଧା ପ୍ରତି ଆଖିବୁଜି ବସିଥିବା ବେଳେ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନ୍ୟାୟରେ ୯୬୬ ସ୍କୁଲ ବନ୍ଦ କରିବା ପାଇଁ ବସିଛନ୍ତି। ସରକାରଙ୍କ ଗଣଶିକ୍ଷା ବିଭାଗ ଜାଣିଶୁଣି ସରକାରୀ ସ୍କୁଲକୁ ଅବହେଳା ଏବଂ ଉପେକ୍ଷା କରିଛନ୍ତି, ଯାହାର ପରିଣାମ ସ୍ୱରୂପ ଆଜି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲ ପରିବର୍ତ୍ତେ ଘରୋଇ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ଛାଡୁଛନ୍ତି। ସରକାର ଜାଣିଶୁଣି ସରକାରୀ ସ୍କୁଲକୁ ନିରନ୍ତରଭାବେ ଉପେକ୍ଷା କରିବା ପଛରେ ଘରୋଇ ସ୍କୁଲ ପ୍ରୀତି ରହିଛି ବୋଲି ଅଭିଯୋଗ କରିଛନ୍ତି। ଏହିସବୁ କାରଣ ଯୋଗୁ ଚଳିତ ବର୍ଷ ପରୀକ୍ଷା ଫଳ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି। ବିଭାଗୀୟ ମନ୍ତ୍ରୀ ଶିକ୍ଷା ପାଇଁ ରାଜ୍ୟର ମୋଟ୍ ଘରୋଇ ଉତ୍ପାଦର ୨୦ ପ୍ରତିଶତ ଖର୍ଚ୍ଚ ହେବା କଥା କହୁଥିବାବେଳେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବାର ପ୍ରୟାସ ନ କରି କମ୍ ଉପସ୍ଥାନ ଆଳରେ ଶହଶହ ସ୍କୁଲ ବିଶେଷଭାବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ସ୍କୁଲକୁ ବନ୍ଦ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ କଂଗ୍ରେସ ନିନ୍ଦା କରିଛି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ଓ ଅନ୍ୟମାନେ।

# ସଦସ୍ୟତା ଅଭିଯାନ ପୂର୍ବରୁ ଭାଜପା ମହିଳା ମୋର୍ଚ୍ଚାର ବୈଠକ

**ଭୁବନେଶ୍ୱର, ୨୭।୬(ବ୍ୟୁରୋ)**

ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡାଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନର ଏକ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଆସନ୍ତା ୬ରୁ ମହିଳା ମୋର୍ଚ୍ଚାର ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ମହିଳାଙ୍କୁ ସଦସ୍ୟ କରି ଭାଜପାକୁ ସର୍ବ ସମାବେଶୀ କରିବାର ସ୍ଥିର କରାଯାଇଛି। ଜିଲା ଏବଂ ରାଜ୍ୟସ୍ତରୀୟ ସମସ୍ତ ପ୍ରମୁଖ ନେତୃବୃନ୍ଦ ସଦସ୍ୟତା ଗ୍ରହଣ ଅଭିଯାନରେ ସକ୍ରିୟ ସହଭାଗୀ ହେବାର ସଂକଳ୍ପ ନେଇଛନ୍ତି। ଗ୍ରାମରୁ ସହାର ପର୍ଯ୍ୟନ୍ତ ଥିବା ସମସ୍ତ ଶ୍ରମଜୀବୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ଥିବା ଛାତ୍ରୀମାନଙ୍କୁ ମଧ୍ୟ ସଙ୍ଗଠନରେ ସହଭାଗିତା କରାଯିବ। ଉକ୍ତ ବୈଠକରେ ରାଜ୍ୟ ଭାଜପା ସଦସ୍ୟତା ପ୍ରଭାରୀ ଅନନ୍ତ ନାୟକ, ସହ ପ୍ରଭାରୀ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ସମ୍ବୋଧନ କରିଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚାର ପ୍ରଭାରୀ ସୁରମା ପାଢୀ ଉପସ୍ଥିତ ରହି ମାର୍ଗଦର୍ଶନ କରିଛନ୍ତି। ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି ସଦସ୍ୟତା ଗ୍ରହଣରେ ମହିଳାଙ୍କ ଭୂମିକା ଉପରେ ମାର୍ଗଦର୍ଶନ କରିଛନ୍ତି।

# ଗାୟିକା ସାଜିଲେ ପ୍ରିୟା ପ୍ରକାଶ

**ଥିରୁଭାନନ୍ତପୁରମ୍:** ଗତବର୍ଷ ଯାହାଙ୍କ ଆଖିମରା ଦୃଶ୍ୟ ଲକ୍ଷଲକ୍ଷ ଦର୍ଶକଙ୍କ ହୃଦୟକୁ ଜିଣିପାରିଥିଲା, ସେଇ ଚର୍ଚ୍ଚିତ ଅଭିନେତ୍ରୀ ହେଉଛନ୍ତି ପ୍ରିୟା ପ୍ରକାଶ ବାରିୟର। ସେ ଆଗାମୀ ମାଲାୟାଲମ୍ ଫିଲ୍ମ 'ଫାଇନାଲ୍ସ'ର ଏକ ସଂଗୀତରେ ସ୍ୱର ଦେଇଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହନ୍ତି, 'ମୋର ପ୍ରଥମ ଉଦ୍ୟମ (ଆଖିମରା ଦୃଶ୍ୟ)ରେ ଆପଣମାନେ ଖୁସି ହୋଇଥିବାରୁ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି। ମୋ ବାୟୋଡାଟା ଲିଙ୍କ୍ ସହ କ୍ଲିକ୍ କରି ଉପରୋକ୍ତ ସିନେମା ସଂଗୀତର ସମ୍ପୂର୍ଣ୍ଣ ଭିଡିଓ ଦେଖିପାରିବେ।'

ଏହି ଅଭିନେତ୍ରୀ 'ଓଙ୍କ ଆଣ୍ଡ ଫାୟାର ଗନ୍' କିସ୍ ସିନ୍‌ରେ ଆଖିମାରି ଲକ୍ଷଲକ୍ଷ ପ୍ରଶଂସକଙ୍କ ହୃଦୟକୁ ଯେଭଳି ପ୍ରେମତୀର ମାରି ଦେଇଥିଲେ, ସେଥିପାଇଁ ସେ ଖୁବଶୀଘ୍ର ଚର୍ଚ୍ଚିତ ହୋଇଯାଇଥିଲେ। ଏହା ଥିଲା ଓମାର ଲୁଲୁଙ୍କ ନିର୍ଦ୍ଦେଶିତ 'ଓରୁ ଆଦାର ଲଭ୍'ର ଏକ ରୋମାଣ୍ଟିକ୍ ଦୃଶ୍ୟ। ତାଙ୍କର ଆଖିମରା ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହୋଇ ଖୁବ୍ ପ୍ରଶଂସା ସାଉଁଟିଥିଲା। ଆଗାମୀ ଫିଲ୍ମ 'ଶ୍ରୀଦେବୀ ବଙ୍ଗାଲୋ'ରେ ପ୍ରିୟା ପ୍ରଥମକରି ଅଭିନୟ କରିବାକୁ ଯାଉଛନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ପ୍ରଶାନ୍ତ ମାମ୍ବୁଲି।



# ସମାବର୍ତ୍ତନ ଉତ୍ସବରେ ପାରମ୍ପରିକ ବସ୍ତ୍ର ପିନ୍ଧିବେ ଶିକ୍ଷାର୍ଥୀ

**ଭୁବନେଶ୍ୱର,୨୭।୬(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକର କନ୍‌ଭୋକେଶନ ବା ସମାବର୍ତ୍ତନ ଉତ୍ସବରେ ଏଣିକି ପିଲାମାନେ ପିନ୍ଧିବେ ପାରମ୍ପରିକ ହସ୍ତତନ୍ତ ପୋଷାକ। ବ୍ରିଟିଶ ଷ୍ଟାଇଲ୍‌ରେ ସେରିମନିଆଲ୍ ରୋବ୍‌ସ ପିନ୍ଧିବା ପରିବର୍ତ୍ତେ ଶିକ୍ଷାର୍ଥୀମାନେ ନିଜ ନିଜ ଅଞ୍ଚଳର ହସ୍ତତନ୍ତ ବସ୍ତ୍ର ପରିଧାନ କରିବେ। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପକ୍ଷରୁ ନିକଟରେ ଜାରି କରାଯାଇଥିବା ଏକ ସର୍କୁଲାରରେ ଏ ନେଇ ନିର୍ଦ୍ଦେଶ ଦିଆଯାଇଛି। କେବଳ କନ୍‌ଭୋକେଶନ ସେରିମନି ନୁହେଁ, ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବଡ଼ ବଡ଼ ଉତ୍ସବ ଓ କାର୍ଯ୍ୟକ୍ରମରେ ସେରିମନିଆଲ୍ ଡ୍ରେସ୍ ଭାବେ ପାରମ୍ପରିକ ହସ୍ତତନ୍ତକୁ ପ୍ରାଥମିକତା ଦିଆଯିବ। ଏହାଦ୍ୱାରା ଭାରତୀୟ ହସ୍ତତନ୍ତର ଲୋକପ୍ରିୟତା ବୃଦ୍ଧି ପାଇବା ସହ ପାରମ୍ପରିକ ବୁଣାକାରମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରୋତ୍ସାହିତ କରାଯାଇପାରିବ ବୋଲି ୟୁଜିସି ପକ୍ଷରୁ କୁହାଯାଇଛି।

## ବିଶ୍ୱବିଦ୍ୟାଳୟରେ ସମ୍ବଲପୁରୀ ପୋଷାକ



ୟୁଜିସିର ଏହି ସର୍କୁଲାର ଜାରି କରାଗଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ନିଜ ସମାବର୍ତ୍ତନ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବାକୁ ନିର୍ଦ୍ଦେଶ ଦେବେ। ଝିଅମାନେ ସମ୍ବଲପୁରୀ ଶାଢ଼ି ଏବଂ ପୁଅମାନେ ହସ୍ତତନ୍ତ ପ୍ରସ୍ତୁତ କୁର୍ତ୍ତା ଓ ପାଇଜାମା ପିନ୍ଧିବେ। ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ଲାଭ କରିବା ସମୟରେ ନିଜ ଅଞ୍ଚଳର ପାରମ୍ପରିକ ପୋଷାକ ପିନ୍ଧିବା ବିଦ୍ୟାର୍ଥୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହେବ ବୋଲି ୟୁଜିସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପୂର୍ବରୁ ୨୦୧୫ରେ ୟୁଜିସି କନ୍‌ଭୋକେଶନ ସମାରୋହରେ ସେରିମନିଆଲ୍ ରୋବ୍‌ସ ବ୍ୟବହାର କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏକ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲା। ତେବେ ଉକ୍ତ ସେରିମନିଆଲ୍ ରୋବ୍‌ସ ପାଶ୍ଚାତ୍ୟ ନୁହେଁ, ବରଂ ପାରମ୍ପରିକ ହ୍ୟାଣ୍ଡଲୁମ୍ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ କରିବାକୁ କହିଛନ୍ତି, ଯାହାକି କେବଳ ଆରାମଦାୟକ ନୁହେଁ, ଭାରତୀୟ ପାଣିପାଗ ପାଇଁ ବିଶେଷ ଭାବେ ଅନୁକୂଳ ହେବ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବହୁଳ ଭାବେ ହସ୍ତତନ୍ତ ବ୍ୟବହାର ଫଳରେ ହ୍ୟାଣ୍ଡଲୁମ୍ ଇଣ୍ଡଷ୍ଟ୍ରୀର ମଧ୍ୟ ବିକାଶ ହୋଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ସର୍କୁଲାର ଅନୁଯାୟୀ ହସ୍ତତନ୍ତ ପୋଷାକ ପରିଧାନ ପାଇଁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ନା ନାହିଁ, ସେ ନେଇ ରିପୋର୍ଟ ପ୍ରଦାନ କରିବାକୁ ୟୁଜିସି ପକ୍ଷରୁ କୁହାଯାଇଛି। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ ଅଧୀନରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ। ପୂର୍ବରୁ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଶ୍ଚାତ୍ୟ ଶୈଳୀରେ ଏକ ବ୍ଲାକ୍ ରୋବ୍ ସହ କ୍ୟାପ୍ ବା ଟୋପି ପିନ୍ଧିବାକୁ ଛାତ୍ରୀଛାତ୍ରଙ୍କୁ କହୁଥିଲେ। ଭାରତର ଅଧିକାଂଶ ବିଶ୍ୱବିଦ୍ୟାଳୟ, ଏପରି କି ଓଡ଼ିଶାରେ ରହିଥିବା କେତେକ ବିଶ୍ୱବିଦ୍ୟାଳୟ ମଧ୍ୟ ଏହି ଢାଞ୍ଚାକୁ ଆପଣାଉଥିଲେ। ତେବେ ନିକଟରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଏନ୍‌ଆଇଟି) ରାଉରକେଲା, ଏନ୍‌ଆଇଟି ହମିରପୁର, ଜେଏନ୍‌ୟୁ ଏବଂ ଆଇଆଇଟି ରୁର୍କି, ଆଇଆଇଟି ବମ୍ବେ ଓ ଆଇଆଇଟି କାନ୍‌ପୁର ଭଳି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ର କନ୍‌ଭୋକେଶନ ସେରିମନିରେ ପାରମ୍ପରିକ ପୋଷାକ ପିନ୍ଧି ଉଦାହରଣ ସୃଷ୍ଟି କରିଥିଲେ। ଏବେ ଏହି ସର୍କୁଲାର ଜାରି ହେବା ପରେ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ପାରମ୍ପରିକ ପୋଷାକ ପିନ୍ଧିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦେବେ।

$ Dollar 69.07 ↓ 8 | Sensex ↓ 5.67 39,586.41 | Nifty ↓ 6.00 11,841.55 | Gold ↑ ₹180 34,350.00 | Silver ↑ ₹50 38,750.00



“ ଚାଇନା ମେଡିକାଲ ସିଷ୍ଟମ୍ସ ହୋଲିଙ୍ଗ୍ସ ସହ ଲାଇସେନ୍ସ ଚୁକ୍ତି ସ୍ୱାକ୍ଷର କରି ସନ୍ ଫାର୍ମାସ୍ୟୁଟିକାଲ୍ସ ପଡୋଶୀ ଦେଶର ମେଡିକାଲ ବଜାରରେ ପ୍ରବେଶ କରିଛି।
–ଦିଲୀପ ସାଂଘଭି, ସନ୍ ଫାର୍ମାସ୍ୟୁଟିକାଲ୍ସ ଏମ୍‌ଡି



“ ତାଇୱାନର ବହୁ କମ୍ପାନୀ ବେଙ୍ଗାଲୁରୁରେ ଆଇଟି ଓ ଇଲେକ୍ଟ୍ରୋନିକ କ୍ଲଷ୍ଟର ପ୍ରତିଷ୍ଠା କରିବା କାର୍ଯ୍ୟରେ ଲିପ୍ତ। ଏହାଦ୍ୱାରା ଘରୋଇ ବଜାର ସହ ସେମାନଙ୍କର ସମ୍ପର୍କ ବଢ଼ିବ।
–ଚୁଙ୍ଗ କ୍ୱାଙ୍ଗ ଟିଏନ୍, ଭାରତରେ ତାଇୱାନ ରାଷ୍ଟ୍ରଦୂତ

## ସଂକ୍ଷେପରେ

### ଶେୟାର ବିକିବେ ମାଇଣ୍ଡଟ୍ରି ପ୍ରତିଷ୍ଠାତା

ନୂଆଦିଲ୍ଲୀ,୨୭-୬: ମିଡ୍ ଟାୟାର ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଇଞ୍ଜିନିୟରିଂ କମ୍ପାନୀ ଏଲ୍‌ଆଣ୍ଡଟି ଇତିମଧ୍ୟରେ ଅକ୍ୱିଆର କରିଛି। କମ୍ପାନୀର ପ୍ରାୟ ୬୦ ପ୍ରତିଶତ ଶେୟାର ଏବେ ଏଲ୍‌ଆଣ୍ଡଟି ନିକଟରେ ରହିଛି। ଏହାକୁ ଦୃଷ୍ଟିରେ ରଖି ମାଇଣ୍ଡଟ୍ରିର ପ୍ରତିଷ୍ଠାତାମାନେ ନିଜ ପାଖରେ ରଖିଥିବା ଶେୟାରକୁ ବିକ୍ରି କରିଦେବେ ବୋଲି ଜଣାପଡିଛି। ମାଇଣ୍ଡଟ୍ରିର ୪ ଜଣ ପ୍ରତିଷ୍ଠାତା କ୍ରିଷ୍ଣକୁମାର ନଟରାଜନ, ରୋଷ୍ଟୋ ରାଭାନନ୍, ସୁବ୍ରତୋ ବାଗ୍‌ଚୀ ଏବଂ ଏନ୍‌ଏସ୍ ପାର୍ଥସାରଥି ସେମାନଙ୍କ ଏବଂ ପରିବାର ନିକଟରେ ରହିଥିବା ୧୩.୩୨% ଶେୟାରକୁ ବିକ୍ରି କରିଦେବା ଲାଗି ଏଲ୍‌ଆଣ୍ଡଟିକୁ ପ୍ରସ୍ତାବ ଦେଇଥିବା କୁହାଯାଉଛି। ତେବେ ଏଲ୍‌ଆଣ୍ଡଟି ବିକଳ୍ପ ପାଇବା ପର୍ଯ୍ୟନ୍ତ ରାଭାନନ୍ ମାଇଣ୍ଡଟ୍ରିର ସିଇଓ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ଗତ ସପ୍ତାହରେ ଏଲ୍‌ଆଣ୍ଟି ଏହାର ଚିଫ୍ ଏକ୍‌ଜିକ୍ୟୁଟିଭ ତଥା ଏମ୍‌ଡି ଏସ୍.ଏନ୍.ସୁବ୍ରମଣ୍ୟନ, ସିନିୟର ଏକ୍‌ଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ(ଡିଫେନ୍ସ) ଜେ.ଡି.ପତି ଏବଂ ଚିଫ୍ ଫାଇନାନ୍ସିଆଲ ଅଫିସର ରାମମୂର୍ତ୍ତି ଶଙ୍କର ରାମନଙ୍କୁ ମାଇଣ୍ଡଟ୍ରି ବୋର୍ଡରେ ଡାଇରେକ୍ଟର ଭାବେ ମନୋନୀତ କରିଛି। ଏହାଛଡ଼ା କମ୍ପାନୀ ଏହାର ପୂର୍ବତନ ଏକ୍‌ଜିକ୍ୟୁଟିଭ ପ୍ରସନ୍ନା ରଙ୍ଗାଚାର୍ଯ୍ୟ ମାଇସୁର ଏବଂ ଦୀପା ଗୋପାଳନ ୱାଧୱାଙ୍କୁ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିବାକୁ ପ୍ରସ୍ତାବ ଦେଇଛି। ଜୁଲାଇ ୧୬ରେ ମାଇଣ୍ଡଟ୍ରିର ବାର୍ଷିକ ସାଧାରଣ ବୈଠକରେ ସେମାନଙ୍କ ମନୋନୟନକୁ ଅନୁମୋଦନ କରାଯିବ।

### ମୋଦିଙ୍କ ସହ ସାକ୍ଷାତ ପୂର୍ବରୁ ପୁଣି ଟାରିଫ ପ୍ରସଙ୍ଗ ଉଠାଇଲେ ଟ୍ରମ୍ପ




ଟୋକିଓ/ନୂଆଦିଲ୍ଲୀ,୨୭-୬: ଜି-୨୦ ସମ୍ମିଳନୀ ଅବସରରେ ଜାପାନର ଓସାକା ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବେ। ଏହି ବୈଠକରେ ଦୁଇ ଦେଶର ଶୀର୍ଷ ନେତା ଦ୍ୱିପାକ୍ଷିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବେ। ତେବେ ଏହି ଭେଟର ଦିନକ ପୂର୍ବରୁ ଟ୍ରମ୍ପ ଭାରତର ଟାରିଫ୍ ବୃଦ୍ଧିକୁ ନେଇ ଟୁଇଟ୍ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଭାରତ ପକ୍ଷରୁ ଆମେରିକାର ୨୮ ପ୍ରକାର ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରାଯିବା ଗ୍ରହଣୀୟ ନୁହେଁ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଉ। ଟ୍ରମ୍ପଙ୍କ ଏହି ଟୁଇଟ୍ ଯୋଗୁ ଦୁଇ ଦେଶର ବାଣିଜ୍ୟ ସମ୍ପର୍କ ଆହୁରି ଖରାପ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ପ୍ରସଙ୍ଗରେ ଭାରତ ପକ୍ଷରୁ ମଧ୍ୟ ଦୃଢ଼ ଜବାବ ଦିଆଯାଇଛି। ଅନ୍ୟ ବିକାଶଶୀଳ ଦେଶ ଅପେକ୍ଷା ଭାରତର ଟାରିଫ୍ ହାର ଅନେକ କମ୍ ବୋଲି ସରକାର କହିଛନ୍ତି। ଡବ୍ଲ୍ୟୁଟିଓର ନିୟମ ଅନୁଯାୟୀ, ଭାରତ ଟାରିଫ୍ ବୃଦ୍ଧି କରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଆମେରିକାର ଉତ୍ପାଦ ଉପରେ ଟାରିଫ୍ ବୃଦ୍ଧି ସହ କ୍ରସ୍ ବର୍ଡର ଡାଟା ଫ୍ଲୋ ଏବଂ ଇ-କମର୍ସ କମ୍ପାନୀଙ୍କ କାରବାରକୁ ନେଇ ଭାରତ ପକ୍ଷରୁ ନିୟମ କଡ଼ା କରାଯିବା ଯୋଗୁ ୱାଶିଂଟନ କ୍ଷୁବ୍ଧ ହୋଇଛି। ଏହାକୁ ନେଇ ଟ୍ରମ୍ପ ତାଙ୍କ ଟୁଇଟ୍‌ରେ ଦର୍ଶାଇଛନ୍ତି ଯେ, ସେ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଲୋଚନା କରିବେ। ସେ କହିଛନ୍ତି ଯେ, ବିଗତ କିଛି ବର୍ଷ ହେଲା ଆମେରିକାର ଉତ୍ପାଦ ଉପରେ ଭାରତ ଟାରିଫ୍ ବୃଦ୍ଧି କରିଛି। ନିକଟରେ ଆଉ କେତେକ ଉତ୍ପାଦ ଉପରେ ଏହା ବୃଦ୍ଧି କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଗୋଦ୍‌ରେଜ ପରିବାରରେ ଫାଟ

ନୂଆଦିଲ୍ଲୀ,୨୭-୬

ଦେଶର ଧନୀ ବ୍ୟବସାୟୀ ପରିବାର ମଧ୍ୟରେ ଗଣାଯାଉଥିବା ଗୋଦ୍‌ରେଜ ପରିବାରରେ ଏବେ ଫାଟ ସୃଷ୍ଟି ହୋଇଛି। ଜମି ଭାଗବଣ୍ଟାକୁ ନେଇ ଏବେ ଏହି ପରିବାର ଦିଫାଳ ହେବାକୁ ବସିଛି। ମିଡିଆ ରିପୋର୍ଟ ଅନୁଯାୟୀ, ମୁମ୍ବାଇର ବିଖରୌଲିସ୍ଥିତ ୧୦୦୦ ଏକର ଜମିର ବ୍ୟବସାୟିକ ବ୍ୟବହାରକୁ ନେଇ ବିବାଦ ଉପୁଜିଛି। ଏହି ଜମିର ମୂଲ୍ୟ ପ୍ରାୟ ୨୦ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଆଦି ଗୋଦ୍‌ରେଜ ଓ ତାଙ୍କ ଭାଇ ନାଦିର ଗୋଦ୍‌ରେଜ ଗ୍ରୁପ୍ କମ୍ପାନୀ ଗୋଦ୍‌ରେଜ ପ୍ରପର୍ଟିଜ କମ୍ପାନୀ ଜରିଆରେ ଏହାକୁ ଡେଭଲପ୍ କରିବାକୁ ଚାହୁଁଛନ୍ତି। କାରଣ ଏହାକୁ ଡେଭଲପ୍ କରାଗଲେ ଏଥିରେ ୧ ଲକ୍ଷ କୋଟି ଟଙ୍କାର ରିଏଲ ଇଷ୍ଟେଟ୍ ନିର୍ମାଣ କରାଯାଇପାରିବ ବୋଲି ସେମାନେ ଯୁକ୍ତି ଦର୍ଶାଉଛନ୍ତି। ଅନ୍ୟପକ୍ଷରେ ତାଙ୍କର ଦାଦା ପୁଅ ଭାଇ ଜାମସେଦ ଗୋଦ୍‌ରେଜ ଏହାର ବାଣିଜ୍ୟିକ ବ୍ୟବହାରକୁ ବିରୋଧ କରୁଛନ୍ତି। ୧୨୨ ବର୍ଷ ପୁରୁଣା ଏହି ଗୋଦ୍‌ରେଜ ପରିବାର ବିବାଦର ସମାଧାନ ଲାଗି ଏବେ ଭିନ୍ନ ଭିନ୍ନ ଆଇନଗତ ଏବଂ ଆର୍ଥିକ କମ୍ପାନୀଙ୍କ ସହାୟତା ଲୋଡିଛନ୍ତି।



(ବାମରୁ ପ୍ରଥମ) ଆଦି ଗୋଦରେଜ୍, ନାଦିର୍ ଗୋଦରେଜ୍ ଓ ଜାମ୍‌ସେଦ୍ ଗୋଦରେଜ୍ ।

ସୂଚନାଯୋଗ୍ୟ ଯେ, ଗୋଦ୍‌ରେଜ ପରିବାରଙ୍କ ନିକଟରେ ହଜାର ହଜାର ଏକର ଜମି ରହିଛି ଓ ସେମାନେ ବହୁ ଇଣ୍ଡଷ୍ଟ୍ରିର ଅଂଶୀଦାର। ମୁମ୍ବାଇରେ ସର୍ବାଧିକ ଜମି ଗୋଦ୍‌ରେଜ ପରିବାରଙ୍କ ନିକଟରେ ରହିଛି। ତାଲା ନିର୍ମାତାରୁ ଚନ୍ଦ୍ରଯାନ ଲାଗି ଲଞ୍ଚ ଭେହିକିଲ ଓ ଲ୍ୟୁନର ଅର୍ବିଟର ନିର୍ମାଣ କରିଥିବା ଗୋଦ୍‌ରେଜ ଗ୍ରୁପ୍ ଭବିଷ୍ୟତର କାରବାରକୁ ନେଇ ପ୍ରସ୍ତୁତ ରଣନୀତି ପଥରେ ଆଗେଇ ଚାଲିଛି। ଅଥଚ ପରିବାରର କେତେ ଜଣ ଏହି ରଣନୀତିକୁ ବିରୋଧ କରୁଛନ୍ତି। ପରିବାର ପକ୍ଷରୁ ଫ୍ୟାମିଲି ଏଗ୍ରିମେଣ୍ଟରେ ସଂଶୋଧନ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। କାରଣ ଭବିଷ୍ୟତର କାରବାର ରଣନୀତିକୁ ନେଇ ବିବାଦ ଉପୁଜିଛି। ଜାମସେଦ ଓ ତାଙ୍କ ବଡ଼ବାପା ପୁଅ ଆଦି ଓ ନାଦିରଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଚିନ୍ତାଧାରାକୁ ନେଇ ମତଭେଦ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସେମାନେ ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ଗୋଦ୍‌ରେଜ ଆଣ୍ଡ ବଏସ୍ ଅଧ୍ୟକ୍ଷ ଜାମସେଦଙ୍କ ପକ୍ଷରୁ ଜେଏମ୍ ଫାଇନାନ୍ସିଆଲର ଭେଟେରାନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ନିମେଶ କମ୍ପାନୀ ଏବଂ ଏଜେଡ୍‌ବି ପାର୍ଟନର୍ସର ଓକିଲ ଜିଆ ମୋଦିଙ୍କୁ ଭାଗବଣ୍ଟା ନେଇ ପରାମର୍ଶ ଦେବାକୁ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଆଦି ଓ ନାଦିର ଗୋଦ୍‌ରେଜଙ୍କ ପକ୍ଷରୁ ବ୍ୟାଙ୍କର ଉଦୟ କୋଟାକ ଓ ସିରିଲ ଅମରଚାନ୍ଦ ମଙ୍ଗଳଦାସ ଆଇନ ପରାମର୍ଶଦାତା କମ୍ପାନୀର ମୁଖ୍ୟ ସିରିଲ ଶ୍ରଫ୍‌ଙ୍କୁ ନିଯୁକ୍ତ କରାଯାଇଛି। ବିଖରୌଲି ଠାରେ ଗ୍ରୁପ୍ ନିକଟରେ ୩୪୦୦ ଏକର ଜମି ରହିଛି। ତନ୍ମଧ୍ୟରୁ ୧୦୦୦ ଏକର ଜମିକୁ ନେଇ ଏବେ ବିବାଦ ଉପୁଜିଛି। ଗ୍ରୁପ୍ କମ୍ପାନୀରେ ଉଭୟ ଗୋଷ୍ଠୀର ଆଂଶିକ ଶେୟାର ରହିଛି ଏବଂ ଜଣେ ଅନ୍ୟଜଣଙ୍କ କମ୍ପାନୀରେ ନିର୍ଦ୍ଦେଶକ ରହିଛନ୍ତି। ସୂଚନାଥାଉ କି, ୧୮୯୭ରେ ପାର୍ସି ବ୍ୟବସାୟୀ ଆର୍ଦ୍ଦେଶିର ଗୋଦ୍‌ରେଜ ତାଙ୍କ ସାନ ଭାଇ ପିରୋଜଶାଙ୍କୁ ସାଥିରେ ନେଇ ଗୋଦ୍‌ରେଜ ଗ୍ରୁପ କମ୍ପାନୀ ପ୍ରତିଷ୍ଠା କରିଥିଲେ। ତାଲା ନିର୍ମାଣରୁ ସେମାନଙ୍କ ବାଣିଜ୍ୟ ଯାତ୍ରା ଆରମ୍ଭ ହୋଇଥିଲା। ଆର୍ଦ୍ଦେଶିର ନିଃସନ୍ତାନ ଥିବାରୁ ପିରୋଜଶାଙ୍କ ପୁଅମାନେ ବୁର୍‌ଜୋର୍, ସୋରାବ,ଦୋସା ଏବଂ ନଓ୍ୱଲ ଗ୍ରୁପ୍‌କୁ ପରିଚାଳନା କରୁଥିଲେ। ଏବେ ଏହି ପରିବାରର ତୃତୀୟ ପିଢ଼ି ବୁରଜୋରଙ୍କ ପୁଅ ଆଦି ଓ ନାଦିର ଏବଂ ନଓ୍ୱଲଙ୍କ ପୁଅ ଜାମସେଦ ଓ ସ୍ମିତା ଗ୍ରୁପ୍ କମ୍ପାନୀଙ୍କୁ ସମ୍ଭାଳୁଛନ୍ତି। ଆଦିଙ୍କ ୩ ସନ୍ତାନ ତାନ୍ୟା, ନିସାବା, ପିରୋଜଶା ଥିବା ବେଳେ ଜାମସେଦଙ୍କ ୨ ଜଣ ସନ୍ତାନ ରାଇକା ଓ ନଭରୋଜ, ସ୍ମିତାଙ୍କ ଫ୍ରେୟନ ଓ ନାୟରିକା ନାମକ ୨ ସନ୍ତାନ ରହିଛି। ନାଦିରଙ୍କର ମଧ୍ୟ ୩ ସନ୍ତାନ ରହିଛନ୍ତି। ଗୋଦ୍‌ରେଜ ପରିବାର ୧୯୪୦ରେ ବମ୍ବେ ହାଇକୋର୍ଟଙ୍କ ରିସିଭରଙ୍କ ନିକଟରୁ ସମସ୍ତ ଜମି ହାସଲ କରିଥିଲେ। ଏହି ଜମି ପ୍ରଥମେ ଇଷ୍ଟ ଇଣ୍ଡିଆ କମ୍ପାନୀ ନିକଟରେ ଥିଲା, ଯାହାକୁ ଏହି କମ୍ପାନୀ ୧୮୩୦ରେ ଏକ ପାର୍ସି ବ୍ୟବସାୟୀ ଫ୍ରାମ୍‌ଜି ବାନାର୍ଜୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ୧୯୪୧-୪୨ରେ ଏହି ଜମି ବିକ୍ରି କରାଯାଇଥିଲା, ଯାହାକୁ ଗୋଦ୍‌ରେଜ ପରିବାର କିଣିଥିଲେ।

- ୧୦୦୦ ଏକର ଜମିକୁ ନେଇ ବିବାଦ
- ୨୦ ହଜାର କୋଟି ଟଙ୍କାର ଜମି
- ଫ୍ୟାମିଲି ଏଗ୍ରିମେଣ୍ଟ ସଂଶୋଧନ ପାଇଁ ପରାମର୍ଶଦାତା ନିଯୁକ୍ତ

### ବ୍ରଡ୍‌ବ୍ୟାଣ୍ଡ ସହ ଯୋଡ଼ି ହେବ ସବୁ ପଞ୍ଚାୟତ



ନୂଆଦିଲ୍ଲୀ,୨୭-୬

କେନ୍ଦ୍ର ସରକାରଙ୍କ ଭାରତ ନେଟ୍ କାର୍ଯ୍ୟକ୍ରମ ଦ୍ୱାରା ଦେଶର ସବୁ ପଞ୍ଚାୟତକୁ ବ୍ରଡବ୍ୟାଣ୍ଡ ନେଟ୍‌ୱର୍କ ସହ ଯୋଡିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟକୁ ରୂପରେଖ ପ୍ରଦାନ କରାଯିବ। ଏହା ଦ୍ୱାରା ହାଇସ୍ପିଡ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ସୁବିଧା କରାଯାଇପାରିବ ବୋଲି ଗୁରୁବାର ଟେଲିକମ୍ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏହି ସୂଚନା ଦେଇଛନ୍ତି। ଭାରତ ନେଟ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଗ୍ରାମ ପଞ୍ଚାୟତକୁ ଯୋଡିବା ଲାଗି ଯୋଜନା ରହିଥିବା ପ୍ରସାଦ ଲୋକସଭାରେ ସୂଚନା ଦେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୧ ଲକ୍ଷ ଗ୍ରାମ ପଞ୍ଚାୟତକୁ ଭାରତ ନେଟ୍ ପ୍ରକଳ୍ପ ଅଧୀନରେ ସଂଯୋଗ କରାଯାଇଛି। ୨୦୧୭ ଜୁଲାଇ ୧୯ରେ ପ୍ରାୟ ୧.୫ଲକ୍ଷ ଗ୍ରାମପଞ୍ଚାୟତରେ ଭାରତ ନେଟ୍ କାର୍ଯ୍ୟକାରୀ କରାଇବା ଲାଗି କେନ୍ଦ୍ର କ୍ୟାବିନେଟ୍ ପରିବର୍ତ୍ତିତ ଷ୍ଟ୍ରାଟେଜି ଗ୍ରହଣ କରିଥିଲା।

# ନୀରବଙ୍କ ହାଜତ ମିଆଦ ବୃଦ୍ଧି

ଲଣ୍ଡନ,୨୭-୬

ବ୍ରିଟେନର ୱେଷ୍ଟମିନ୍‌ଷ୍ଟର କୋର୍ଟ ଗୁରୁବାର ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜେଲ୍ ହାଜତ ମିଆଦକୁ ଜୁଲାଇ ୨୫ ତାରିଖ ଯାଏ ବୃଦ୍ଧି କରିଛନ୍ତି। ସେ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଜଡ଼ିତ ରହିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ ପାଇଁ ଅଦାଲତରେ ମାମଲା ଆଗତ ହୋଇଛି। ୪୮ବର୍ଷୀୟ ନୀରବଙ୍କୁ ଗତ ମାର୍ଚ୍ଚ ୧୯ରେ ଲଣ୍ଡନରେ ଗିରଫ କରାଯିବା ପରେ ୱାଣ୍ଡର୍ସୱର୍ଥସ୍ଥିତ ଜେଲ୍‌ରେ ବନ୍ଦୀ ରହିଛନ୍ତି। ପୂର୍ବରୁ ବ୍ରିଟିଶ ହାଇକୋର୍ଟ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ତାଙ୍କ ବିରୋଧରେ ଭାରତରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିବା ବେଳେ ଇଣ୍ଟରପୋଲ ପକ୍ଷରୁ ରେଡ୍‌କର୍ନର ନୋଟିସ ଜାରି କରାଯାଇଛି। ଭାରତ ପକ୍ଷରୁ ତାଙ୍କୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରାଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଗୁରୁବାର ତାଙ୍କୁ ୱେଷ୍ଟମିନ୍‌ଷ୍ଟର କୋର୍ଟରେ ହାଜର କରାଯାଇଥିଲା।

### ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ଜବତ



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ଭଉଣୀ ପୂର୍ବି ମୋଦିଙ୍କ ୪ ସୁଇସ୍ ବ୍ୟାଙ୍କ ଆକାଉଣ୍ଟକୁ ସୁଇଜରଲାଣ୍ଡ ସରକାର ଜବତ କରିଛନ୍ତି। ଏହି ଆକାଉଣ୍ଟରେ ୨୮୩.୧୬ କୋଟି ଟଙ୍କା ରହିଛି। ଏ ସଂକ୍ରାନ୍ତରେ ସୁଇସ୍ ବ୍ୟାଙ୍କ ପକ୍ଷରୁ ଏକ ସୂଚନା ଜାରି କରାଯାଇଛି। ଭାରତର ଦାବିକୁ ଗ୍ରହଣ କରି ନୀରବ ଓ ପୂର୍ବିଙ୍କ ୪ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରାଯାଇଛି ବୋଲି କୁହାଯାଇଛି। ସୁଇଜରଲାଣ୍ଡ ସରକାରଙ୍କ ପଦକ୍ଷେପ ଯୋଗୁ ଭାରତୀୟ ବ୍ୟାଙ୍କ ଏବଂ ତଦନ୍ତକାରୀ ଏଜେନ୍ସି ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

# ସିପେଟ୍ ସିଏସ୍‌ଟିଏସ୍ ପୁରସ୍କୃତ

ଭୁବନେଶ୍ୱର,୨୭-୬

ଫନୀ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ରିଲିଫ୍ ତଥା ଥଇଥାନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ଲାଗି ମଞ୍ଚେଶ୍ୱରସ୍ଥିତ ସିପେଟ୍ ସିଏସ୍‌ଟିଏସ୍‌କୁ ସମ୍ମାନିତ କରାଯାଇଛି। ୟଙ୍ଗ ଇଣ୍ଡିଆନ୍ସ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସିପେଟ ପୁରସ୍କୃତ ହୋଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ସିପେଟ୍‌ର ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଦାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ୟଙ୍ଗ ଇଣ୍ଡିଆନ୍ସର ଜାତୀୟ ମୁଖ୍ୟ କମଲ ଅଗ୍ରୱାଲଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସମୟ ଉପଯୋଗୀ ସହାୟତା ଏବଂ ରିଲିଫ ବଣ୍ଟନ ସହ ୨ ଲକ୍ଷ ଅକ୍ସୋ ବାୟୋଡିଗ୍ରେଡେବଲ ସାନିଟାରୀ ନାପକିନ୍ ବଣ୍ଟନ ଦ୍ୱାରା ସିପେଟ୍ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସାନିଟାରି ନାପକିନ ସିପେଟର ମହାନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ର ସରକାରଙ୍କ ସାର ଏବଂ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର କରାଯାଇଥିଲା।

# ଡ୍ୟୁକ୍‌ର ନୂଆ ଟି-ଶାର୍ଟ କଲେକ୍ସନ



ଭୁବନେଶ୍ୱର,୨୭-୬

ଡ୍ୟୁକ୍ ଫ୍ୟାଶନ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ମର୍ସିରାଇଜଡ୍ କଟନ ଟି-ସାର୍ଟ କଲେକ୍ସନ ୨୦୧୯ ବଜାରରେ ଉପଲବ୍ଧ ହେଉଛି। ଏହା ଡିଜାଇନ ଏବଂ ଷ୍ଟାଇଲ ଦୃଷ୍ଟିରୁ ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ସ୍ୱତନ୍ତ୍ର ଫ୍ୟାବ୍ରିକରେ ଏହା ପ୍ରସ୍ତୁତ ହୋଇଛି। କାଜୁଆଲ ଲୁକ ପ୍ରଦାନ କରିବା ଦିଗରେ ଏହା ସହାୟକ ହୋଇ ପାରିବ। ଏଥିରେ ପ୍ରଡକ୍ଟର ଗୁଣବତ୍ତାକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ନୂତନ ରେଞ୍ଜର ପୋଷାକ ୧୨୪୯ ଟଙ୍କାରୁ ଆରମ୍ଭ ହେଉଛି। କଲେକ୍ସନଗୁଡିକ ଡ୍ୟୁକର ଏକ୍ସକ୍ଲୁସିଭ ଶୋ'ରୁମ୍, ପ୍ରମୁଖ ମଲ୍ଟି ବ୍ରାଣ୍ଡ ଆଉଟଲେଟ ଏବଂ ଅନ୍‌ଲାଇନ ଶପିଂ ପୋର୍ଟାଲଗୁଡିକରେ ଉପଲବ୍ଧ ହେବ। ଗୁଣବତ୍ତା ଫ୍ୟାଶନ ସାମଗ୍ରୀ ଉପଲବ୍ଧ କରାଇବା ଲାଗି କମ୍ପାନୀ ରାଷ୍ଟ୍ରପତି ପୁରସ୍କାର ସହ ୩ ଜାତୀୟ ପୁରସ୍କାର ପାଇଛି। ଏହା ଆମେରିକାରେ ଭାରତୀୟ ପାୱାର ବ୍ରାଣ୍ଡ ଭାବେ ପୁରସ୍କୃତ ହୋଇଛି। ୩୬୦ ସ୍ୱତନ୍ତ୍ର କମ୍ପାନୀ ଷ୍ଟୋର, ୪୦୦୦ ମଲ୍ଟି ବ୍ରାଣ୍ଡ ଷ୍ଟୋର, ପ୍ରମୁଖ ଚେନ୍ ଷ୍ଟୋରରେ କମ୍ପାନୀ ଏହାର ପ୍ରଡକ୍ଟ ଉପଲବ୍ଧ କରାଉଛି।

### ଅଭିବୃଦ୍ଧି ଲାଗି ସରକାର, ଆର୍‌ବିଆଇ ସମନ୍ୱୟ ଜରୁରୀ: ଶକ୍ତିକାନ୍ତ ଦାସ

ମୁମ୍ବାଇ,୨୭-୬

ଦେଶର ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ଲାଗି ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସମନ୍ୱୟ ରଖି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ସେହିଭଳି ବ୍ୟବସ୍ଥାଗତ ସ୍ଥିରତାକୁ ମଧ୍ୟ ନିଶ୍ଚିତ କରାଇବା ଜରୁରୀ ବୋଲି ଗୁରୁବାର ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଘରୋଇ ବଜାରରେ ଚାହିଦାରେ ଶିଥିଳତା ଏବଂ ପୁଞ୍ଜି ନିବେଶ ହ୍ରାସ ହେବା ଯୋଗୁ ବିତ୍ତୀୟ ଶୃଙ୍ଖଳା ଉପରେ ଏହା ପ୍ରଭାବ ପକାଇଥିବା ଦ୍ୱିମାସିକ ଆର୍ଥିକ ସ୍ଥିରତା ରିପୋର୍ଟର ଉନ୍ମୋଚନ ଅବସରରେ ଗଭର୍ନର ଦାସ ଏହା କହିଛନ୍ତି। ଘରୋଇ ନିବେଶ ବଢାଇବା ଦିଗରେ ନିରନ୍ତର ପ୍ରୟାସ ସହ ସରକାର ଅର୍ଥନୈତିକ ସଂସ୍କାର ଧାରା ଜାରି ରଖିବା ନେଇ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶର ଏନ୍‌ବିଏଫସିଗୁଡିକ ସେମାନଙ୍କ ଆସେଟ ଲାୟବିଲିଟି ପରିଚାଳନା କରିବା ଉପରେ ଧ୍ୟାନଦେବା, ଛାୟା ବ୍ୟାଙ୍କଗୁଡିକ ସେମାନଙ୍କ ଉନ୍ନତ କାର୍ଯ୍ୟପ୍ରଣାଳୀ ଦ୍ୱାରା ଅଭିବୃଦ୍ଧି ହାସଲ, ରାଷ୍ଟ୍ରାୟତ୍ତ ବାଲାନ୍ସ ସିଟ୍‌ରେ ଉନ୍ନତି ଭଳି ବିଭିନ୍ନ ପ୍ରସଙ୍ଗରେ ଉପରେ ଦାସ ମତ ରଖିଛନ୍ତି।

# ଆସିବ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ'

ନୂଆଦିଲ୍ଲୀ,୨୭-୬

କେନ୍ଦ୍ର ସରକାର ଦେଶରେ 'ଏକ ରାଷ୍ଟ୍ର, ଏକ ରାଶନ କାର୍ଡ' ଯୋଜନା ଆଣିବାକୁ ଯାଉଛନ୍ତି। ଏହାଦ୍ୱାରା ହିତାଧିକାରୀ ଦେଶର ଯେକୌଣସି ସ୍ଥାନରୁ ନିଜ ପସନ୍ଦ ମୁତାବକ ଡିଲରଙ୍କଠାରୁ ନିଜର କୋଟା ମୁତାବକ ଖାଦ୍ୟଶସ୍ୟ ପାଇପାରିବେ ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରାମବିଳାସ ପାଶ୍ୱାନ ଗୁରୁବାର ପ୍ରକାଶ କରିଛନ୍ତି।

ରାଜ୍ୟ ଖାଦ୍ୟ ଓ ଯୋଗାଣ ସଚିବ, ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ), ସେଣ୍ଟ୍ରାଲ ୱେର୍‌ହାଉସିଂ କର୍ପୋରେଶନ(ସିଡବ୍ଲ୍ୟୁସି) ଏବଂ ଷ୍ଟେଟ୍ ୱେର୍‌ହାଉସିଂ କର୍ପୋରେଶନ(ଏସ୍‌ଡବ୍ଲ୍ୟୁସି)ର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏଠାରେ ଆୟୋଜିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଛଳରେ ପାଶ୍ୱାନ ନିଜର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତାକୁ ଅଧିକ କ୍ରିୟାଶୀଳ କରିବା, ଏଣ୍ଡ୍-ଟୁ-ଏଣ୍ଡ୍ କମ୍ପ୍ୟୁଟରୀକରଣ, ଗୋଦାମରେ ଖାଦ୍ୟଶସ୍ୟ ରଖିବାରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଏଫ୍‌ସିଆଇ, ସିଡବ୍ଲ୍ୟୁସି ଓ ଏସ୍‌ଡବ୍ଲ୍ୟୁସି ଡିପୋ ମଧ୍ୟରେ ଅନ୍‌ଲାଇନ ବ୍ୟବସ୍ଥା କରିବା ଦ୍ୱାରା ତାଳମେଳ ସ୍ଥାପନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକରେ 'ଏକ ରାଷ୍ଟ୍ର , ଏକ ରାଶନ କାର୍ଡ' ପ୍ରଚଳନ ଲାଗି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ହିତାଧିକାରୀ ଗୋଟିଏ ନିର୍ଦ୍ଦିଷ୍ଟ ରାଶନ ଦୋକାନ ସହ ଜଡ଼ିତ ରହିବାକୁ ବାଧ୍ୟ ରହିବେ ନାହିଁ। ଫଳରେ ଦୁର୍ନୀତିକୁ ରୋକାଯାଇପାରିବ। ଅନ୍ୟରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ଏହାଦ୍ୱାରା ଉପକୃତ ହେବେ। ସେମାନେ ନିଜ ଘରଠାରୁ ଦୂରରେ ଯେକୌଣସି ସ୍ଥାନରୁ ପଡିକାର୍ଡ ଜରିଆରେ ରାଶନ ଉଠାଇପାରିବେ। ଏହାଦ୍ୱାରା ସେମାନଙ୍କ ଖାଦ୍ୟ ସୁରକ୍ଷା ବଜାୟ ରହିପାରିବ। ଏଭଳି ସମନ୍ୱିତ ପିଡିଏସ୍ ବ୍ୟବସ୍ଥା ଆନ୍ଧ୍ରପ୍ରଦେଶ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ରାଜସ୍ଥାନ, ତେଲେଙ୍ଗାନା ଏବଂ ତ୍ରିପୁରାରେ ପ୍ରଚଳନ ରହିଛି। ବୈଠକରେ ଉପସ୍ଥିତ ଅନ୍ୟ ରାଜ୍ୟମାନେ ଏଭଳି ନୂଆ ବ୍ୟବସ୍ଥା ଆପଣାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଖାଦ୍ୟ ଓ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆସନ୍ତା ୨ ମାସ ମଧ୍ୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯଥାସାଧ୍ୟ ପ୍ରୟାସ ଜାରି ରହିଛି। କେନ୍ଦ୍ର ସ୍ତରରେ ସମସ୍ତ ପିଡିଏସ୍ କାର୍ଡର ତଥ୍ୟ ସାଇତି ରଖିବାକୁ ବ୍ୟବସ୍ଥା କରାଯିବ। ଦୁର୍ନୀତିକୁ ରୋକିବା ଉଦ୍ଦେଶ୍ୟରେ ଖାଦ୍ୟଶସ୍ୟ କିଣିବାଠାରୁ ଆରମ୍ଭ କରି ଏହାର ବଣ୍ଟନ ପର୍ଯ୍ୟନ୍ତ ସବୁକିଛି ପାଇଁ ଟେକ୍ନୋଲୋଜିର ସହାୟତା ନିଆଯିବ ବୋଲି ପାଶ୍ୱାନ ସ୍ପଷ୍ଟ କରିଛନ୍ତି।



ଏଲ୍‌ଜି ପକ୍ଷରୁ ଏହାର ୱାର୍ଲଡ କପ୍ ଅଫର ଅନ୍ତର୍ଗତ ୱିନ ଏଭ୍ରି ଆୱାର ଉଇଥ୍ ଏଲ୍‌ଜି ଚାଲୁ ରହିଛି। ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସରୁ ଏଲ୍‌ଇଡି କ୍ରୟ କରି ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ଭାବେ ସୁନୀଲ କୁମାର ସାହୁ ଏକ୍ସବୁମ ପିକେ୫ ସାଉଣ୍ଡ ସିଷ୍ଟମ ଲାଭ କରିଛନ୍ତି।

# ଖାଦ୍ୟ ପ୍ୟାକେଟରେ ଦର୍ଶାଇବାକୁ ହେବ ଚିନି, ଲୁଣର ମାତ୍ରା

ନୂଆଦିଲ୍ଲୀ,୨୭-୬

ଖାଦ୍ୟପଦାର୍ଥ ନିର୍ମାତା ପ୍ରସ୍ତୁତ ଖାଦ୍ୟକୁ ପ୍ୟାକେଟ ଓ ଡବାରେ ବିକ୍ରି କରିବା ବେଳେ ନୂଆ ନିୟମ ପାଳନ କରିବାକୁ ବାଧ୍ୟ ରହିବେ। ଏଣିକି ପ୍ୟାକେଟ, ଡବାରେ ଚିପ୍, ସୁପ୍, ବିସ୍କୁଟ୍, ଜୁସ୍ ଆଦିକୁ ବିକ୍ରି କରିବା ପୂର୍ବରୁ ଏଥିରେ ଚର୍ବି, ଚିନି, ଲୁଣର ମାତ୍ରା କେତେ ରହିଛି, ତାହାକୁ ନାଲି ରଙ୍ଗର କୋଡ୍‌ରେ ଦର୍ଶାଇବାକୁ ବାଧ୍ୟତାମୂଳକ କରାଯିବ। ଖାଦ୍ୟ ନିୟାମକ ଏଫ୍‌ଏସ୍‌ଏସ୍‌ଏଆଇ ଦ୍ୱାରା ପ୍ରସ୍ତୁତ ନୂଆ ନିୟମର ଚିଠାରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ ପ୍ରାଧିକରଣ ପକ୍ଷରୁ ଏହି ଚିଠା ଜାରି କରାଯାଇଛି। ନୂଆ ନିୟମ ଖାଦ୍ୟ ସୁରକ୍ଷା ଏବଂ ମାନଦଣ୍ଡ(ପ୍ୟାକେଜିଂ ଏବଂ ଲେବେଲିଂ) ନିୟମ, ୨୦୧୧ର ସ୍ଥାନ ନେବ। ଡବା ଅଥବା ପ୍ୟାକେଟ୍‌ରେ ଥିବା ଖାଦ୍ୟରେ କେତେ ମାତ୍ରାରେ କେଉଁ ପଦାର୍ଥକୁ ମିଶାଯାଇଛି, ସେ ସମ୍ପର୍କରେ ଖାଉଟିଙ୍କୁ ସୂଚନା ଦେବା ପାଇଁ ଏହି ନୂଆ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏକ ବିବୃତିରେ ଏଫ୍‌ଏସ୍‌ଏସ୍‌ଏଆଇ କହିଛି। ନୂଆ ଚିଠା ପ୍ରସ୍ତାବ ଅନୁଯାୟୀ, ଖାଦ୍ୟପଦାର୍ଥ ତିଆରି କରି ବିକ୍ରି କରୁଥିବା କମ୍ପାନୀ କ୍ୟାଲୋରୀ(ଶକ୍ତି), ଚର୍ବି, ଚିନି ଓ ସୋଡିୟମ(ଲୁଣ)ର ମାତ୍ରା ସହ ଜଡ଼ିତ ସୂଚନାକୁ ପ୍ୟାକେଟ୍ କିମ୍ବା ଡବା ଉପରେ ଉଲ୍ଲେଖ କରିବାକୁ ପଡିବ। ଏହାଛଡ଼ା କମ୍ପାନୀଗୁଡ଼ିକ ରେକମେଣ୍ଡେଡ ଡାଏଟାରି ଆଲାଉନ୍ସ(ଆର୍‌ଡିଏ)ର ଅଂଶ ମଧ୍ୟ ଜଣାଇବାକୁ ବାଧ୍ୟ ରହିବେ। ନାଲି ରଙ୍ଗରେ ଏହିସବୁ ସୂଚନା ଦେବାକୁ ହେବ। ଏହି ନୂଆ ନିୟମକୁ ଆସନ୍ତା ୩ ବର୍ଷ ଭିତରେ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ। ଚିଠା ଜାରି ହେବାର ୩୦ ଦିନ ଭିତରେ ଅଂଶୀଦାରମାନେ ନିଜ ନିଜର ମତାମତ ଦେଇପାରିବେ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ବିବୃତିରେ ସ୍ପଷ୍ଟ କରାଯାଇଛି। ଏଥିରେ କୁହାଯାଇଛି ଯେ, ବର୍ତ୍ତମାନ କମ୍ପାନୀଗୁଡ଼ିକ ଉତ୍ପାଦର ନିର୍ମାଣ ଏବଂ ଖରାପ ହେବାର ତାରିଖକୁ ଭିନ୍ନ ଭାବେ ଦର୍ଶାଇଥାନ୍ତି। ଗ୍ରାହକଙ୍କୁ ଏହା ଖୋଜିବା ଓ ଦେଖିବାରେ ଅସୁବିଧା ହେଉଛି। ଏଣିକି ନୂଆ ନିୟମ ଅନୁଯାୟୀ, ଖାଦ୍ୟପଦାର୍ଥ ତିଆରି ହେବା ଓ ଖରାପ ହେବାର ତାରିଖ ଗୋଟିଏ ସ୍ଥାନରେ ଉଲ୍ଲେଖ କରିବାକୁ ବାଧ୍ୟତାମୂଳକ କରାଯାଇଛି।




ଏମ୍‌ଭିଆଇଆର୍‌ଡିସି ୱାର୍ଲଡ ଟ୍ରେଡ ସେଣ୍ଟର (ଡବ୍ଲ୍ୟୁଟିସି) ମୁମ୍ବାଇ ଅଧୀନ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଡବ୍ଲ୍ୟୁଟିସି ମୁମ୍ବାଇ ଉପାଧ୍ୟକ୍ଷ ବିଜୟ କଲାନ୍ତ୍ରୀ, ମହାନିର୍ଦ୍ଦେଶକ ୱାଇ.ଆର୍.ୱାରେରକର, ବରିଷ୍ଠ ନିର୍ଦ୍ଦେଶକ ରୂପା ନାୟକ ଏବଂ ସହକାରୀ ପ୍ରବନ୍ଧକ ଆଶା ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ।





# ଭାରତ ସେମିର ନିକଟତର

**ମାଞ୍ଚେଷ୍ଟର,୨୭।୬(ପି.ଟି.)**

ଆଇସିସି କ୍ରିକେଟ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ସେମିଫାଇନାଲର ନିକଟତର ହୋଇଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଦମ୍‌ଦାର ବୋଲିଂ କରି ୧୨୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ଆଉ ଗୋଟିଏ ବିଜୟ ହାସଲ କଲେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୪.୨ ଓଭରରେ ୧୪୩ ରନକରି ଅଲଆଉଟ୍ ହେବା ସହ ଆତ୍ମସମର୍ପଣ କରିଛି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ଭାରତ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୧ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡକୁ ହଟାଇ ଉନ୍ନତ ନେଟ୍ ରନ୍‌ରେଟ୍‌ରେ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠି ସେମିଆଶାକୁ ଆହୁରି ଦୃଢ଼ୀଭୂତ କରିଛି। ଅନ୍ୟପଟେ ୱେଷ୍ଟଇଣ୍ଡିଜ୍ ୭ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ତାଲିକାରେ ପୂର୍ବପରି ଅଷ୍ଟମ ସ୍ଥାନରେ ରହିଛି। ରବିବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଇଂଲଣ୍ଡକୁ ବର୍ମିଂହାମ୍‌ରେ ଭେଟିବ। ୭୨ ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା କୋହଲିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

୨୬୯ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ୱେଷ୍ଟଇଣ୍ଡିଜ ୧୬ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ୬ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୫ ରନକରି ମହମ୍ମଦ ସାମିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ତୃତୀୟ ଉଇକେଟରେ ସୁନୀଲ ଅମ୍ବ୍ରିସ୍ ଓ ନିକୋଲାସ ପୁରାନ ୫୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ୩୧ ରନ କରିଥିବା ବେଳେ ଅମ୍ବ୍ରିସ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଉଇକେଟ ଝଡିଥିଲା। ତାସ୍‌ଘର ପରି ୱେଷ୍ଟଇଣ୍ଡିଜ ଇନିଂସ ଭୁଶୁଡି ପଡିଥିଲା। ପୁରାନ ୨୮ ରନକରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଦ୍ୱାର ଆଉଟ ହୋଇଥିଲେ। ଶିମରନ ହେଟ୍‌ମେୟର ୧୮ ରନ କରିଥିବା ସାମିଙ୍କ ତୃତୀୟ ଶିକାର ହୋଇଥିଲେ। ଅଧିନାୟକ ଜାସନ ହୋଲ୍ଡର ୬, କାର୍ଲୋସ ବ୍ରାଥୱେଟ ୧, ଶେଲଡନ କଟ୍ରେଲ ୧୦ ରନ କରି ଆଉଟ ହୋଇଥିଲେ। ଫାବିଆନ ଆଲେନ ଓ ଓଶେନ ଥୋମାସ ଖାତା ଖୋଲିପାରି ନ ଥିଲେ। କେମର ରୋଚ୍ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୪, ବୁମ୍‌ରା ୨ ଓ ୟୁଜବେନ୍ଦ୍ର ଚହଲ ୨ଟି ଲେଖାଏ, ପାଣ୍ଡ୍ୟା ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ଇନ୍‌ଫର୍ମ ତାରକା ଓପନର ରୋହିତ ଶର୍ମା ୨୩ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୧୮ ରନ କରିଥିବା ବେଳେ ଦ୍ରୁତ ବୋଲର କେମର ରୋଚ୍‌ଙ୍କ ବଲ୍‌ରେ ଉଇକେଟ କିପର ସାଇ ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଫିଲ୍ଡ ଅମ୍ପାୟର ଆଉଟ୍ ଘୋଷିତ କରି ନ ଥିଲେ। ତେବେ ଡିଆରଏସ୍‌ରେ ଥାର୍ଡ ଅମ୍ପାୟର ତାଙ୍କୁ ଆଉଟ ଘୋଷିତ କରିଥିଲେ। କିନ୍ତୁ ଟିଭି ରିପ୍ଲେରେ ବଲ୍ ବ୍ୟାଟ୍‌ରେ ବାଜିଥିବା ସ୍ପଷ୍ଟଭାବେ ଜଣାପଡୁ ନ ଥିଲା। ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ୬୯ ରନ ସଂଗ୍ରହ କରିଥିଲେ। ରାହୁଲ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ୬୪ ବଲରୁ ୬ ଚୌକା ସହ ୪୮ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଲାଇନ୍ ମିସ୍ କରି ଜାସନ ହୋଲ୍ଡରଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ ୨ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିଜୟ ଶଙ୍କର ପୁଣି ବିଫଳ ହୋଇଥିଲେ। ୧୯ ବଲରୁ ୩ ଚୌକା ସହ ୧୪ ରନ କରିଥିବା ବେଳେ ରୋଚ୍‌ଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସୁଯୋଗ ମିଳିବା ସତ୍ତ୍ୱେ ଶଙ୍କର ୪ ନମ୍ବରରେ ଏହାର ସଦ୍‌ବ୍ୟବହାର କରିବାରେ ବିଫଳ ହୋଇଛନ୍ତି। ଭାରତୀୟ ମିଡଲ ଅର୍ଡର ପୁଣିଥରେ ସାଂଘାତିକ ଭାବେ ବିଫଳ ହୋଇଥିଲା। ଶଙ୍କରଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା କେଦାର ଯାଦବ ମଧ୍ୟ ବିଫଳ ହୋଇଥିଲେ। ଗୋଟିଏ ସ୍ଥାନ ଉପରକୁ ଆସି କେଦାର ମାତ୍ର ୭ ରନ କରିଥିବା ବେଳେ ରୋଚ୍‌ଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଯାଇଥିଲେ। ବଲ ବ୍ୟାଟର ଏଜ୍ ନେଇଥିଲା ଓ ହୋପ୍ କ୍ୟାଚ୍ ଧରିଥିଲେ। ଏହାପରେ ପାଳି ପଡିଥିଲା ଅଧିନାୟକ ବିରାଟ କୋହଲିଙ୍କର। ସେ ୮୨ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ସହ ୭୨ ରନ କରିଥିବା ବେଳେ ହୋଲ୍ଡରଙ୍କ ବଲ୍‌କୁ ପୁଲ୍ କରିବାକୁ ଯାଇ ମିଡ ଉଇକେଟରେ ବଦଳ ଖେଳାଳି ଡ୍ୱେନ ବ୍ରାଭୋଙ୍କ ହାତରେ ଧରାପଡିଥିଲେ। ବଲ୍ ଆଶାନୁରୂପ ବାଉନ୍ସ କରି ନ ଥିଲା ଓ ସେ ଜଲ୍‌ଦି ଖେଳିଥିଲେ ଫଳରେ ବଲ ବ୍ୟାଟ୍‌ର ଠିକ୍ ସଂଯୋଗ ହୋଇ ନ ଥିଲା। ୪ଟି ମ୍ୟାଚ୍‌ରୁ କୋହଲି କ୍ରମାଗତ ୪ଟି ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ପୁଣି ଥରେ ଏହାକୁ ଶତକରେ ପରିଣତ କରିପାରି ନ ଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ସହ କୋହଲି ପଞ୍ଚମ ଉଇକେଟରେ ୪୦ ରନ ସଂଗ୍ରହ କରିଥିଲେ। ମନ୍ଥର ବ୍ୟାଟିଂ ଯୋଗୁ ବେଶ୍ ସମାଲୋଚିତ ହୋଇଥିବା ଧୋନୀ ଏହାକୁ ଦୋହରାଇଥିଲେ। ଧୋନୀ ଷ୍ଟ୍ରାଇକ ରୋଟେଟ କରିବାରେ ବିଫଳ ହୋଇଥିଲେ। ତାଙ୍କ ଇନିଂସରେ ଡଟ୍ ବଲ୍ ସଂଖ୍ୟା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଆଫଗାନିସ୍ତାନ ବିପକ୍ଷରେ ଭାରତ ୧୫୨ଟି ଡଟ୍ ବଲ୍ ଦେଇଥିଲା। ଏହି ମ୍ୟାଚ୍‌ରେ ଭାରତ ୧୬୩ଟି ଡଟ୍ ବଲ୍ ଦେଇଛି। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ଆଉଟ୍ ହେବା ପୂର୍ବରୁ ୩୮ ବଲରୁ ୫ ଚୌକା ସହ ୪୬ ରନ କରି ଦଳର ସ୍କୋରକୁ ଆଗକୁ ବଢାଇଥିଲେ। ପାଣ୍ଡ୍ୟା ଶେଲଡନ କୋଟ୍ରେଲଙ୍କ ବଲକୁ ଘୁରାଇ ମାରିବାକୁ ପ୍ରୟାସ କରିଥିଲେ ମଧ୍ୟ ଡିପ୍ କଭରରେ ଫାବିଏନ ଆଲେନ ହାତରେ ଧରା ପଡିଥିଲେ। ମହମ୍ମଦ ସାମି ଖାତା ଖୋଲିବା ପୂର୍ବରୁ କୋଟ୍ରେଲଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଷଷ୍ଠ ଉଇକେଟରେ ଧୋନୀ ଓ ପାଣ୍ଡ୍ୟା ୬୦ ବଲରୁ ୭୦ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ଧୋନୀ ୨ଟି ଛକା ଓ ଗୋଟିଏ ଚୌକା ମାରି ୧୬ ରନ ସଂଗ୍ରହ କରିଥିଲେ। ଧୋନୀ ୬୧ଟି ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୫୬ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। କୁଲଦୀପ ଖାତା ଖୋଲି ନ ପାରି ଅପରାଜିତ ରହିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ରୋଚ୍ ୩, କୋଟ୍ରେଲ ଓ ହୋଲ୍ଡର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଉଇକେଟ ହାସଲ ପରେ ମହମ୍ମଦ ସାମିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ବିଶ୍ୱକପରେ କ୍ରମାଗତ ୪ ଅର୍ଦ୍ଧଶତକ(ଭାରତୀୟ)

- ନଭଜୋତ ସିଦ୍ଧୁ(୧୯୮୭)
- ସଚିନ ତେନ୍ଦୁଲକର(୧୯୯୬ ଓ ୨୦୦୩)
- ବିରାଟ କୋହଲି(୨୦୧୯)

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୭ | ୬ | ୧ | ୦ | ୦ | ୧୨ | +୦.୯୦୬ |
| **ଭାରତ** | **୬** | **୫** | **୦** | **୦** | **୧** | **୧୧** | **+୧.୧୬୦** |
| ନ୍ୟୁଜିଲାଣ୍ଡ | ୭ | ୫ | ୧ | ୦ | ୧ | ୧୧ | +୧.୦୨୮ |
| ଇଂଲଣ୍ଡ | ୭ | ୪ | ୩ | ୦ | ୦ | ୮ | +୧.୦୫୧ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ପାକିସ୍ତାନ | ୭ | ୩ | ୩ | ୦ | ୧ | ୭ | -୦.୯୭୬ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଦକ୍ଷିଣ ଆଫ୍ରିକା | ୭ | ୧ | ୫ | ୦ | ୧ | ୩ | -୦.୩୨୪ |
| ଆଫଗାନିସ୍ତାନ | ୭ | ୦ | ୭ | ୦ | ୦ | ୦ | -୧.୬୩୪ |

### ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ-ବୋ-ହୋଲ୍ଡର-୪୮
ରୋହିତ-କ-ଶାଇ ହୋପ୍-ବୋ ରୋଚ୍-୧୮
କୋହଲି-କ-ବ୍ରାଭୋ-ବୋ-ହୋଲ୍ଡର-୭୨
ବିଜୟ-କ-ଶାଇ ହୋପ୍-ବୋ-ରୋଚ୍-୧୪
କେଦାର-କ-ଶାଇ ହୋପ୍-ବୋ-ରୋଚ୍-୭
ଧୋନୀ-ନଟ ଆଉଟ-୫୬
ହାର୍ଦ୍ଦିକ-କ-ଫାବିଏନ୍ ଆଲେନ୍- ବୋ-କୋଟ୍ରେଲ-୪୬
ଶାମି-କ-ଶାଇ ହୋପ୍-ବୋ-କୋଟ୍ରେଲ-୦
କୁଲଦୀପ-ନଟଆଉଟ-୦
ଅତିରିକ୍ତ-୭
ମୋଟ (୫୦ ଓଭର, ୭ ଉଇକେଟ) ୨୬୮।
**ଉଇକେଟ ପତନ:** ୧/୨୯, ୨/୯୮, ୩/୧୨୬, ୪/୧୪୦, ୫/୧୮୦, ୬/୨୫୦, ୭/୨୫୨।
**ବୋଲିଂ (ୱେଷ୍ଟଇଣ୍ଡିଜ)**
ଶେଲଡନ୍ କୋଟ୍ରେଲ ୧୦-୦-୫୦-୨
କେମର ରୋଚ୍ ୧୦-୦-୩୬-୩
ଓଶାନେ ଥୋମାସ ୭-୦-୬୩-୦
ଫାବିଏନ୍ ଆଲେନ ୧୦-୦-୫୨-୦
ଜାସନ ହୋଲ୍ଡର ୧୦-୨-୩୩-୨
କାର୍ଲୋସ ବ୍ରାଥ୍‌ୱେଟ୍ ୩-୦-୩୩-୦।

**ୱେଷ୍ଟଇଣ୍ଡିଜ ଇନିଂସ**

କ୍ରିସ୍ ଗେଲ୍-କ-କେଦାର-ବୋ-ଶାମି-୬
ସୁନୀଲ ଆମ୍ବ୍ରିସ-ଏଲବିଡବ୍ଲ୍ୟୁ-ହାର୍ଦ୍ଦିକ-୩୧
ଶାଇ ହୋପ୍-ବୋ-ଶାମି-୫
ପୁରନ-କ-ଶାମି-ବୋ-କୁଲ୍‌ଦୀପ-୨୮
ହେଟମେର-କ-ରାହୁଲ-ବୋ ଶାମି-୧୮
ହୋଲ୍ଡର-କ-କେଦାର-ବୋ-ଚହଲ-୬
ବ୍ରାଥ୍‌ୱେଟ୍-କ-ଧୋନୀ-ବୋ-ବୁମ୍‌ରା-୧
ଫାବିଏନ୍ ଆଲେନ୍-ଏଲବିଡବ୍ଲ୍ୟୁ-ବୁମ୍‌ରା-୦
କେମର ରୋଚ୍-ନଟ୍‌ଆଉଟ୍-୧୪
କୋଟ୍ରେଲ-ଏଲବିଡବ୍ଲ୍ୟୁ-ଚହଲ-୧୦
ଥୋମାସ-କ-ରୋହିତ-ବୋ-ଶାମି-୬
ଅତିରିକ୍ତ-୧୮
ମୋଟ (୩୪.୨ ଓଭର, ଅଲଆଉଟ) ୧୪୩।
ଉଇକେଟ ପତନ: ୧/୧୦, ୨/୧୬, ୩/୭୧, ୪/୮୦, ୫/୯୮, ୬/୧୦୭, ୭/୧୦୭, ୮/୧୧୨, ୯/୧୨୪, ୧୦/୧୪୩।
ବୋଲିଂ (ଭାରତ)
ମହମ୍ମଦ ଶାମି ୬.୨-୦-୧୬-୪
ଯଶପ୍ରୀତ ବୁମ୍‌ରା ୬-୧-୯-୨
ହାର୍ଦ୍ଦିକ ପାଣ୍ଡ୍ୟା ୫-୦-୨୮-୧
କୁଲ୍‌ଦୀପ ଯାଦବ ୯-୧-୩୫-୧
କେଦାର ଯାଦବ ୧-୦-୪-୦
ୟୁଜବେନ୍ଦ୍ର ଚହଲ ୭-୦-୩୯-୨

**ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍**

# 'କୋହଲିଙ୍କ ସହ ବାବର ତୁଳନୀୟ'

**ବର୍ମିଂହାମ, ୨୭।୬(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ରୋମାଞ୍ଚକ ମ୍ୟାଚ୍‌ରେ ବୁଧବାର ପାକିସ୍ତାନ ୬ ଉଇକେଟ୍‌ରେ ଟାଇଟଲ୍ ଦାବିଦାର ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର ଅପରାଜେୟ ଧାରାରେ ପାକିସ୍ତାନ ରୋକ୍ ଲଗାଇବାରେ ସଫଳ ହୋଇଛି। ଏହି ମ୍ୟାଚ୍‌ରେ ଉଦୀୟମାନ ବ୍ୟାଟ୍ସମ୍ୟାନ ବାବର ଆଜମ ଅପରାଜିତ ୧୦୧ ରନର ଶତକୀୟ ଇନିଂସ ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାବରଙ୍କ ଏହି ମ୍ୟାଚ୍ ବିଜୟୀ ଇନିଂସକୁ ଦଳର ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କୁ ଭାରତର ରନ୍ ମେସିନ ବିରାଟ କୋହଲିଙ୍କ ସହ ତୁଳନା କରାଯାଇପାରିବ ବୋଲି କହିଛନ୍ତି। 'ସେ ଜଣେ ସ୍ୱତନ୍ତ୍ର ଖେଳାଳି। ପାକିସ୍ତାନରୁ ସୃଷ୍ଟି ହୋଇଥିବା ଖେଳାଳିଙ୍କ ମଧ୍ୟରେ ସେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି। ମୋତେ ଲାଗୁଛି ସେ ଗ୍ରାଉଣ୍ଡରେ ପାଦ ରଖିସାରିଛନ୍ତି ମାନେ ତାଙ୍କ କ୍ୟାରିୟର ବହୁତ ଉଜ୍ଜ୍ୱଳ ରହିବ। ସେ ବିରାଟଙ୍କ ପରି ଭୋକିଲା ରହିଛନ୍ତି। ଭବିଷ୍ୟତରେ ସେ ବିରାଟଙ୍କ ସହ ବରାବର୍ ହୋଇପାରିବେ' ବୋଲି ଫ୍ଲାୱାର କହିଛନ୍ତି।



ବିଶ୍ୱକପ୍ ଟ୍ରଫି ସହ ଦୁଇ କ୍ରିକେଟ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜର କ୍ଲାଇବ୍ ଲୟଡ ଓ ଭାରତର ଫାରୁଖ ଇଞ୍ଜିନିୟର।



ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଭାରତୀୟ ପ୍ରଶଂସକଙ୍କ ଭିଡ଼।

# ନିଶ୍ଚିତ ବିଜୟ ଲକ୍ଷ୍ୟରେ ଶ୍ରୀଲଙ୍କା

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୭।୬ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଶୁକ୍ରବାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଦକ୍ଷିଣ ଆଫ୍ରିକା ଓ ଏସୀୟ ରାଷ୍ଟ୍ର ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଶ୍ରୀଲଙ୍କା ଏହାର ପୂର୍ବ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡକୁ ରୋମାଞ୍ଚକ ଭାବେ ୨୦ ରନରେ ପରାସ୍ତ କରି ସେମିଫାଇନାଲ ଦୌଡ଼ରେ ସାମିଲ ହୋଇଥିଲା। ଅନ୍ତିମ-୪'ରେ ପ୍ରବେଶ ଆଶା ଉଜ୍ଜୀବୀତ ରଖିବା ପାଇଁ ହେଲେ ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ହେଉଛି। ଶ୍ରୀଲଙ୍କା ୬ ମ୍ୟାଚ୍‌ରୁ ୨ଟି ଲେଖାଏ ବିଜୟ, ପରାଜୟ ଓ ବିନାଫଳ ସହ ୬ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହିଛି। ୧୯୯୬ ଚାମ୍ପିୟନ ସିଂହଳୀ ଦଳ ଏହାର ଅନ୍ତିମ ୩ ମ୍ୟାଚ୍ ଜିତିପାରିଲେ ସେମିଫାଇନାଲରେ ସ୍ଥାନ ପକ୍କା କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ଗତ ସଂସ୍କରଣର ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସରେ ଏହାର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଛି। ଫାଫ୍ ଡୁପ୍ଲେସିସଙ୍କ ଦଳ ଏହାର ପୂର୍ବ ମ୍ୟାଚ୍‌ରେ ପାକିସ୍ତାନ ନିକଟରୁ ୪୯ ରନରେ ପରାସ୍ତ ହେବା ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୧ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୩ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବା ଆଫଗାନିସ୍ତାନର ଉପରେ ରହିଛି। ସେମିଫାଇନାଲରୁ ବାଦ୍ ପଡ଼ି ସାରିଥିବାରୁ ଦକ୍ଷିଣ ଆଫ୍ରିକା ଏବେ ସମ୍ମାନ ରକ୍ଷା ଲାଗି ଖେଳିବ।

**ଦକ୍ଷିଣ ଆଫ୍ରିକା-୩, ଶ୍ରୀଲଙ୍କା-୧:** ଉଭୟ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବର୍ତ୍ତମାନ ସୁଦ୍ଧା କ୍ରିକେଟ୍‌ର ମହାକୁମ୍ଭରେ ପରସ୍ପର ବିପକ୍ଷରେ ୫ଥର ଖେଳିଛନ୍ତି। ସେଥିମଧ୍ୟରୁ ଦକ୍ଷିଣ ଆଫ୍ରିକା ୩ ଓ ଶ୍ରୀଲଙ୍କା କେବଳ ଗୋଟିଏ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରିଛି। ଗୋଟିଏ ମ୍ୟାଚ୍‌ର ଟାଇରେ ସମାପ୍ତ ହୋଇଥିଲା।

**ଭେନ୍ୟୁ ଷ୍ଟାଟସ୍:** ସ୍ଥାନୀୟ ରିଭରସାଇଡ୍ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ଦଳର ଆଭରେଜ ସ୍କୋର ୨୪୩ ରନ ଏବଂ ୨ୟ ବ୍ୟାଟିଂ କରୁଥିବା ଦଳର ଆଭରେଜ ସ୍କୋର ୧୮୦ ରନ୍ ରହିଛି। ଘରୋଇ ଇଂଲଣ୍ଡ (୩୧୪/୪) ନାମରେ ଏହି ଗ୍ରାଉଣ୍ଡରେ ସର୍ବାଧିକ ଦଳଗତ ସ୍କୋର ଲିପିବଦ୍ଧ ରହିଛି। ସେହିଭଳି ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ଏଠାରେ ମାତ୍ର ୯୯ ରନରେ ଅଲ୍‌ଆଉଟ୍ ହୋଇଥିଲା, ଯାହାକି ସର୍ବନିମ୍ନ ଦଳଗତ ସ୍କୋରର ରେକର୍ଡ ବହନ କରୁଛି।




### ଆଜିର ମ୍ୟାଚ୍

**ଶ୍ରୀଲଙ୍କା**
ବନାମ
**ଦକ୍ଷିଣ ଆଫ୍ରିକା**

ସ୍ଥାନ: ମାଞ୍ଚେଷ୍ଟର
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଆଫଗାନିସ୍ତାନ ଦଳରେ ଶିର୍‌ଜାଦ




ଲିଡ୍ସ, ୨୭।୬ (ପି.ଟି.)- ଚଳିତ ଆଇସିସି ବିଶ୍ୱକପ୍‌ରେ ଆଫଗାନିସ୍ତାନର ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ଅଫତାବ ଆଲାମ ବାଦ୍ ପଡ଼ିଥିବାବେଳେ ତାଙ୍କ ସ୍ଥାନରେ ବାମହାତୀ ମିଡିୟମ ପେସ୍ ବୋଲର ସୟେଦ ଅହମ୍ମଦ ଶିର୍‌ଜାଦଙ୍କୁ ଦଳରେ ସ୍ଥାନ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରିଦିଆଯାଇଛି। ଏକ ବିଶେଷ ପରିସ୍ଥିତିରେ ଆଲାମଙ୍କ ସ୍ଥାନରେ ଶିରଜାଦଙ୍କୁ ନିଆଯାଇଥିବା ଆଇସିସି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ୨୦୧୯ର ଇଭେଣ୍ଟ ଟେକ୍‌ନିକାଲ କମିଟି ଦ୍ୱାରା ଏହା ଅନୁମୋଦନ ଲାଭ କରିଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ଖେଳିସାରିଥିବା ସମସ୍ତ ୭ଟି ଗେମ୍‌ରେ ପରାଜୟ ସହ ବିଶ୍ୱକପ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ସମ୍ମାନ ରକ୍ଷା ପାଇଁ ଏହି ଦଳ ଶନିବାର ପାକିସ୍ତାନ ଏବଂ ଜୁଲାଇ ୪ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ।

### ପୂର୍ବତନ ବେଙ୍ଗଲ ରଣ୍‌ଜୀ ଅଧିନାୟକଙ୍କ ପରଲୋକ

କୋଲକାତା, ୨୭।୬(ପି.ଟି.)-ବେଙ୍ଗଲ ରଣ୍‌ଜୀ ଦଳର ପୂର୍ବତନ ଅଧିନାୟକ ଶ୍ୟାମ ସୁନ୍ଦର ମିତ୍ରଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ହାର୍ଟଜନିତ ସମସ୍ୟା ଦେଇ ଗତି କରୁଥିଲେ। ସଲ୍ଟଲେକ୍‌ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଗୁରୁବାର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ କୁହାଯାଇଛି। ଏସ୍‌ଏସ୍ ନାମରେ ବେଶ୍ ପରିଚିତ ଲାଭ କରିଥିବା ଶ୍ୟାମ କ୍ୟାରିୟରରେ ମୋଟ୍ ୫୯ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବାବେଳେ ୫୦.୧୩ ଆଭରେଜରେ ରନ୍ ସଂଗ୍ରହ କରିଥିଲେ। ୧୫୫ ରନ୍ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ରହିଥିଲା। ୧୯୬୦ଦଶକରେ କେତୋଟି ସାହସିକ ଇନିଂସ ଖେଳିଥିଲେ ମଧ୍ୟ ମିତ୍ରାଙ୍କୁ କେବେ ବି ଭାରତୀୟ ଦଳ ପାଇଁ ଚୟନ କରାଯାଇ ନ ଥିଲା। ମିତ୍ର ଭାରତର ପ୍ରମୁଖ ଦଳଗୁଡ଼ିକ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ରାଜନୀତିର ଶିକାର ହୋଇ ଜାତୀୟ ଦଳ ପକ୍ଷରୁ ଖେଳିବାରୁ ବଞ୍ଚିତ ହୋଇଥିଲେ ବୋଲି ରାଜୁ ମୁଖାର୍ଜୀ ତାଙ୍କ ପୁସ୍ତକ 'ଇଡେନ ଗାର୍ଡେନ୍ସ: ଲିଜେଣ୍ଡ ଆଣ୍ଡ୍ ରୋମାନ୍ସ'ରେ ଉଲ୍ଲେଖ କରିଛନ୍ତି।

> ବୁଧବାର ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ଦ୍ୱାରା ଆମେ ଅବଶିଷ୍ଟ ମ୍ୟାଚ ଜିତି ବିଶ୍ୱକପ୍ ସେମିରେ ପ୍ରବେଶ କରିପାରିବୁ ବୋଲି ଆଶା କରୁଛୁ।
> —ବାବର ଆଜମ, ପାକିସ୍ତାନ କ୍ରିକେଟର



> ବର୍ମିଂହାମଠାରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ଆମ ବିଶ୍ୱକପ୍ ଅଭିଯାନ ପଥଭ୍ରଷ୍ଟ ହୋଇନାହିଁ।
> —ଜିମ୍ମି ନିଶାମ, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର



# ଆର୍ଥିକ ସଂକଟରେ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ, ୨୭।୬ (ପି.ଟି.)




କମର୍ସିଆଲ ପାର୍ଟନର ଆଇଏମ୍‌ଜି-ରିଲାଏନ୍ସ ଉପରେ ୨୫ କୋଟି ଟଙ୍କା ବାକି ପଡ଼ିଥିବାରୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବେ ଆର୍ଥିକ ସଂକଟ ଦେଇ ଗତି କରୁଛି। ଖବର ଅନୁସାରେ ମହାସଂଘର କମର୍ସିଆଲ ପାର୍ଟନର ଶେଷ ଦୁଇ କ୍ୱାର୍ଟର ପର୍ଯ୍ୟାୟ ରାଶି ବାକି ରଖିଛି। ଏହି କାରଣରୁ ଆଇ-ଲିଗ୍ ବିଜେତା ଚେନ୍ନାଇ ସିଟିକୁ ଏପର୍ଯ୍ୟନ୍ତ ପୁରସ୍କାର ରାଶି ବାବଦରେ ୧ କୋଟି ଟଙ୍କା ଦିଆଯାଇ ପାରିନାହିଁ। ଏହାଛଡ଼ା ରେଫରିଙ୍କ ପାଉଣା ଏବଂ ଯାତାୟାତ ବାବଦରେ ଖର୍ଚ୍ଚ ଭରଣା କରାଯାଇ ପାରୁନାହିଁ। ରିଲାଏନ୍ସ ସ୍ପୋର୍ଟ୍ସ ସିଇଓ ସୁନ୍ଦର ରମଣ ଏଆଇଏଫ୍‌ଏଫ୍‌ର ଏକ କମିଟିର ଜଣେ ସଦସ୍ୟ ମଧ୍ୟ ରହିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ ଲାଗି ବାରମ୍ବାର ଚେଷ୍ଟା ସତ୍ତ୍ୱେ ସମ୍ଭବ ହୋଇ ପାରିନାହିଁ। ୨୦୧୦ରେ ଏଆଇଏଫ୍‌ଏଫ୍ ଏବଂ ଆଇଏମ୍‌ଜି ରିଲାଏନ୍ସ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ମହାସଂଘ ଏହାର କମର୍ସିଆଲ ପାର୍ଟନରଠାରୁ ବାର୍ଷିକ ୫୦ କୋଟି ଟଙ୍କା ପାଇବା କଥା। ମାତ୍ର ଶେଷ ଦୁଇ କ୍ୱାର୍ଟର ପେମେଣ୍ଟ ନ ମିଳିଥିବାରୁ ମହାସଂଘ ଆଇ-ଲିଗ୍ କ୍ଲବଗୁଡ଼ିକୁ ପୁରସ୍କାର ରାଶି ବାବଦରେ ୨.୫କୋଟି ଟଙ୍କା ଦେଇପାରୁନାହିଁ। ଏହାଛଡ଼ା ଯାତାୟାତ ଖର୍ଚ୍ଚ ଓ ସବ୍‌ସିଡି ସମେତ ଅନ୍ୟାନ୍ୟ ଖର୍ଚ୍ଚବାବଦରେ ମୋଟ ୪କୋଟି ଟଙ୍କା ଦିଆଯାଇ ନ ପାରି ବାକି ପଡ଼ିଥିବା ଏଆଇଏଫ୍‌ଏଫ୍‌ର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଜାନୁୟାରୀଠାରୁ କ୍ୱାର୍ଟରଲୀ ପ୍ରାପ୍ୟ ମିଳି ନାହିଁ। କ୍ଲବଗୁଡ଼ିକ ସେମାନଙ୍କ ପାଉଣା ପାଇବା ଲାଗି ମେଲ୍ କରୁଛନ୍ତି। ମିନର୍ଭା ପଞ୍ଜାବ ଦୈନିକ ଚିଠି କରୁଥିବା ସେ କହିଛନ୍ତି। ଚେନ୍ନାଇ ସିଟି ସିଇଓ ରୋହିତ ରମେଶ ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରିଛନ୍ତି। ଚେନ୍ନାଇ ସିଟି ୩ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଚାମ୍ପିୟନ ହୋଇସାରିଲାଣି। ମୁଁ ଇ-ମେଲ ଜରିଆରେ ପୁରସ୍କାର ରାଶି ପାଇଁ ଅନୁରୋଧ କରିସାରିଛି। ମାତ୍ର ଏଆଇଏଫ୍‌ଏଫ୍‌ରୁ କୌଣସି ଜବାବ ମିଳିନାହିଁ ବୋଲି ରମେଶ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଶେଷରେ ବିଜେତା ଭାବେ ଆମକୁ ୧କୋଟି ଟଙ୍କାର ଏକ ଲମ୍ବା ଚେକ୍ ଧରାଇ ଦିଆଯାଇଥିଲା। ମାତ୍ର ଆମକୁ ଟଙ୍କା ମିଳିନାହିଁ। ଆଇଏମ୍‌ଜି-ରିଲାଏନ୍ସ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ)ର ପ୍ରମୋଟର ମଧ୍ୟ ରହିଛି। ସୁପର ଲିଗ୍‌ରୁ ଓହରିଯାଇଥିବା ଆଇ-ଲିଗ୍ କ୍ଲବଗୁଡ଼ିକ ଉପରେ ବହୁ ପରିମାଣରେ ଆର୍ଥିକ ଜରିମାନା ହେଉ ବୋଲି ଏହି ସଂସ୍ଥା ଚାହୁଁଛି। ଏ ବାବଦରେ ଏଆଇଏଫ୍‌ଏଫ୍ ବିପୁଳ ରାଶି ସଂଗ୍ରହ କରିପାରିବ। ଏହାଛଡ଼ା ଆଇଏସ୍‌ଏଲ୍‌କୁ ମୁଖ୍ୟ ଲିଗ୍ ବୋଲି ଘୋଷଣା କରାଯିବା ଲାଗି ଏହି ସଂସ୍ଥା ଅଡ଼ି ବସିଛି। ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ବୈଠକ ଜୁଲାଇ ୩ରେ ବସିବ। ଏହା ରବରଷ୍ଟାମ୍ପ ଭଳି କାର୍ଯ୍ୟକରୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ପ୍ରସଙ୍ଗ ନେଇ ମିନର୍ଭା ପଞ୍ଜାବ ଏଫ୍‌ସିର ଏଆଇଏଫ୍‌ଏଫ୍ ସହ ଛକାପଞ୍ଝା ଚାଲିଛି।

## ଓଡ଼ିଶା ବାହୁକୁସ୍ତି ଦଳର ସଫଳତା



ପଦକ ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୨୭।୬ (ସ୍ପୋର୍ଟ୍ସ ବ୍ୟୁରୋ) ଛତିଶଗଡ଼ର ଭିଲାଇଠାରେ ୪୩ତମ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ୯୦କେଜି ସିନିୟର ପୁରୁଷ ବିଭାଗରେ ପ୍ରମୋଦ ମୁଖୀ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ପ୍ରତାପ ଷଡ଼ଙ୍ଗୀ ୬୫କେଜି ବିଭାଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଚନ୍ଦନ ବେହେରା ଭିନ୍ନକ୍ଷମ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ସହ ଶ୍ରେଷ୍ଠ ଖେଳାଳି ଏବଂ ସୋମନାଥ ପାତ୍ର ୮୦କେଜି ବାମହାତୀ ପୁରୁଷ ସିନିୟର ବିଭାଗରେ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶାର ୩୦ଜଣିଆ ଦଳ ଗସ୍ତ କରିଥିଲା। ଦଳ ସହିତ ଓଡ଼ିଶା ବାହୁକୁସ୍ତି ଆସୋସିଏଶନ ସାଧାରଣ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ମ୍ୟାନେଜର ସାଗର ନାୟକ, କୋଚ୍ ସୁମିତ ରାଜ୍ ଏବଂ ସନ୍ତୋଷ ଦାସ ପ୍ରମୁଖ ଭିଲାଇ ଯାଇଥିଲେ।

## ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ



ବ୍ରୋଞ୍ଜ ପଦକ ବିଜୟିନୀ ପ୍ରତ୍ୟାଶା ରୟ (ଉପରୁ ଡାହାଣ)

ଭୁବନେଶ୍ୱର, ୨୭।୬(କ୍ରୀଡ଼ା ପ୍ରତିନିଧୀ) ଓଡ଼ିଶାର ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରୟଙ୍କୁ ଗୁରୁବାର ଆଉଏକ ସଫଳତା ମିଳିଛି। ଗୁଜରାଟର ରାଜକୋଟଠାରେ ଚାଲିଥିବା ୩୬ତମ ଜାତୀୟ ସବ୍‌ଜୁନିୟର ସନ୍ତରଣ ଚାମ୍ପିୟନଶିପର ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୋଆର ଶୃଙ୍ଗି ରାଜେଶ ବନ୍ଦେକର ସ୍ୱର୍ଣ୍ଣ ଓ କର୍ଣ୍ଣାଟକର ସୁଭନା ସି. ବାସ୍କର ରୌପ୍ୟ ପଦକ ଲାଭ କରିଛନ୍ତି। ଏହି ଇଭେଣ୍ଟରେ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖ: ରୁଟ୍

ବର୍ମିଂହାମ, ୨୭।୬(ପି.ଟି.)

ଆସନ୍ତା ରବିବାର ଏଠାରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋ ରୁଟ୍ ସାଥୀ ଖେଳାଳିମାନଙ୍କୁ କିଛିଟା ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ସେ କହିଛନ୍ତି। ଯଦି ଏହି ମ୍ୟାଚ୍‌ରେ ଭାରତଠାରୁ ଇଂଲଣ୍ଡ ପରାସ୍ତ ହୁଏ ତାହେଲେ ଟୁର୍ନାମେଣ୍ଟରୁ ବାଦ୍ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଟୁର୍ନାମେଣ୍ଟରେ ଜବରଦସ୍ତ ଆରମ୍ଭ କରିଥିଲେ ମଧ୍ୟ ଇଂଲଣ୍ଡ କ୍ରମାଗତ କେତୋଟି ପରାଜୟ ବରଣ କରି ବିପଦରେ ପଡିଛି। ଶ୍ରୀଲଙ୍କାଠାରୁ ହାରିବା ପରେ ଇଂଲଣ୍ଡ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଇଂଲଣ୍ଡ ଏବେ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଆଗକୁ ଇଂଲଣ୍ଡ ଭାରତ ଓ ପରେ ନ୍ୟୁଜିଲାଣ୍ଡକୁ ଭେଟିବ। ତେଣୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଇଂଲଣ୍ଡକୁ ଏହି ଦୁଇଟି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଏହି ଦୁଇଟି ମ୍ୟାଚ୍‌ରେ ଆମକୁ ଶାନ୍ତ ରହିବାକୁ ହେବ। ଏଜବାଷ୍ଟନ ଗ୍ରାଉଣ୍ଡରେ ପରିବେଶ ବେଶ୍ ରୋମାଞ୍ଚକ ରହିବ। ତେଣୁ ଖେଳାଳିମାନଙ୍କୁ ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ହେବ ବୋଲି ଟେଷ୍ଟ ଅଧିନାୟକ ରୁଟ୍ କହିଛନ୍ତି। ଆମେ ଏବେ ମଧ୍ୟ ସେମିଫାଇନାଲକୁ ଉଠିବାର ଦକ୍ଷତା ରଖିଛୁ। ଭାରତ ଓ ନ୍ୟୁଜିଲାଣ୍ଡକୁ ହରାଇପାରିଲେ ଆମେ ସେମିଫାଇନାଲକୁ ଉଠିବୁ। ଏହି ଦୁଇଟି ମ୍ୟାଚ୍ ଆମ ପାଇଁ କ୍ୱାର୍ଟର ଫାଇନାଲ ସଦୃଶ ହୋଇଛି। ଟୁର୍ନମେଣ୍ଟରେ କେବେ ନା କେବେ ବଡ଼ ମ୍ୟାଚ୍ ବା ନକ୍ ଆଉଟ ମ୍ୟାଚ୍ ଖେଳିବାକୁ ହୋଇଥାଏ। ଆମକୁ କେବଳ ଭଲ ପ୍ରଦର୍ଶନ କରିବାକୁ ହେବ। ରବିବାର ବର୍ମିଂହାମ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବେ। ତେଣୁ ଘରୋଇ ପରିବେଶରେ ଖେଳୁଥିଲେ ମଧ୍ୟ ଆମେ ଚାପରେ ରହିବୁ ଓ ନିଜ ଦର୍ଶକଙ୍କ ଉପସ୍ଥିତି ଭାରତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ ବୋଲି ରୁଟ୍ ସ୍ୱୀକାର କରିଛନ୍ତି।



## ଭୁବନେଶ୍ୱରରେ ଇସାକ ଦୋରୁ

ଭୁବନେଶ୍ୱର, ୨୭।୬(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ବୈଷୟିକ ନିର୍ଦ୍ଦେଶକ ଇସାକ ଦୋରୁ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ପକ୍ଷରୁ ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ଏଆଇଏଫଏଫ ଉନ୍ନୟନ ଅଧିକାରୀ ଶୁଭାଶିଷ ବେହେରା ସ୍ୱାଗତ କରିଥିଲେ। ଦୋରୁ ଭୁବନେଶ୍ୱରରେ ଜୁଲାଇ ୨ ପର୍ଯ୍ୟନ୍ତ ରହିବେ। ଏହି ଅବସରରେ ସେ ଏଠାରେ ଚାଲିଥିବା ୧୬ ଓ ୧୯ ବର୍ଷରୁ କମ୍ ଜାତୀୟ କ୍ୟାମ୍ପ ଅନୁଧ୍ୟାନ କରିବେ। ଓଡ଼ିଶାରେ ରହଣି ସମୟରେ ସେ ଫାଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ ଏବଂ କଟକ ଯାଇ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।



ଇସାକ ଦୋରୁ (ଡାହାଣ)।

## ଇଂଲଣ୍ଡକୁ ହଟାଇ ଶୀର୍ଷରେ ଭାରତ

ମାଞ୍ଚେଷ୍ଟର, ୨୭।୬(ପି.ଟି.)

ବିଶ୍ୱକପ୍‌ର ଏକ ମୁକାବିଲାରେ ଭାରତ ଓ ଆୟୋଜକ ଇଂଲଣ୍ଡ ପରସ୍ପରକୁ ଜୁନ୍ ୩୦ରେ ଭେଟିବାକୁ ଯାଉଛନ୍ତି। କିନ୍ତୁ ଏହାର ୩ ଦିନ ପୂର୍ବରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଇଂଲଣ୍ଡକୁ ହଟାଇ ଭାରତ ଶୀର୍ଷ ସ୍ଥାନ ଦଖଲ କରିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ବିରାଟ କୋହଲିଙ୍କ ଦଳ ୧୨୩ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ବିଶ୍ୱକପ୍ ଆୟୋଜକ ଇଂଲଣ୍ଡ (୧୨୨) ଓ ନ୍ୟୁଜିଲାଣ୍ଡ (୧୧୪) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ପ୍ରଥମ ଦଳ ଭାବେ ଚଳିତ ବିଶ୍ୱକପ୍ ସେମିଫାଇନାଲରେ ସ୍ଥାନ ପକ୍କା କରିଥିବା ଅଷ୍ଟ୍ରେଲିଆ ୧୧୨ ପଏଣ୍ଟ ସହ ୪ର୍ଥ ସ୍ଥାନ ଲାଭ କରିଛି।

## ବିଜୟ ଜାତୀୟ ସାଇକ୍ଲିଂ ଫେଡେରେଶନର ଯୁଗ୍ମ ସମ୍ପାଦକ

କଟକ ଅଫିସ, ୨୭।୬

ସାଇକ୍ଲିଂ ଫେଡେରେଶନ ଅଫ ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ପରିଷଦ ବୈଠକ ଗତ ୨୩ ତାରିଖରେ ଚଣ୍ଡୀଗଡ଼ର ମୋହାଲିଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସଭାପତି ମିନତୀ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ରାଉତ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ବିଜୟ ଫେଡେରେଶନର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଲଗାତାର ୩ୟ ଥର ବିଜୟ ଏହି ପଦବୀ ବଜାୟ ରଖିଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ପକ୍ଷରୁ ବିଜୟଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଦୁର୍ଘଟଣାରେ ବକ୍ସର ନୀରଜ ଆହତ

ନୂଆଦିଲ୍ଲୀ, ୨୭।୬(ପି.ଟି.)

ଭାରତୀୟ ପ୍ରଫେଶନାଲ ବକ୍ସର ନୀରଜ ଗୋୟାତ ଏକ କାର୍ ଦୁର୍ଘଟଣାରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଫଳରେ ଆସନ୍ତା ମାସରେ ବ୍ରିଟିଶ ଷ୍ଟାର ବକ୍ସର ଅମିର ଖାଁଙ୍କ ବିପକ୍ଷ ଡବ୍ଲୁବିସି ପର୍ଲ ୱାର୍ଲ୍ଡ ଚାମ୍ପିୟନଶିପ୍ ମୁକାବିଲାରୁ ସେ ଓହରିଯିବାକୁ ବାଧ ହୋଇଛନ୍ତି। ଖବର ଅନୁସାରେ ମଙ୍ଗଳବାର ରାତିରେ ହରିୟାଣାର ଏହି ୨୭ ବର୍ଷୀୟ ବକ୍ସର ଏହି ମେଗା ଫାଇଟ୍ ପାଇଁ ଟ୍ରେନିଂ ଶେଷ କରି ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡ, ମୁହଁ ଏବଂ ବାମ ହାତରେ ଗୁରୁତର ଆଘାତ ଲାଗିଛି। ଆମେ ତାଙ୍କର ଦ୍ରୁତ ଆରୋଗ୍ୟକାମନା କରୁଛୁ ବୋଲି ସୁପର ବକ୍ସିଂ ଲିଗ୍ ପ୍ରମୋଟର ବିଲ୍ ଡୋସାଞ୍ଜ୍ ପ୍ରକାଶ କରିଛନ୍ତି। ନୀରଜ ଜୁଲାଇ ୧୨ରେ ସୌଦି ଆରବର ଜେଦାହଠାରେ ଦୁଇଥର ବିଶ୍ୱ ଚାମ୍ପିୟନ ଅମୀରଙ୍କ ସହିତ ଡବ୍ଲୁବିସି ପର୍ଲ ୱାର୍ଲ୍ଡ ଚାମ୍ପିୟନଶିପ୍ ବାଉଟ୍ ଲଢିବାର କାର୍ଯ୍ୟକ୍ରମ ରହିଥିଲା। ବର୍ତ୍ତମାନ ନୀରଜଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ୱାର୍ଲ୍ଡ ଫିଦରୱେଟ୍ ଚାମ୍ପିୟନ ୩୩ ବର୍ଷୀୟ ବିଲି ବିବ୍ ଅମୀରଙ୍କ ସହିତ ମୁକାବିଲା କରିବେ। ବିଲି ବିବ୍ ଦୁଇଥର ବିଶ୍ୱ ଚାମ୍ପିୟନ ମଧ୍ୟ।

## ଆଇଓସି ସଦସ୍ୟ ଭାବେ ବାତ୍ରା ନିର୍ବାଚିତ

ଲାଉସାନେ, ୨୭।୬ (ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଜଣେ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଏଠାରେ ଆଇଓସି ସେସନ ବେଳେ ସେ ସମ୍ମାନଜନକ ଆସନ ପାଇଁ ନିର୍ବାଚିତ ହୋଇଛନ୍ତି। ମୋଟ ୬୨ଟି ଭୋଟ୍‌ରୁ ସେ ୫୮ଟି ଭୋଟ ପାଇଥିବାବେଳେ ୪ଟି ତାଙ୍କ ବିପକ୍ଷରେ ଯାଇଥିଲା। ଏକ ଜାତୀୟ ଅଲିମ୍ପିକ କମିଟି ଆଇଓଏର ମୁଖ୍ୟ ହେବା ସହ ଆଇଓସି ସଦସ୍ୟ ହୋଇଛନ୍ତି। ଏଥିସହିତ ଏକ ଅଲିମ୍ପିକ କ୍ରୀଡ଼ାର ଅନ୍ତର୍ଜାତୀୟ ମହାସଂଘ ଏଫଆଇଏଚ(ଅନ୍ତର୍ଜାତୀୟ ହକି ମହାସଂଘ)ର ସେ ମୁଖ୍ୟ ଅଛନ୍ତି।

ଏହା ଦ୍ୱାରା ବାତ୍ରା ଏକ ବିରଳ ପ୍ରତିଷ୍ଠା ଲାଭ କରିଛନ୍ତି। ଏଭଳି ଗୌରବ ଅର୍ଜନ କରିବାରେ ସେ ପ୍ରଥମ ଭାରତୀୟ। ବାତ୍ରା ନିର୍ବାଚିତ ହେବା ଦ୍ୱାରା ଆଇଓସିରେ ସକ୍ରିୟ ଭାରତୀୟ ସଦସ୍ୟଙ୍କ ସଂଖ୍ୟା ଦୁଇକୁ ବୃଦ୍ଧି ପାଇଛି। ରିଲାଏନ୍ସ ଫାଉଣ୍ଡେଶନ ଅଧ୍ୟକ୍ଷା ନୀତା ଅମ୍ବାନୀ ୨୦୧୬ରେ ଆଇଓସିର ଜଣେ ବ୍ୟକ୍ତିଗତ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମ୍ମାନଜନକ ଆସନ ହାସଲ କରିବାରେ ସେ ପ୍ରଥମ ଭାରତୀୟ ମହିଳା ହୋଇଥିଲେ।








# ଜିଲା ନିୟୋଜନ କାର୍ଯ୍ୟାଳୟରେ ନିଯୁକ୍ତି କାର୍ଯ୍ୟକ୍ରମ



ନିଯୁକ୍ତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପରୀକ୍ଷାର୍ଥୀମାନେ।

**ଢେଙ୍କାନାଳ ଅଫିସ, ୨୭।୬**

ଜିଲା ନିୟୋଜନ କାର୍ଯ୍ୟାଳୟ ପରିସରରେ ଆଦର୍ଶ ବୃତ୍ତି ପରାମର୍ଶ କେନ୍ଦ୍ର ବିଭାଗ ଦ୍ୱାରା ଭୁବନେଶ୍ୱର ରିଲାଏନ୍ସ ଜିଓ କମ୍ପାନୀ ସହଯୋଗରେ ଗୁରୁବାର ନିଯୁକ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୭ଜଣ ଯୁବତୀଯୁବକ ଭାଗ ନେଇଥିଲେ। ସମସ୍ତଙ୍କ ଅନ୍‌ଲାଇନ ପରୀକ୍ଷା କରାଯାଇଥିଲା।

ଜିଓ ପଏଣ୍ଟ ଆସିଷ୍ଟାଣ୍ଟ ମ୍ୟାନେଜର ଟ୍ରେନିଂ ପାଇଁ ଅନ୍‌ଲାଇନ୍‌ରେ ପରୀକ୍ଷା ଦେଇଥିବା ୪୬ ଜଣଙ୍କ ମଧ୍ୟରୁ ୩୦ଜଣ ସାକ୍ଷାତ୍‌କାର ଲାଗି ମନୋନୀତ ହୋଇଥିଲେ। ଜିଗା ଫାଇବର ଇଞ୍ଜିନିୟର ପଦବୀ ପାଇଁ ଡିପ୍ଲୋମା ଇଲେକ୍ଟ୍ରିକାଲ ପରୀକ୍ଷାରେ ୧୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସମସ୍ତେ ପରବର୍ତ୍ତୀ ସାକ୍ଷାତ୍‌କାର ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ପିଲାଙ୍କ ସାକ୍ଷାତ୍‌କାର ପରୀକ୍ଷା ଢେଙ୍କାନାଳ ଜିଓ ସେଣ୍ଟରରେ ଅନୁଷ୍ଠିତ ହେବ। ଆଗାମୀ ଦିନରେ ବିଭିନ୍ନ କମ୍ପାନୀ ସହ ଯୋଗାଯୋଗ କରାଯାଇ ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ ସୂଚନା ଦେଇଛନ୍ତି।

ରିଲାଏନ୍ସ ଜିଓ ପକ୍ଷରୁ ମାନବ ସମ୍ବଳ ବିଭାଗର ମ୍ୟାନେଜର ବିଶ୍ୱଜିତ୍ ମହାନ୍ତି, ତୁଷାର ମିଶ୍ର ପରୀକ୍ଷା ପରିଚଳନା କରିଥିଲେ। ଆଦର୍ଶ ବୃତ୍ତି ପରାମର୍ଶ କେନ୍ଦ୍ର ଯୁବ ପେସାଦାର ପ୍ରଜ୍ଞାକୁମାରୀ, କାଉନସିଲର ଶିବାଙ୍ଗୀ ମହାନ୍ତି, ଇତିଶ୍ରୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ଭୁବନ, ୨୭।୬(ଡି.ଏନ.ଏ.)**


ଭୁବନ ଥାନା ପ୍ରହରାଜପୁର ଗ୍ରାମର ରମେଶ ମାରିକଙ୍କ ସ୍ତ୍ରୀ ଅନିତାଙ୍କୁ ବିଜୟ ଦେହୁରୀ ଗୁରୁବାର ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରମେଶ ଅଭିଯୋଗରେ ଦର୍ଶାଇଛନ୍ତି, ଅନିତା ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଉଥିବାବେଳେ ବିଜୟ କାଠ ଫାଳିଆରେ ନିସ୍ତୁକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ନଂ. ୧୯୧/୧୯ ଏବଂ ଏସ୍‌ଏସି ଆକ୍ଟରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।




# ବଜ୍ରପାତରେ ଛାତ୍ର ଗୁରୁତର

**ଭୁବନ, ୨୭।୬(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ଥାନା ପୁବୋଳ ଗ୍ରାମର ୧୦ମ ଶ୍ରେଣୀ ଛାତ୍ର ପ୍ରକାଶ ନାଏକ (୧୫) ଗୁରୁବାର ଅପରାହ୍ନରେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସ୍କୁଲରୁ ଫେରିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ସେ ରାସ୍ତାରେ ଚେତାଶୂନ୍ୟ ହୋଇପଡ଼ିଯାଇଥିଲେ। ପରିବାର ଲୋକେ ୧୦୮କୁ ଯୋଗାଯୋଗ କରି ନିରାଶ ହୋଇଥିଲେ। ପରେ ଏକ ବୋଲେରୋ ସହାୟତାରେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. *Terms & conditions apply. +As per cumulative dispatch numbers as on September, 2018. This benefit is available for a limited period only. Taxes as applicable will be levied. **For more information contact your nearest Hero dealership.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.

ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍‌ସ - 270394.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ